

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୮ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 DECEMBER 2021
Vol.No. 32 ■ No. 313 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନାଗାଲାଣ୍ଡ ସରକାରକୁ ଜବାବ ମାଗିଲା ଏନଏଚଆରସି



ନୂଆଦିଲ୍ଲୀ,୦୭/୧୨: ନାଗାଲାଣ୍ଡ ଗୁଳିକାଣ୍ଡ ଘଟଣା ପରେ ସାରା ଦେଶରେ ଏହାକୁ ତୀବ୍ର ନିନ୍ଦା କରାଯାଉଛି । ରାଜ୍ୟରୁ ଆଫ୍ସା ହଟାଇବା ପାଇଁ ଦାବି ଜୋର ଧରିଛି । ସୋମବାର ସାଧାରଣ ଲୋକମାନେ ଏହି ଆଇନକୁ ହଟାଇବାକୁ ଦାବି କରିଛନ୍ତି । ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନିଫିୟୁ ରିୟୋ ଏବଂ ମେଘାଳୟ ମୁଖ୍ୟମନ୍ତ୍ରୀ କୋନରାଡ କେ ସାଙ୍ଗମା ଏହି ଆଇନ୍ ହଟାଇବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପାଖରେ ଦାବି କରିଛନ୍ତି । ଆଫ୍ସା ହେଉଛି ଆର୍ମଡ ଫୋର୍ସେସ ସ୍ପେଶାଲ ପାୱାର ଆକ୍ଟ ବା ସଶସ୍ତ୍ର ସେନା ବିଶେଷାଧିକାର ଆଇନ୍ । ଆଇନକୁ ବ୍ୟବହାର କରି ସେନା ପୂର୍ବତ୍ତୋର ରାଜ୍ୟ ଗୁଡିକରେ ଶାନ୍ତି ଶୃଙ୍ଖଳାକୁ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରେ । ୧୯୫୮ ମସିହା ସେପଟ୍ମ୍ବର ୧୧ରେ ଆଇନ୍ ପାରିତ ହୋଇଥିଲା । ୧୯୮୯ରେ ଜମ୍ମୁ କଶ୍ମୀରରେ ଆତଙ୍କବାଦୀଙ୍କ ଗତିବିଧି ବଢିବା ବେଳେ ଲାଗୁ କରାଯାଇଥିଲା । ଆଇନ୍ ଲାଗୁ ହେବା ପରେ ସେନାକୁ ସ୍ୱତନ୍ତ୍ର କ୍ଷମତା ମିଳିଥାଏ । ଜଣେ ସନ୍ଦିଗ୍ଧ ବ୍ୟକ୍ତିକୁ ବିନା ୱାରେଂଟରେ ସେନା ଗିରଫ କରିପାରିବ । ବିନା ୱାରେଂଟରେ ସେନା ଘର ଭିତରେ, ଗାଡି ଭିତରେ ଖାନ ତଲାସି କରିପାରିବ । ଆବଶ୍ୟକ ପଡିଲେ ଅଧିକ ସେନା ମୁତୟନ କରିହେବ । ଯଦି ସନ୍ଦିଗ୍ଧ କୌଣସି ଘର ଭିତରେ ଲୁଚି ରହିଥିବେ ▶▶ପୃଷ୍ଠା ୭

## ଓମିକ୍ରନକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ : ଡିଏମଇଟି

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଓମିକ୍ରନକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ। ରାଜ୍ୟରୁ ୨୪୬ ନମୂନା ଜିନମ ସିକ୍ୱେନ୍ସିଂ ଲାଗି ଯାଇଛି। ଏସବୁ ବୁର୍ଲା, ମୟୂରଭଞ୍ଜ ସମେତ ବିଭିନ୍ନ କୋଭିଡ କ୍ଲଷ୍ଟରର ପଜିଟିଭ ନମୂନା। କୌଣସି ବିଦେଶ ଫେରନ୍ତା ଓମିକ୍ରନ ଆକ୍ରାନ୍ତ ହୋଇଛନ୍ତି ନା ନାହିଁ, ତାହା ଶୁକ୍ରବାର ଜଣା ପଡ଼ିବ ବୋଲି ଡିଏମଇଟି ଡାକ୍ତର ରମାରମଣ ମହାନ୍ତି କହିଛନ୍ତି। ତେବେ ଜନସାଧାରଣ ଓମିକ୍ରନକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। ଯେଉଁ ଜାଗାରେ ଓମିକ୍ରନ ଚିହ୍ନଟ ହେଲାଣି, ସ୍ୱଳ୍ପ ଲକ୍ଷଣ ଦେଖାଦେଉଛି।

## ଗୃହ ଅଚଳ : ଅସହାୟ ବାଚସ୍ପତି

ଭୁବନେଶ୍ୱର,୦୭/୧୨(ନି.ପ୍ର): ଗତ କାଲି ସର୍ବଦଳୀୟ ବୈଠକ ପରେ ଗୃହ ଚାଲିବ ନେଇ ରାସ୍ତା ବାହାରିଥିବା ଆଶା କରାଯାଉଥିଲା। କିନ୍ତୁ ଆଜି ଗୃହ ଆରମ୍ଭରେ ବିଜେପି ଓ କଂଗ୍ରେସ ସଦସ୍ୟମାନେ ଘଂଟ ଘଂଟା ବାଡେଇ ଗୃହ ମଧ୍ୟ ଭାଗକୁ ଆସି ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଗୃହ ମଧ୍ୟ ଭାଗରେ ପାଣି ଛିଂଚୁ ଥିବା ଦେଖିଚି। ଯଦି ସମସ୍ତ ସଦସ୍ୟ ଗୃହ ଚାଲିବ ପାଇଁ ପ୍ରସ୍ତୁତ ନୁହନ୍ତି ସେଠାରେ କଣ କରିବେ। ବାଚସ୍ପତି ନାଚାର। ଗୃହରେ ବିଶୃଙ୍ଖଳା କଲେ କେତେକ ସଦସ୍ୟଙ୍କୁ ଦଣ୍ଡ ଦିଆଯାଇପାରିବ। ହେଲେ ସମସ୍ତ ସଦସ୍ୟ ବିଶୃଙ୍ଖଳିତ ଆଚରଣ କଲେ ସେଠାରେ କଣ କରାଯାଇପାରିବ ବୋଲି ଅସହାୟ ପ୍ରକାଶ କରିଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର।

# ପରଲୋକରେ ଶତାୟୁ ଶିକ୍ଷକ ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି



ଭୁବନେଶ୍ୱର/ ଯାଜପୁର: ୦୭/୧୨ (ନି.ପ୍ର): ଯାଜପୁରର ଶତାୟୁ ଶିକ୍ଷକ ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟିଙ୍କର ପରଲୋକ ଘଟିଛି। ମଙ୍ଗଳବାର ଦିନ ୧ଟା ୨୮ ମିନିଟ୍ ସମୟରେ ୧୦୪ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଏ ନେଇ ନନ୍ଦ ସାରଙ୍କ ନାତି ଖଗେଶ୍ୱର ପୃଷ୍ଟି ସୂଚନା ଦେଇଛନ୍ତି। ନନ୍ଦ ସାର୍ ଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନାଯୋଗ୍ୟ ଅସୁସ୍ଥ ନନ୍ଦ ସାରଙ୍କୁ ଗତ ୩୦ ତାରିଖରେ ପ୍ରଥମେ ଯାଜପୁର ରୋଡ୍ ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ନନ୍ଦ ସାର୍ କୋଭିଡ ପଜିଟିଭ୍ ଥିବା ଜଣାପଡିଥିଲା। ବୟସାଧିକ୍ୟ ଓ ସ୍ୱାସ୍ଥ୍ୟଗତ ଜଟିଳତା ପାଇଁ ଉନ୍ନତ ଚିକିତ୍ସା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନନ୍ଦ ସାର୍‌ଙ୍କୁ 'ସମ୍' ହସ୍ପିଟାଲକୁ ଶନିବାର ସ୍ଥାନାନ୍ତର କରାଯାଇଥିଲା। ଶତାୟୁ ଶିକ୍ଷକ ନନ୍ଦ ସାର ଗତ ନଭେମ୍ବର ୯ ତାରିଖରେ ରାଷ୍ଟ୍ରପତି ଭବନ ଯାଇ ▶▶ପୃଷ୍ଠା ୭

## ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପାଇଁ ବିଧାନସଭାରେ ସଂକଳ୍ପ ପାରିତ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବା ପାଇଁ ବିଧାନସଭାରେ ସଂକଳ୍ପ ପାରିତ ହୋଇଛି। ମଙ୍ଗଳବାର ଦିନ ବିଧାନସଭାର ଦ୍ୱିତୀୟାର୍ଦ୍ଧ ବୈଠକରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ସଂକଳ୍ପ ଉପସ୍ଥାପନ କରିଥିଲେ। ଏହା ପାରିତ ହେବା ପରେ କେନ୍ଦ୍ର ସରକାରଙ୍କୁ ଏହି ସଂକଳ୍ପ ପଠାଯିବ । କେନ୍ଦ୍ର ସରକାରଙ୍କ ଅଗ୍ରାହ୍ୟ ପରେ ପୁନର୍ବାର ସଂକଳ୍ପ ଆଣିଛନ୍ତି ରାଜ୍ୟ ସରକାର। ବିଧରନସଭାର ଦ୍ୱିତୀୟାର୍ଦ୍ଧ ବୈଠକରେ ହଟ୍ଟଗୋଳ ଚାଲିବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ । ଏହାସତ୍ତ୍ୱେ ବିଧାନସଭାରେ ଅଚଳାବସ୍ଥା ଜାରି ରହିଥିଲା। ହଟ୍ଟଗୋଳ ମଧ୍ୟରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବା ପାଇଁ ଆସିଥିବା ସଂକଳ୍ପ ପାରିତ ହୋଇଥିଲା। ଏହାପରେ ଗୃହକୁ ଆସନ୍ତାକାଲି ସାଢ଼ ୧୦ଟା ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି ।

# ଏକ ହଜାର ଏଗାର କୋଟି ଖର୍ଚ୍ଚରେ ନିର୍ମିତ ଏମସ୍ ମେଡିକାଲର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୭/୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାରାଥନ ୟୁପି ଗସ୍ତ । ମଙ୍ଗଳବାର ଉତ୍ତରପ୍ରଦେଶରେ ପହଁଚି ବିଭିନ୍ନ ପକଳ୍ପର ମାରାଥନ ଉଦଘାଟନ କରିଛନ୍ତି ମୋଦୀ। ୩ ବଡ ପ୍ରକଳ୍ପକୁ ଉତ୍ତରପ୍ରଦେଶବାସୀଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି ପ୍ରଧାନମନ୍ତ୍ରୀ। ପୂର୍ବ ଉତ୍ତରପ୍ରଦେଶର ଗୋରଖପୁରରେ ୧୦ ହଜାର କୋଟିର ମେଗା ପ୍ରୋଜେକ୍ଟକୁ କରିଛନ୍ତି ଲଞ୍ଚ । ସେହିପରି ୮ ହଜାର ୬୦୩ କୋଟିର ସାର କାରଖାନାକୁ ମୋଦୀ ଦେଇଛନ୍ତି ବାସ୍ତବ ରୂପ । ଏକ ହଜାର ଏଗାର କୋଟି ଖର୍ଚ୍ଚରେ ନିର୍ମାଣ ହୋଇଛି ନୂଆ ଏମସ୍ ମେଡିକାଲ । ଯାହାକୁ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ । ଗୋରଖପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଦୀ କହିଛନ୍ତି ନୂଆ ଭାରତ ଗଢିତୋଳିବା ପାଇଁ ସ୍ଥିର କରିଲେ କିଛି ମଧ୍ୟ ଅସମ୍ଭବ ନୁହେଁ । ଗୋରଖପୁରରେ ପହଁଚି ସମାଜବାଦୀ ପାର୍ଟିକୁ ଟାର୍ଗେଟ କରିଛନ୍ତି ମୋଦୀ । ନାଲି ଟୋପି ନାଲି ସିଗ୍ନାଲ, ଯାହା ଉତ୍ତରପ୍ରଦେଶ ପାଇଁ ବିପଦ ବୋଲି ମୋଦୀ କହିଛନ୍ତି । ଅନ୍ୟପଟେ ମଙ୍ଗଳବାର ସମାଜବାଦ ପାର୍ଟି ନେତା ଅଖିଳେଶ ଯାଦବ ଓ ଆରଏଲଡି ମୁଖ୍ୟ ଜୟନ୍ତ ସିଂ ମେରଠରେ ଏକ ବଡ ରାଲିକୁ ସମ୍ବୋଧନ କରିଛନ୍ତି । ଏହି ଅବସରରେ ଅଖିଳେଶ ଯାଦବ ବିଜେପିକୁ ▶▶ପୃଷ୍ଠା ୭

# କ୍ଷେପଣାସ୍ତ୍ର 'ପ୍ରହାର'ର ସଫଳ ପରୀକ୍ଷା



ବାଲେଶ୍ୱର,୦୭/୧୨ (ନି.ପ୍ର): ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ବାଲାଷ୍ଟିକ କ୍ଷେପଣାସ୍ତ୍ର 'ପ୍ରହାର'ର ସଫଳ ପରୀକ୍ଷଣ ହୋଇଯାଇଛି। ମଙ୍ଗଳବାର ଅପରାହ୍ଣ ୩ଟା ୯ ମିନିଟ ସମୟରେ ଏହାକୁ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ର ୩ ନଂ ଲଞ୍ଚ କମ୍ପ୍ଲେକ୍ସରୁ ଉତକ୍ଷେପଣ କରାଯାଇଥିଲା। ଭୂ-ପୃଷ୍ଠରୁ ଭୂ-ପୃଷ୍ଠକୁ ନିକ୍ଷେପ ହେଉଥିବା ଏହି କ୍ଷେପଣାସ୍ତ୍ରର ଲମ୍ବ୭.୩୨ ମିଟର ଏବଂ ଓଜନ ୧୨୮୦କିଲୋଗ୍ରାମ ଅଟେ। ଶବ୍ଦଠାରୁ ୩ଗୁଣରୁ ଅଧିକ ଅର୍ଥାତ ୨୫୦ ସେକେଣ୍ଡରେ ଲକ୍ଷ୍ୟ ଭେଦ କରିଥାଏ 'ପ୍ରହାର'। ୨ଶହରୁ ୫ଶହ କିଲୋଗ୍ରାମ ଓଜନ ପର୍ଯ୍ୟନ୍ତ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ଅଛି ଏହି କ୍ଷେପଣାସ୍ତ୍ରର। ୨୦୧୧ ମସିହା ଜୁଲାଇ ୨୧ ତାରିଖରେ 'ପ୍ରହାର'ର ପ୍ରଥମ ପରୀକ୍ଷଣ ହୋଇଥିଲା। ତେବେ ଆଜିର ପରୀକ୍ଷା ପାଇଁ ଏଞ୍ଚ କମ୍ପ୍ଲେକ୍ସର ଅଢ଼େଇ କିମି ବ୍ୟାସାର୍ଦ୍ଧରେ ଥିବା ଗ୍ରାମଗୁଡ଼ିକରୁ ୫ହଜାରରୁ ଅଧିକ ଲୋକଙ୍କୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଥିଲା।

# ରତ୍ନ ଭଣ୍ଡାର ଖୋଲିବା ନିଷ୍ପତ୍ତି ହୋଇନାହିଁ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ପୁରୀ ଶ୍ରୀମନ୍ଦିରର ଭିତର ରତ୍ନ ଭଣ୍ଡାର ଖୋଲିବା ନେଇ କୌଣସି ନିଷ୍ପତି ହୋଇନାହିଁ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପ୍ରତାପ ଜେନା। ଅଶ୍ୱିନୀ ପାତ୍ରଙ୍କ ପ୍ରଶ୍ନର ଉତରରେ କହିଛନ୍ତି ଶ୍ରୀମନ୍ଦିରର ରତ୍ନଭଣ୍ଡାର ବାହାର ଓ ଭିତର ଭଣ୍ଡାରକୁ ନେଇ ଗଠିତ। ଶ୍ରୀ ଜଗନ୍ନାଥ ମନ୍ଦିର ନିୟମ, ୧୯୬୦ ର ନିୟମ ୬(୧) ଅନୁଯାୟୀ କେବଳ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଆଦେଶ, ଧାର୍ଯ୍ୟ ସର୍ତ୍ତ ଓ ପରିସୀମା ଆଧାରରେ ଭିତର ରତ୍ନଭଣ୍ଡାରର ଚାବି ଖୋଲାଯାଇପାରିବ । ଭିତର ରତ୍ନଭଣ୍ଡାରର ସଂରକ୍ଷଣ ଓ ମରାମତିର ଆବଶ୍ୟକତା ଅଛି କି ନାହିଁ ତାହା ଯାଂଚ କରିବା ପାଇଁ ଅନୁମତି ଅନୁଯାୟୀ ପ୍ରାଧିକୃତ ବ୍ୟକ୍ତିଙ୍କ ସହିତ ଭାରତୀୟ ପ୍ରତ୍ନତତ୍ୱ ବିଭାଗର ବିଶେଷଜ୍ଞ ଦଳ ତା. ୪.୦୪.୨୦୧୮ ରିଖରେ ଭିତର ରତ୍ନଭଣ୍ଡାର ଯାଂଚ କରିଥିଲେ । ରଥଯାତ୍ରା ସମୟରେ ଠାକୁର ମନ୍ଦିରରେ ନଥିବା ବେଳେ ପୁନଶ୍ଚ ଭିତର ରତ୍ନଭଣ୍ଡାରର ଭିତରପଟ ପରୀକ୍ଷା ନିରୀକ୍ଷା କରିବାକୁ ଉକ୍ତ ବିଶେଷଜ୍ଞ ଦଳ ମତ ପ୍ରଦାନ କରିଥିଲେ ତେବେ ଭିତର ଭଣ୍ଡାର ଖୋଲିବା ପାଇଁ କୌଣସି ନିଷ୍ପତି ହୋଇନାହିଁ ।

# ମମିତା ମାମଲାରେ ଷଷ୍ଠ ଦିନରେ ବି ବିଧାନସଭା ଅଚଳ



ଭୁବନେଶ୍ୱର, ୦୭/୧୨ (ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଷଷ୍ଠ ଦିନରେ ବି ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି। ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ଏହି ମାମଲାରେ ହଟ୍ଟଗୋଳ କରିଥିଲେ । ଅନ୍ୟପକ୍ଷରେ ବିଜେଡି ବିଧାୟକ ମାନେ ଗୃହରେ ଗଂଗା ଜଳ ସିଂଚନ କରିଥିଲେ । ବାଚସ୍ପତି ବାରମ୍ବାର ସେମାନଙ୍କୁ ନିଜ ନିଜ ସ୍ଥାନକୁ ଯିବାକୁ ନିବେଦନ କରି ଥିଲେ ସୁଦ୍ଧା ବିଧାୟକ ମାନେ ତାହାକୁ ଶୁଣି ନ ଥିଲେ । ଫଳରେ ବାଚସ୍ପତି ୧୦.୩୩ରୁ ଅପରାହ୍ନ ୪ଟା ଯାଏ ଗୃହକୁ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ । ଆଜି ୧୦.୩୦ଟାରେ ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ପ୍ଲାକାର୍ଡ ଧରି ନାରାବାଜୀ କରିଥିଲେ। ସେମାନେ ମମିତା ମେହେର ମାମଲାରେ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅନ୍ୟ ପଟେ ବିଜେଡି ବିଧାୟକ ମାନେ ବିରୋଧୀ ମାନଙ୍କୁ ସଦବୁଦ୍ଧି ଦିଅନ୍ତୁ ବୋଲି ଲେଖାଥିବା ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ । କିଛି ବିଧାୟକ ଗୃହରେ ଗଂଗାଜଳ ସିଂଚନ କରୁଥିବା ଦେଖା ଯାଉଥିଲା । ବାରମ୍ବାର ବାଚସ୍ପତି ଅନୁରୋଧ କରିବା ସତ୍ତ୍ୱେ ସ୍ଥିତିରେ ସୁଧାର ନ ହେବା କାରଣରୁ ବାଚସ୍ପତି ଶ୍ରୀ ପାତ୍ର ୧୦.୩୩ରୁ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

# ଶେଷ ହେବ କି ଚାଷୀ ଆନ୍ଦୋଳନ ? ଆଜି ହୋଇପାରେ ନିର୍ଣ୍ଣୟ



ନୂଆଦିଲ୍ଲୀ,୦୭/୧୨: ବିବାଦୀୟ କୃଷି ଆଇନ୍ ନେଇ ଚାଷୀଙ୍କ ଦୀର୍ଘ ଦିନର ଆନ୍ଦୋଳନ ପରେ କୃଷି ଆଇନକୁ ପ୍ରତ୍ୟାହାର କରିନେଲେ କେନ୍ଦ୍ର ସରକାର । ହେଲେ ତଥାପି ଶେଷ ହୋଇନି ଚାଷୀ ଆନ୍ଦୋଳନ । ଏମଏସପି, ମୃତ ଚାଷୀଙ୍କୁ କ୍ଷତି ପୂରଣ, ଏବଂ କୃଷକଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବା ଭଳି ବିଭିନ୍ନ ଦାବି ନେଇ ଏବେ ବି ଜାରି ରହିଛି କୃଷକ ଆନ୍ଦୋଳନ । ହେଲେ ଏବେ ଚାଷୀଙ୍କ ସବୁ ଦାବିକୁ ପୂରଣ କରିବା ପାଇଁ ରାଜି ହୋଇଯାଇଛନ୍ତି ମୋଦୀ ସରକାର । ଦୀର୍ଘ ଦିନ ଧରି ଜାରି ରହିଥିବା ଚାଷୀ ଆନ୍ଦୋଳନରେ ପଡିବାକୁ ଯାଉଛି ପୂର୍ଣ୍ଣଚ୍ଛେଦ । କାରଣ କୃଷକଙ୍କ ସବୁ ଦାବିକୁ ମାନିନେବାକୁ ପ୍ରସ୍ତୁତ ହୋଇଛନ୍ତି କେନ୍ଦ୍ର ସରକାର । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ କେନ୍ଦ୍ର ସରକାର ଚାଷୀଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ କହିଛନ୍ତି । ଏହାସହ ଚାଷୀଙ୍କ ସମସ୍ତ ଦାବି ପୂରଣ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ମୋଦୀ ସରକାର । ଏନେଇ ବୁଧବାର ଆଲୋଚନା ପାଇଁ ଡାକିଛନ୍ତି କେନ୍ଦ୍ର ସରକାର । ଚାଷୀଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କ ଆବେଦନ। କୃଷକଙ୍କ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି । ଲିଖିତ ଭାବେ ପ୍ରତିଶ୍ରୁତି ଦେବାକୁ ପ୍ରସ୍ତୁତ କେନ୍ଦ୍ର ସରକାର । ଏମଏସପିକୁ ଆଇନ୍‌ରେ ପରିଣତ, ଚାଷୀଙ୍କ ବିରୋଧରେ ସବୁ ମାମଲା ପ୍ରତ୍ୟାହାର ଏବଂ ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରସ୍ତୁତ ମୋଦୀ ସରକାର। ବୁଧବାର ଦିନ ୨ଟାରେ ଆଲୋଚନା ପାଇଁ କୃଷକଙ୍କୁ ଡାକିଛନ୍ତି କେନ୍ଦ୍ର ସରକାର । କେନ୍ଦ୍ର ସରକାରଙ୍କ ଏହି ସୂଚନା ପରେ ମଙ୍ଗଳବାର ସିଂଘୁ ସୀମାରେ କୃଷକ କମିଟି ବୈଠକ ଅନୁଷ୍ଠିତ ହୋଇଛି । ସରକାରଙ୍କ ଲିଖିତ ପ୍ରତିଶ୍ରୁତି ନୁହେଁ ତାଙ୍କ କାର୍ଯ୍ୟଶୈଳୀ ଉପରେ ଚାଷୀ ଆନ୍ଦୋଳନ ନିର୍ଭର କରେ ବୋଲି ଚାଷୀ ନେତା କହିଛନ୍ତି । ସରକାର ସହ ଆଲୋଚନା ପାଇଁ କୃଷକଙ୍କ ଏକ କମିଟି ପ୍ରସ୍ତୁତ କରାଯାଇଛି । ଯେଉଁମାନେ ନିଜ ଦାବିକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବେ । ଏହି କମିଟି ହିଁ ବୁଧବାର କେନ୍ଦ୍ର ସରକାରଙ୍କ ସହ ବୈଠକରେ ଯୋଗଦେବେ । ବିବାଦୀୟ କୃଷି ଆଇନ ପ୍ରତ୍ୟାହୃତ ହୋଇଥିବା ପରେ ବି ଚାଷୀ ଆନ୍ଦୋଳନ ଜାରି ରହିଛି ।

# ଭିଜିଲାନ୍ସ ଜାଲରେ ଓଏସଏପି ସିପାହୀ

## ଘରୁ ଠାବ ହେଲା ୧ କୋଟି ୨୬ ଲକ୍ଷରୁ ଅଧିକ ସମ୍ପତ୍ତି



ଭୁବନେଶ୍ୱର,୦୭/୧୨(ନି.ପ୍ର): ଓଏସଏପି ଷଷ୍ଠ ବାଟାଲିୟନର ସିପାହୀଙ୍କ ଘରେ ରେଡ୍ । ସିପାହୀଙ୍କର ୧ କୋଟି ୨୬ ଲକ୍ଷରୁ ଅଧିକ ସମ୍ପତ୍ତି ଠାବ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ଚଢାଉ । ବାସଭବନ ସମେତ ୫ଟି ସ୍ଥାନରେ ଚଢାଉ କରିଥିଲା ଭିଜିଲାନ୍ସ । କଟକର ତିନିଘରିଆରେ ୩ ମହଲା କୋଠା ଠାବ । ପୁରୀ ସ୍ଥିତ ତଳଜଙ୍ଗାରେ ଏକ ମହଲା କୋଠା ଠାବ । ରାଜ୍ୟର ଆଜି ଏକାଧିକ ସରକାରୀ ଚାକିରିଆଙ୍କ ଘରେ ଚଢ଼ାଉ କରିଛି ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ । ଚଢ଼ାଉ ସମୟରେ ଜଣେ ସିପାହୀଙ୍କ ଘରୁ ଯେତିକି ସମ୍ପତି ଠାବ ହୋଇଛି ତାକୁ ଦେଖି ତାଟକା ହୋଇ ଯାଇଛନ୍ତି ତଦନ୍ତକାରୀ ଅଧିକାରୀ । ସେହିପରି ଗଜପତି ନୂଆଗଡର ଫରେଷ୍ଟରଙ୍କ ଏକାଧିକ ଠିକଣାରେ ରେଡ୍ କରିଛି ଭିଜିଲାନ୍ସ ଟିମ୍ । ଏପଟେ ଲାଂଚ ନେବାବେଳେ ଖୋର୍ଦ୍ଧାରେ ଧରାପଡିଛନ୍ତି ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ । ଆୟ ବର୍ହିର୍ଭୂତ ସମ୍ପତି ଠୁଳ କରିବା ଅଭିଯୋଗରେ, ଓଏସଏପି ସିପାହୀ ଓ ଗଜପତି ନୂଆଗଡ ଫରେଷ୍ଟରଙ୍କ ▶▶ପୃଷ୍ଠା ୭

# ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୦୭/୧୨ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଆଦି ରୋଗର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଓମିକ୍ରନ ଠାରୁ ସୁରକ୍ଷିତ ରହିବା ପାଇଁ ଆଚରଣ ବିଧି ପାଳନ ସହ ତୁଳସୀ, ଡାଲଚିନି, ଶୁଣ୍ଠି, ଗୋଲମରିଚ ଓ ଦ୍ରାକ୍ଷା ମିଶ୍ରିତ ଇମ୍ୟୁନିଟି ବର୍ଦ୍ଧକ ଆୟୁଷକ୍ୱାଥ ପ୍ରାତଃରେ ପାନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ପ୍ରତ୍ୟେକ ସୋମବାର ସକାଳେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୁଏ । ଏହି ଶିବିରର ପ୍ରାୟୋଜକ ଥିଲେ ଡ଼. ବିକର୍ତନ ଦାଶ । ମନ୍ଦିର କମିଟିର ସଭ୍ୟ ସଭ୍ୟା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ମାଲକାନଗିରିରେ ଅସୁରକ୍ଷିତ ଗୋ ସମ୍ପଦ

## ଜଳପଥରେ ଚାଲାଣ ହେଉଛନ୍ତି ହଜାର ହଜାର ଗୋ ସମ୍ପଦ

ମାଲକାନଗିରି,୦୭/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ବେଧଡ଼କ ଚାଲିଛି ଗୋରୁ ଚୋରା ଚାଲାଣ । କେତେବେଳେ ପାହାଡିଆ ଜଙ୍ଗଲ ରାସ୍ତା ତ କେତେବେଳେ ବଡ ବଡ ଟ୍ରକ ରେ ଚାଲାଣ ହେଉଚନ୍ତି ଗୋ ସମ୍ପଦ । ସବୁ ଜାଣି ମଧ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଛି ।କିନ୍ତୁ ଆଜି ଏମିତି ଏକ ଦୃଶ୍ୟ ଯାହା ପଶାସନ ର ପାରିବା ପଣିଆ ଉପରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆଦିବାସୀ ବହୁଳ ମାଲକାନଗିରି ଜିଲ୍ଲାରେ ସପ୍ତାହର ପ୍ରତିଦିନ ବିଭିନ୍ନ ଜାଗାରେ ସାପ୍ତାହିକ ହାଟ ବସୁଛି କିନ୍ତୁ ଏହି ହାଟରେ ପ୍ରଶାସନ ର ଆଖିରେ ଆଙ୍ଗୁଠି ମାରି ପଡ଼ୋଶୀ ଆନ୍ଧ୍ରପ୍ରଦେଶ ର ଦଲାଲ ମାନେ ଗୋରୁ ହାଟ ପକାଇଥାନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଗୋରୁ ଗାଇଙ୍କୁ ଏକତ୍ରିତ କରି ବିଭିନ୍ନ ରାସ୍ତା ଦେଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶ କୁ ଚାଲାଣ କରାଉଛନ୍ତି । କାଲିମେଳା ବ୍ଲକ ପୁସୁଗୁଡା ପଂଚାୟତ ର ଘାର୍ଷାପାଲି ଗାଁ ରେ ଚାଲିଥିବା ଏକ ବେଆଇନ ଗୋରୁ ହାଟରେ ଦେଖିବାକୁ ମିଳିଛି । ସିଲେରୁ ନଦୀର କୂଳରେ ବସିଥାଏ ଏହି ଗୋରୁ ହାଟ , ଗୋଟେ କି ଦୁଇଟି ନୁହେଁ ଶତାଧିକ ଗାଇ ଗୋରୁଙ୍କୁ ବାନ୍ଧିକି ରଖାଯାଇ ଏଠାରେ ଆନ୍ଧ୍ରପ୍ରଦେଶ ର ଦଲାଲଙ୍କ ସହ ଜିଲ୍ଲାର ବେପାରୀଙ୍କ ମଧରେ ଚାଲେ ମୁଲ-ଚାଲ । ମୂଲଚାଲ ହେବା ପରେ ନଦୀ କୂଳରେ ପୂର୍ବରୁ ଗୋରୁ ନେବା ପାଇଁ ଥିବା ଦୁଇଟି ଦେଶୀ ଡଙ୍ଗା ରେ ବଡ଼ ଅମାନୁଷିକ ଭାବରେ ଗୋ ମାତାଙ୍କୁ ନଦୀ ପାର କରାଯାଇଥାଏ । ଦେଶୀ ଡଙ୍ଗାର ଉଭୟ ପାର୍ଶ୍ୱରେ ଗାଇ ଗୋରୁ ଙ୍କୁ ବନ୍ଧା ଯାଇ ସେମାନଙ୍କୁ ବାଡେଇ ବାଡେଇ ନଦୀ ଭିତରକୁ ପଠାଯାଉଛି , ମାଡ ଭୟରେ ଗୋରୁ ଗାଈ ମାନେ ବାଧ ହୋଇ ନଦୀରେ ପହଁରି ଆର ପାରିକୁ ଯାଉଛନ୍ତି । ଏବଂ ଅନ୍ୟ ଏକ ଡଙ୍ଗାରେ ସଂଖ୍ୟାଧିକ ଲୋକ ଯାଉଛନ୍ତି ଓଡିଶାରୁ ଆନ୍ଧ୍ରପ୍ରଦେଶ ଯାଉଥିବା ଗାଈ ଗୋରୁଙ୍କୁ ସିଲେରୁ ନଦୀର ଆର ପାର୍ଶ୍ୱରେ ବାନ୍ଧିବା ସହ ସେମାନଙ୍କୁ ଟ୍ରକ ରେ ଲୋଡ଼ କରିଥାନ୍ତି । ଜିଲ୍ଲାର ଜଣେ ବେପାରୀଙ୍କ କହିବା ଅନୁଯାୟୀ ଘାର୍ଷାପାଲି ନଦୀ ଘାଟରୁ ପ୍ରତିଦିନ ଏମିତି ଶହଶହ ଗାଈ ଗୋରୁ ସିଲେରୁ ନଦୀ ଦେଇ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଛି ଆଉ ପୋଲିସ ଜାଣତରେ ସୁରୁଖୁରୁରେ ଚଲାଇଛୁ । ନ ଜଣାଇଲେ ଚାଲାଣ କୁ ବନ୍ଦ କରୁଛି ମୋଟୁ ପୋଲିସ । ଆନ୍ଧ୍ର ରୁ ଆସନ୍ତି କୋଟିପତି ଦଲାଲ , ମାଲକାନଗିରି ଜିଲ୍ଲାର ବିଭିନ୍ନ ଜାଗାରୁ ଗୋରୁ ଗାଈ ସଂଗ୍ରହ କରାଯାଇ ଘାର୍ଷାପାଲି ନଦୀଘାଟରେ ଏକତ୍ରିତ କରାଯାଏ ! ଆଉ ଏଠାରୁ ସିଧାସଳଖ ଆନ୍ଧ୍ରପ୍ରଦେଶ ଙ୍କସେଇ ସାଳକୁ ପଠାଯାଏ । ଏସବୁ କରିବା କେତେ ଯୁକ୍ତି ଯୁକ୍ତ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରକୁ ରାଜ୍ୟ ମହିଳା କମିଶନଙ୍କ ପରିଦର୍ଶନ

କନ୍ଧମାଳ,୦୭/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ଜଣାଶୁଣା ଅନୁଷ୍ଠାନ ଭିନ୍ନକ୍ଷକ ଥଇଥାନ କେନ୍ଦ୍ରକୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ପରିଦର୍ଶନ କରିଛନ୍ତି । ଏହି ଅବସରରେ ତାଙ୍କ ସହିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ,ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ଅଧିକାରୀ ଅକ୍ଷୟକୁମାର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୁକ୍ତ ଶ୍ରୀମତୀ ଦାସ ଅନୁଷ୍ଠାନରେ ଚିକିତ୍ସାରତ ଥିବା ରୋଗୀ ମାନଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କୁ ମିଳୁଥିବା ଚିକିତ୍ସା ସୁବିଧା ବାବଦରେ ପଚାରି ବୁଝିଥିଲେ । ଦିର୍ଘ ଦିନ ଧରି ଅନୁଷ୍ଠାନ ଜିଲ୍ଲାରେ ୧୦ ଥର ରେ ୩୫୬ ଜଣ ଜନ୍ମରୁ ହାତ ଓ ପାଦ ବଙ୍କା ଥିବା ପିଲା ମାନଙ୍କର ଅସ୍ତ୍ରୋପଚାର କରି ସେମାନଙ୍କୁ ସାମାନ୍ୟ ଭାବରେ ଜୀବନ ଯାପନ କରିବାରେ ସହାୟତା କରିବା ସହିତ ଜନ୍ମରୁ ହାତ ଓ ପାଦ ବଙ୍କା ହୋଇଥିବା ଘଟଣାକୁ ଅଭିଶାପ ଭାବରେ ଲୋକଙ୍କ ମନରେ ରହିଥିବା ଅନ୍ଧ ବିଶ୍ୱାସକୁ ଭୁଲ ପ୍ରମାଣିତ କରିବାରେ ସକ୍ଷମ ହୋଇଥିବା ବିଷୟରେ ଅଯୁକ୍ତଙ୍କୁ ଅବଗତ କରାଇଥିଲେ । ଏହାସହିତ ତାଙ୍କ ପ୍ରଚେଷ୍ଟାରେ ରାଜ୍ୟର ୧୩ଟି ଜିଲ୍ଲାରେ ୯୬୯ ଜଣଙ୍କର ମଧ୍ୟ ଜନ୍ମରୁ ବଙ୍କା ଥିବା ହାତ ପାଦକୁ ଅସ୍ତ୍ରୋପଚାର ଜରିଆରେ ସିଧା କରିଥିବା ନେଇ ସୂଚନା ଦେଇଥିଲେ ।

# ପୂର୍ବତନ ଭାଜପା ଜିଲ୍ଲା ସଭାପତିଙ୍କ ମାସ୍କ ବଂଟନ

ନୂଆପଡ଼ା,୦୭/୧୨ (ନି.ପ୍ର): ମହାମାରୀ କରୋନାର ନୂଆଁ ପ୍ରଜାତି ଓମିକ୍ରନକୁ ନେଇ ଆଜି ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି । ପୂର୍ବତନ ଭାଜପା ଜିଲ୍ଲା ସଭାପତି ତଥା ବର୍ତ୍ତମାନ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବପ୍ରସାଦ ମୁଣ୍ଡ ଓମିକ୍ରନ୍କୁ ନେଇ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କୁ ଅଧିକ ସଚେତନ ରହିବାକୁ ବୁଝାଇଥିଲେ । ଏଥିସହ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ମାସ୍କ ବଂଟନ କରିଥିଲେ । ଏଥିସହ କିପରି ବିଦ୍ୟାଳୟର ଆନୁସଙ୍ଗିକ ବିକାଶ କରାଯିବ ସେନେଇ ଶିକ୍ଷକଙ୍କ ସହ ଆଲୋଚନା କରିବା ସହ ଏକ ଉତମ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ଶ୍ରୀମୁଣ୍ଡ ଶିକ୍ଷକ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାରଙ୍ଗପାଣି ଦଣ୍ଡସେନାଙ୍କ ସହ ବରିଷ୍ଠ ଶିକ୍ଷକ କିଶୋର କୁମାର ସାହୁ, ଶିକ୍ଷୟିତ୍ରୀ ମମିତା ପାଟଯୋଷୀ, ସହକାରୀ ଶିକ୍ଷକ ଶିବପ୍ରସାଦ ମେହେର, ଡୋଲାମଣି ମେହେର, ବୈଷ୍ଣବ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଫୁଲବାଣୀରେ ୫୯ତମ ହୋମଗାର୍ଡ ଦିବସ ପାଳିତ

କନ୍ଧମାଳ,୦୭/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାସ୍ତରୀୟ ୫୯ ତମ ହୋମଗାର୍ଡ ଦିବସ ପାଳିତ ହୋଇଯାଇଛି । ଫୁଲବାଣୀ ମାଦିକୁନ୍ଦା ରିଜର୍ଭ ପୋଲସ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେମୁଖ୍ୟ ଅତିଥି ଭାବରେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତଥା ଜିଲ୍ଲା ହୋମଗାର୍ଡର କମାଣ୍ଡେଣ୍ଟ ଭିନିତ ଅଗ୍ରୱାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ଅବସରରେ ହୋମଗାର୍ଡ ପାତାକା ଉତ୍ତଳନ ପରେ ହୋମଗାର୍ଡ ମାନଙ୍କର ପ୍ୟାରେଡ ଅଭିବାଦନ ଗ୍ରହଣ କରିବାପରେ ଜିଲ୍ଲାରେ ହୋମଗାର୍ଡ ମାନେ ପୋଲିସ ସହିତ କାନ୍ଧରେ କାନ୍ଧ ମିଳାଇ କାର୍ଯ୍ୟ କରିବା ସହିତ ସେମାନଙ୍କ ମଧ୍ୟରୁ କିଛି ହୋମଗାର୍ଡ ମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ । ସେମାନଙ୍କୁ ଏହିଭଳି ଭାବରେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବା ସହିତ ସେମାନଙ୍କ କାର୍ଯ୍ୟକୁ ପ୍ରଶଂଶା କରିଥିଲେ । ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶଚନ୍ଦ୍ର ଜେନା,ଡେପୁଟୀ କମାଣ୍ଡେଣ୍ଟ ସନ୍ତୋଷ କୁମାର ଦଣସେନା,ଡିଏସପି ପ୍ରଭାତ କୁମାର ସେଠୀ,ହୃଶିକେଶ ନାୟକ,ସ୍ନେହାଶିସ ସାହୁ,ଫୁଲବାଣୀ ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁ,ଇନିସ୍ପେକ୍ଟର ସମୀର କୁମାର ରାଉତ,ଶ୍ରୀମତୀ ଚନ୍ଦ୍ରମଣି ସିଂ,ସର୍ଜେଣ୍ଟ ସରୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ମୃତିକା ଦିବସ

ଝାରସୁଗୁଡ଼ା,୦୭/୧୨ (ନି.ପ୍ର): ବିଶ୍ୱ ମୃତିକା ଦିବସ ଅବସରରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତିକା ଦିବସ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଝାରସୁଗୁଡ଼ା ଏବଂ କୃଷିବିଜ୍ଞାନ କେନ୍ଦ୍ର,ଝାରସୁଗୁଡ଼ାଙ୍କ ମିଳିତ ସହଯୋଗରେ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ ଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଝାରସୁଗୁଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ କୃଷି ଜିଲ୍ଲା ଅଧିକାରୀ ବଳବୀର ସିଂ ସଓ୍ୱାଇଆଁ ଅତିଥୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ବରଗଡ ସାଂସଦଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ ଏବଂ ଜୈବିକ କୃଷି ସହିତ ମୃତିକା ପରୀକ୍ଷାର ଲାଭ ଉଠାଇ ଚାଷୀମାନେ କିଭଳି ଉପକୃତ ହୋଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ବ୍ରଜରାଜନଗର ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ସଂଜୀବ କୁମାର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ମାଟିର ସୁରକ୍ଷା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝାଇବା ସହିତ ସମସ୍ତଙ୍କୁ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରି ମୃତିକାର ସୁରକ୍ଷା ପାଇଁ ଆହ୍ୱାନ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଭାତ କୁମାର ମାର୍ଥା ବିଶ୍ୱ ମୃତିକା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଚଳିତ ବର୍ଷ ମୃତିକା ପରୀକ୍ଷା ର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକ ମନୋଜ କୁମାର ବାରିକ ମୃତିକା ପରୀକ୍ଷା ର ଗୁରୁତ୍ୱ ବିଷୟରେ ବୁଝାଇବା ସହିତ ଅମ୍ଳମାଟିର ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାଣୀବିଭାଗ,ଜଳବିଭାଜିକା ବିଭାଗ, ଉଦ୍ୟାନ କୃଷି ବିଭାଗ ଆଦି ବିଭାଗୀୟ ଅଧିକାରୀ ବୃନ୍ଦ ଯୋଗଦେବା ସହିତ ସମ୍ପୃକ୍ତ ବିଭାଗର ଯୋଜନାଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ । ଏହା ସହିତ ଉପ ପ୍ରକଳ୍ପ ନିର୍ଦ୍ଦେଶକ ,ଆତ୍ମା ଝାରସୁଗୁଡ଼ା ଧୀରେନ୍ଦ୍ର ସିଂ ବରିହା, ମୃତିକା ରସାୟନବିତ ଝାରସୁଗୁଡ଼ା ତିଲୋତମା ମହାକୁଡ଼ ପ୍ରମୁଖ ଅଧିକାରୀଙ୍କ ସହିତ ସମସ୍ତ ବ୍ଲକର ଗୋଷ୍ଠୀ କୃଷି ଅଧିକାରୀ , ସହକାରୀ କୃଷି ଅଧିକାରୀ ଏବଂ ବିଭିନ୍ନ ପଂଚାୟତର କୋଡିଏ ଜଣ ଚାଷୀ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇଥିବା ଚାଷୀମାନଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ କରାଯାଇଥିଲା ଏବଂ ପରିଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଭାତ କୁମାର ମାର୍ଥା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ହଟିଲା ଜବରଦଖଲ

ଜୟପୁର,୦୭/୧୨ (ନି.ପ୍ର): ଜୟପୁର ପାରାବେଡା ପଂଚାୟତ ସମ୍ମୁଖରୁ ପ୍ରଶାସନ ହଟାଇଛି ଜବରଦଖଲ । ଅନେକ ଜବରଦଖଲ କାରୀଙ୍କୁ ଆଗକୁ ହଟାଯିବ । ଏବାବଦରେ ସୂଚନା ଦେଇଛନ୍ତି ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ମା ସ୍ଥାନୀୟ ପ୍ରଶାସନ,ବ୍ଲକ ଅଫିସ ସମ୍ମୁଖରେ ଥିବା ଦୋକାନ ଗୁଡିକୁ ହଟାଇଛି । ଅନେକ ବର୍ଷ ହେବ ସେଠାରେ ଗଢିଉଠିଥିଲା ବେଆଇନ ନିର୍ମାଣ ଏହି ଅଂଚଳରେ ସରକାରଙ୍କ ଅନେକ ଛୋଟ ବଡ କାର୍ଯ୍ୟାଳୟ ଅଛି । ସେହି ରାସ୍ତା ରେ ଏକ ଘରୋଇ ସ୍କୁଲ ଥିବାରୁ ପ୍ରାୟ ସମୟ ରାସ୍ତା ଯାମ ରହୁଥିଲା ।ପାରାବେଡା ଅଂଚଳରେ ବସବାସ କରୁଥିବା ଲୋକେମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ଏହିସବୁ ବେଆଇନ ନିର୍ମାଣ ଭାଙ୍ଗିବା ପାଇଁ । ଶେଷରେ ପ୍ରଶାସନ ପଂଚାୟତ ପାର୍ଶ୍ୱରେ ଥିବା ଜବରଦଖଲ କାରୀଙ୍କୁ ହଟାଇବାରେ ସଫଳ ହୋଇଛି । କିଛି ଦିନ ପୂର୍ବେ, ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କ୍ରିଷ୍ଟିଆନପେଟା ରୁ ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ବେଆଇନ ନିର୍ମାଣ ସବୁକୁ ଭଙ୍ଗା ଯାଇଥିଲା ।

# ମାଲକାନଗିରିରେ ମହାପରିନିର୍ବାଣ ଦିବସ ପାଳିତ

ମାଲକାନଗିରି,୦୭/୧୨ (ନି.ପ୍ର): ଆଜିର ପବିତ୍ର ମହାପରିନିର୍ବାଣ ଦିବସ ଅବସରରେ ସେଇ ମହାନ ଆମ୍ଭାଙ୍କ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ସଦର ବସଷ୍ଟାଣ୍ଡ ନିକଟରେ ଡ଼ .ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କଲେ ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନସ ମାଡକାମୀ । ଭାରତୀୟ ସମ୍ବିଧାନ ର ପ୍ରଣେତା ତଥା ଭାରତୀୟ ସମ୍ବିଧାନ ଜନକ ମହାନ ସମାଜ ସଂସ୍କାରକ, ଦଳିତ, ପତିତ, ଅବହେଳିତ, ନିସ୍ପେଷିତ ସମାଜର ତ୍ରାଣକର୍ତା, ବୋଧସତ୍ୱ, ମାନବ ବାଦୀ, ଭାରତ ରତ୍ନ ଡଃ ଭୀମରାଓ ରାମଜୀ ଆମ୍ବେଦକର ବିଶ୍ୱ ଦରବାରରେ ଏକ ବିରଳ ବ୍ୟକ୍ତିତ୍ୱ । ସେ ଏକାଧାରରେ ଜଣେ ଆଇନଜ୍ଞ, ଦାର୍ଶନିକ, ରାଜନୀତିଜ୍ଞ, ଐତିହାସିକ, ଅର୍ଥନୀତିଜ୍ଞ, ଲେଖକ, ସଂପାଦକ, ବିପ୍ଳବୀ ନେତା, ସମାଜ ସଂସ୍କାରକ ଓ ବିଶ୍ୱ ବିଖ୍ୟାତ ବିଦ୍ୱାନ ଭାବେ ସୁପ୍ରସିଦ୍ଧ । ଭାରତ ବର୍ଷରେ ପାରମ୍ପାରିକ ଗୁଣିତ ଜାତି ପ୍ରଥା ବିଲୋପର ମହାରଥ, ମହାଯୋଦ୍ଧା ଏବଂ ସଂଗ୍ରାମୀ ମହାପୁରୁଷ ସେ କେବଳ ଦଳିତ ପତିତଙ୍କ ମୁକ୍ତିଦାତା ନଥିଲେ ସେ ଥିଲେ ନିସ୍ପେସିତ ନାରୀ ସମାଜ ର ତ୍ରାଣକର୍ତା, ଶ୍ରମଜୀବୀଙ୍କ ଉଦ୍ଧାରକର୍ତା । ସର୍ବୋପରି ସମାଜର ଦରିଦ୍ର, ଅବହେଳିତ, ନିର୍ଯାତିତ ଓ ପଛୁଆ ବର୍ଗଙ୍କ ପାଇଁ ଥିଲେ ମହାନ ସଂଗ୍ରାମୀ ନେତା । ତାଙ୍କ ଦୃଷ୍ଟିକୋଣରେ ଜାତି, ବର୍ଷ, ଲିଙ୍ଗ , ଧର୍ମ, ନିର୍ବିଶେଷରେ ସମସ୍ତେ ସମାନ । ସେହି ମହାପୁରୁଷଙ୍କ ୧୯୫୬ ମସିହା ଡିସେମ୍ବର ୬ ତାରିଖରେ ଦେହାବସାନ ଘଟିଲା । ୧୯୯୦ ମସିହାରେ ଭାରତ ସରକାର ତାଙ୍କୁ ମରଣୋତର ଭାରତ ରତ୍ନ ଉପାଧିରେ ଭୂଷିତ କରିଥିଲେ । ସେ ଏକାଧାରରେ ଜଣେ ସମାଜ ସଂସ୍କାରକ, ଆଇନଜ୍ଞ ତଥା ରାଜନେତା ଥିଲେ । ତାଙ୍କର ମାନବ ପ୍ରେମ, ଉଦାର ପୌରୁଷ ପାଇଁ ସେ ଚିରଦିନ ଆମ ସ୍ମରଣରେ ରହିବେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ବିରସେନ ପ୍ରଧାନ ,ଜିଲ୍ଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା ,ଆଡିସନଲ୍ ତହସିଲଦାର ଜଗଦୀଶ କର୍ତାମି ,ପୂର୍ବତନ ଉପ ଜିଲ୍ଲା ପାଳରଥୀକୃଷ୍ଣ ପାତ୍ର , ପୂର୍ବତନ ପୌର ପରିଷଦ ଉପାଧକ୍ଷ ତଥା ସାଂସଦ ପ୍ରତିନିଧି ମନୋଜ ବାରିକ ,ଲକ୍ଷ୍ମଣ ଘରାମି ,ରବୀନ୍ଦ୍ର ନାଥ ମାଢ଼ି ,କ.ଦେଶୀ ରାଜୁ ଆଚାର୍ଯ୍ୟ ,ସନୁ ଅନୁଗୁ ,ଆନନ୍ଦ ମାଢ଼ି ହରିବନ୍ଧୁ ଗଲରି ଓ କେ .ରାହୁଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟୀ ରାଜଗୁରୁଙ୍କ ୨୧୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ

ପୁରୀ,୦୭/୧୨ (ନି.ପ୍ର): ଜୟୀ ରାଜଗୁରୁଙ୍କ ୨୧୫ତମ ଶ୍ରାଦ୍ଧବାର୍ଷିକୀ ଜନ୍ମମାଟି ବୀରହରେକୃଷ୍ଣପୁର ସ୍ମୃତିପୀଠ ପରିସରରେ ପାଳିତ ହୋଇଯାଇଛି । ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ ସୁବାଷଚନ୍ଦ୍ର ନାଥଶର୍ମା, ପୁର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଦିବାକର ପାତ୍ର , ଶହୀଦ ଜୟୀରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର , ଦେବସ୍ଥାନ ସମିତିର ସଭାପତି ପ୍ରଣବାନନ୍ଦ ରଥ ଓ ସମ୍ପାଦକ ଲକ୍ଷ୍ମୀକାନ୍ତ ରଥ, ପ୍ରକାଶଚନ୍ଦ୍ର ରଥ, ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ରାଣୀତଲାବରେ ତିଳତର୍ପଣ କରିଥିଲେ । ଜୟୀଗୁରୁଙ୍କ ତ୍ୟାଗ, ବଳିଦାନ, ପାଇକ ନେତୃତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମର୍ପଣ, ରୋଟାରୀ କ୍ଲବ ଅଫ ଶ୍ରୀଜଗନ୍ନାଥ ଧାମ ଓ ଶହୀଦ ଜୟୀ ରାଜଗୁରୁ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସକାଳୁ ଷ୍ଟେସନ ଘୋଡ଼ାବଜାର ସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟର୍ପଣ କରାଯାଇଥିଲା । ଏଥିରେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ବିଜୟ କୁମାର ମିଶ୍ର, ଶିବପ୍ରସାଦ ମିଶ୍ର, ଚକ୍ରଧର ମହାପାତ୍ର, ମନୋଜ ରଥ, ନାରାୟଣ ଦାଶ, ପ୍ରସନ୍ନ ସାହୁ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଟୁଇଟର ଆସୋସିଏସନ ପକ୍ଷରୁ ଘୋଡ଼ାବଜାର ଠାରେ ଜୟୀରାଜଗୁରୁଙ୍କ ପ୍ରତିମୂର୍ତିରେ ମାଲ୍ୟର୍ପଣ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଜୀବନବୀମା ନିଗମର ପୁରୀ ବ୍ରାଞ୍ଚ ମ୍ୟାନେଜର ଲକ୍ଷ୍ମୀଧର ନାୟକ, ଚିତରଞ୍ଜନ ଜେନା, ବାବୁଲି ସାହୁ, ଅନୁଷ୍ଠାନର ଉପସଭାପତି ବିସ୍ମୟ ମିଶ୍ର, ସମ୍ପାଦକ ଦେବାଶିଷ ଦାସ, ସହ ସମ୍ପାଦକ ସୁଧାଂଶୁ ଜେନା, ସତ୍ୟନାରାୟଣ ସାହୁ, ବିପିନ ମହାନ୍ତି, କୃଷ୍ଣମୋହନ ପ୍ରଧାନ, ଆଦିତ୍ୟ ବାରିକ, ଶୁଭଶ୍ରୀ ବେହେରା, ଦେବେନ୍ଦ୍ର ସୁବୁଦ୍ଧି ଓ ଦେବରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଉର୍ଜାବାନ ଓଡ଼ିଶା ପକ୍ଷରୁ ହରେକୃଷ୍ଣପୁର ସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଥିରେ ଅନୁଷ୍ଠାନର ସଂଗଠନ ସଭାପତି ସନ୍ତୋଷ ସେନାପତି, ସମ୍ପାଦିକ ନିହାରୀକା ତ୍ରିପାଠୀ, କୋଷାଧକ୍ଷ ସୀତାରାମ ସେନାପତି, ଜିତେନ୍ଦ୍ର ପାତ୍ର, ନୃସିଂହ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ବାତ୍ୟା ଉଜାଡିଲା ଧାନ ଫସଲ : କ୍ଷୟକ୍ଷତି ଆକଳନ ଦାବି

ଧର୍ମଶାଳା,୦୭/୧୨ (ନି.ପ୍ର): ବାତ୍ୟା ଜୱାଦ ଚାଲି ଯାଇଛି । ହେଲେ ଦେଇ ଯାଇଛି ଚାଷୀଙ୍କ ମୁହଁରେ କାନ୍ଦ । ଚଳିତ ବର୍ଷ ଚାଷୀଙ୍କ ଉପରେ ପ୍ରକୃତି ଦାଉ ସାଜିଛି । ପ୍ରକୃତିର କରାଳରେ ଛଟପଟ ହେଉଛି ଚାଷୀ ପରିବାର । ସବୁ ବେଳେ କ୍ଷତି ଆଉ କ୍ଷତି । ଏଥିରୁ ମୁକୁଳିବା କଷ୍ଟକର ହୋଇପଡିଛି । ଜୱାଦ ଦୃବଳ ହୋଇ ଚାଲି ଯିବା ପରେ ରାଜ୍ୟରେ ଲଗାଣ ବର୍ଷା ଲାଗି ରହିଥିଲା । ହେଲେ ଏହି ଲଗାଣ ବର୍ଷାରେ ପାଚିଲା ଧାନ ଗଛ ଭାସୁଥିବା ଦେଖିବାକୁ ମିଳିଛି । ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ହଜାର ହଜାର ହେକ୍ଟର ଚାଷ ଜମିରେ ପାଚିଲା ଧାନ ପଡି ରହିଛି । ଖାଲି ଧାନ ନୁହେଁ ପନିପରିବା ଚାଷ ଉପରେ ମଧ୍ୟ ଏହାର ପ୍ରଭାବ ପଡିଛି । ବିଶେଷ କରି କୋବି, ବାଇଗଣ, ଭେଣ୍ଡି ଓ ବିଭିନ୍ନ ପ୍ରକାର କିସମର ଶାଗ ଗଛ ପାଣିରେ ବୁଡି ରହିଛି । ଯଦି ସଠିକ୍ ସଠିକ ସମୟରେ ଜଳ ନିଷ୍କାସନ ହୋଇ ନ ପାରିଲେ ତେବେ ଏହି ସବୁ ଗଛ ନଷ୍ଟ ହୋଇଯିବା ସମ୍ଭାବନା ରହିଛି । ତେବେ ଏଭଳି ପରିସ୍ଥିତରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଫସଲ କ୍ଷୟକ୍ଷତିର ଆକଳନ କରିବାକୁ ସରକାରଙ୍କୁ ଦାବି କରିଛି ଚାଷୀକୁଳ । ତେବେ ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଲେ ଚାଷୀ ମୁହଁରେ ହସ ଫୁଟିବ ବୋଲି ଆଶା ରଖିଛନ୍ତି ।

# ଗଞ୍ଜେଇ ଚାଲାଣ ବେଳେ ଚଢାଉ : ୪ ଅଟକ

ଜୟପୁର ,୦୭/୧୨ (ନି.ପ୍ର): ବାହାର ରାଜ୍ୟ କୁ ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ପଣ୍ଡ କରିଛି । ଲମତାପୁଟ ଅଂଚଳରୁ ଗଞ୍ଜେଇ ଧରି ଜୟପୁର ଘାଟି ଦେଇ ୧୦ ଚକିଆ ଟ୍ରକ ଏଚଆର ୬୮ ଏ ୧୫୬୭ ରେ ଗଞ୍ଜେଇ ଚାଲାଣ ବେଳେ ପୋଲିସ ଚଢାଉ କରିଛି । ଜୟପୁର ଘାଟିରେ ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ଚଢାଉ କରି ଥାନାକୁ ଆଣି ଗାଡି ଯାଂଚ ଚାଲିଛି । ଉପରେ ପଇଡ ଥିବା ବେଳେ ଭିତରେ ଗଞ୍ଜେଇ ରହିଛି । ଏହି ମାମଲାରେ ୪ ଜଣକୁ ଅଟକ ରଖିଛି । ଗଞ୍ଜେଇ ଉତର ପ୍ରଦେଶର ମିରଟ କୁ ଚାଲାଣ ହେଉ ଥିବା ବେଳେ ପୋଲିସ ଚଢାଉ କରିଛି । ପାଖା ପାଖି ୨ କ୍ୱିଇଂଟାଲ ରୁ ଅଧିକା ଗଞ୍ଜେଇ ଥିବା ଜଣାଯାଇଛି । ଯାହାର ଆନୁମାନିକ ମୁଲ୍ୟ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଥିବା ଜଣାଯାଇଛି । ଯାଂଚ ପରେ ସବୁ ତଥ୍ୟ ଗଣ ମାଧମକୁ ଦିଆଯିବ ବୋଲି ଏସଡିପିଓ ଅରୁପ ଅଭିଷେକ ବେହେରା ସୁଚନା ଦେଇଛନ୍ତି ।

# ସାମାଜିକ ସୁରକ୍ଷାଠାରୁ ଦୂରରେ ଗରିବ ଜୁଆଙ୍ଗ : ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଭତ୍ତା

କେନ୍ଦୁଝର,୦୭/୧୨ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ପକ୍ଷରୁ ଅବହେଳିତ ଆଦିବାସୀ ପ୍ରଜା ମାନଙ୍କ ଯୋଜନା ଉପରେ ଯୋଜନା ହେଉଛି । ଏବଂ ଅନୁରୂପ ଭାବେ ଅର୍ଥର ବ୍ୟୟ ବରାଦ ମଧ୍ୟ କରାଯାଉଛି । ସରକାରମାନେ ଅନେକ ସମୟରେ ଆଦିବାସୀଙ୍କ ପାଇଁ କାନ୍ଦଣା ମଧ୍ୟ କାନ୍ଦୁଛନ୍ତି । କିନ୍ତୁ ଆଦିବାସୀ ବହୁଳ ଅବିଭକ୍ତ କେନ୍ଦୁଝର ଜିଲ୍ଲା ର ଅନେକ ଯୋଗ୍ୟ ଆଦିବାସୀ ହିତାଧିକାରୀ ଆଜି ବି ସରକାରଙ୍କ ଯୋଜନା ବଂଚିତ ହୋଇ ଅତି ଦୟନୀୟ ଭାବେ ବଂଚିବା ଲାଗି ସଂଗ୍ରାମ କରୁଛନ୍ତି । ଏଭଳି ଚିତ୍ର ବିଶେଷ ଭାବେ ଜିଲ୍ଲାର ବଂଶପାଳ , ତେଲକୋଇ , ହରିଚନ୍ଦନପୁର ଆଦି ବ୍ଲକ ଅଂଚଳରେ ଦେଖିବାକୁ ମିଳିଥାଏ । ସରକାର ଯୋଜନା କରୁଛନ୍ତି କିନ୍ତୁ ତାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କର ଖାମଖିଆଲି ତଥା ଦାୟିତ୍ୱହୀନତା ଯୋଗୁଁ ପ୍ରକୃତ ହିତାଧିକାରୀ ଯୋଜନାରୁ ସୁଫଳ ପାଇବାରୁ ବଂଚିତ ହେଉଥିବା ବେଳେ ଅଧିକାଂଶ କ୍ଷେତ୍ରରେ ଅଯୋଗ୍ୟ ହିତାଧିକାରୀ ମାନେ ଏହାର ସୁଯୋଗ ନେଉଛନ୍ତି । ଏଥିପାଇଁ ଏସବୁର କାର୍ଯ୍ୟକାରୀ କରିବା ଦାୟିତ୍ୱରେ ରହୁଥିବା ଅଧିକାରୀ ମାନଙ୍କ ଉପରେ କୌଣସି ଉତରଦାୟିତ୍ୱ ଫିକ୍ସ କରାଯାଉ ନଥିବା କାରଣରୁ ବିଭିନ୍ନ ଅନେକ ଲୋକାଭିମୁଖୀ ଯୋଜନା ଗୁଡିକର ସୁଫଳ ଉଦ୍ଦିଷ୍ଟ ହିତାଧିକାରୀ ମାନେ ପାଉ ନାହାଁନ୍ତି । କେନ୍ଦୁଝର ଜିଲ୍ଲାର ତେଲକେଇ ବ୍ଲକ ଅଂଚଳରେ ରହିଛନ୍ତି ଅନେକ ସଂଖ୍ୟାରେ ଜୁଆଙ୍ଗ ଜନଜାତି ସଙ୍ଗକୁ ପାଉଡି ଭୁୟାଁ ପ୍ରଜା । ଅବଶ୍ୟ ଜିଲ୍ଲାର ବଂଶପାଳ ବ୍ଲକରେ କାର୍ଯ୍ୟରତ ଜୁଆଙ୍ଗ ଡେଭେଲେପମେଟଂ ଏଜନ୍ସି ଅଂତଳରେ ବାସ କରୁଥିବା ଜୁଆଙ୍ଗ ମାନଙ୍କ ସଂପର୍କୀୟ ତଥ୍ୟ ସରକାରୀ ଭାବେ ଉପଲବ୍ଧ ହେଉଥିବା ବେଳେ ତେଲକୋଇ ଅଂଚଳରେ ବାସ କରୁଥିବା ଏମାନଙ୍କର ସଠିକ ହିସାବ ପ୍ରଶାସନ ପାଖରେ ନାହିଁ । ଏହି ତେଲକୋଇ ବ୍ଲକ ର ପଣସନଶା ଗ୍ରାମଟି ପଚଂାୟତର ସଦର ମହକୁମା ଠାରୁ ପ୍ରାୟ ୧୮ କି.ମି. ଦୂର ପାହାଡିଆ ରାସ୍ତା ଏବଂ ସଦର ମହକୁମା ଠାରୁ ପ୍ରାୟ ୩୫ କି.ମି. ଦୂର ଅଟେ । ଗ୍ରାମର ସ୍ୱର୍ଗତ ଲକ୍ଷ୍ଣ ନାୟକ ଙ୍କ ବିଧବା ପତ୍ନୀ ଉପାସୀ ଜୁଆଙ୍ଗ ଗତ ବର୍ଷେ ହେବ ବିଧବା ଭତା ପାଇଁ ଆବେଦନ କରିଥିଲେ ମଧ ତାଙ୍କ କଥା କେହି ଶୁଣୁ ନାହାଁନ୍ତି । ଅନୁରୁପ ଭାବେ ସେହି ଗ୍ରାମର ୬୮ ବର୍ଷ ବୟସ୍କା ଘାସିଆଣୀ ଜୁଆଙ୍ଗ ବିଧବା ଭତା ପାଉ ନଥିବା ବେଳେ ୭୨ ବର୍ଷିୟ କୈଳାଶ ଜୁଆଙ୍ଗ ଗତ କିଛି ବର୍ଷ ହେବ ବାର୍ଦ୍ଧକ ଭତା ପାଇଁ ଆନେଦନ କରି କରି ଥକି ଗଲେଣି ତଥାପି କୌଣସି ସୁଫଳ ପାଇ ପାରୁନାହାଁନ୍ତି । ଏହି ଗ୍ରାମ ସହ ନିକଟବର୍ତୀ ଗ୍ରାମ ମାନଙ୍କରେ ଏଭଳି ଅନକେ ଅବହେଳିତ ଅତି ଗରିବ ଅସହାୟ ଯୋଗ୍ୟ ବୟସ୍କ ପୁରୁଷ ଓ ମହିଳା ରହିଛନ୍ତି ଯେଉଁମାନେ ବାର୍ଦ୍ଧକ୍ୟ ଭତା ନଚେତ ବିଧବା ଭତା ପାଇବା ଅପେକ୍ଷାରେ ହିଁ ରହିଛନ୍ତି । ଫଳରେ ସେମାନଙ୍କ ସାମାଜିକ ସୁରକ୍ଷା ସ୍ୱଭାବିକ ଭାବେ ବିପନ୍ନ ହୋଇଛି । କେବେ ଆମ ଜିଲ୍ଲା ପ୍ରଶାସନ ର ନିଦ ଭାଙ୍ଗିବ ଏବଂ ଆମ ଧୋବଧୋବଳିଆ ସରକାରୀ ବାବୁ ମାନଙ୍କର ସୁ ନଜର ଏମାନଙ୍କ ଉପରେ ପଡିବ ଓ ଏମାନେ ଭତା ଗଣ୍ଡିଏ ପାଇବେ ତାକୁ ହିଁ ଦେଖିବାକୁ ବାକି ରହିଲା ।

# ଜଗନ୍ନାଥ ପୁରୀ ନାମକୁ ନେଇ ରାଜ୍ୟପାଳଙ୍କୁ ଦାବିପତ୍ର

ପୁରୀ,୦୭/୧୨ (ନି.ପ୍ର): ଧାର୍ମିକ ଦୃଷ୍ଟିକୋଣରୁ ଶ୍ରୀକ୍ଷେତ୍ର ଧାମକୁ ଶ୍ରୀଜଗନ୍ନାଥ ଧାମ ଭାବେ ନାମ ପରିବର୍ତନ ପାଇଁ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ପୁରୀ ରାଜଭବନରେ ୭ଜଣିଆ କମିଟି ସାକ୍ଷାତ କରି ଆଜି ଦାବିପତ୍ର ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ସମାଜସେବୀ ଚକ୍ରଧର ମହାପାତ୍ର, ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତି ଓ ରାଜେଶ କୁମାର ମହାନ୍ତି, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ଭୟସ ଅଫ କମନମ୍ୟାନ ହେକ୍ଟର ମିଶ୍ର, ଯୁବ ସାଂସ୍କୃତିକ ସଂଗଠକ ବିଶ୍ୱନାଥ ମିଶ୍ର ପ୍ରମୁଖ ଜଗନ୍ନାଥ ଧାମ ସଂପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ ।

# ବାତ୍ୟା ପ୍ରଭାବରେ ନଷ୍ଟ ହୋଇଥିବା ଫସଲର କ୍ଷତିପୁରଣ ଦେବାକୁ ଦାବି

କେନ୍ଦ୍ରାପଡ଼ା,୦୭/୧୨ (ନି.ପ୍ର): ଜୱାଦ ବାତ୍ୟା ପ୍ରଭାବରେ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ତହସିଲ ଅଂଚଳରେ ନଷ୍ଟ ହୋଇଥିବା ଧାନଫସଲ, ପନିପରିବା ସହ ବହୁ ଚାଲଘର ସଂପୂର୍ଣ୍ଣ ଭାଙ୍ଗି ଯାଇଛି । ଏହାର କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ କ୍ଷତିପୁରଣ ପ୍ରଦାନ କରିବାକୁ ଜିଲ୍ଲା ବିଜେପି ତରଫରୁ ଦାବି କରାଯାଇଛି । ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ଦୁର୍ଯ୍ୟାଧନ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ସମସ୍ତ ତହସିଲଦାରଙ୍କ ମାଧମରେ ୭ଦିନ ମଧରେ କ୍ଷୟକ୍ଷତିର ଆକଳନ କରାଯାଇ ଧାନଚାଷୀ ଓ ପନିପରିବା ଚାଷିଙ୍କୁ କ୍ଷତିପୁରଣ ଦିଆଯିବା ସହ ଯେଉଁ ମାନଙ୍କର ଚାଳଘର ଭାଙ୍ଗିଯାଇଛି ସେମାନଙ୍କୁ ତୁରନ୍ତ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଦାବି କରିଛନ୍ତି । ଜିଲ୍ଲାରେ ସମସ୍ତ କେନାଲ ଜଳସଫା କରିବା, ରବିଋତୁରେ ଚାଷ ପାଇଁ ଜଳ ଯୋଗାଣ କରାଯାଉ, ରବି ଋତୁରେ ବିହନ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତି ମାଗଣାରେ ଯୋଗାଇ ଦେବାକୁ ଏହି ପ୍ରତିନିଧି ମଣ୍ଡଳ ଦାବି କରିଛନ୍ତି ।

# ମୃତ କୁଲିଙ୍କ ପରିବାରକୁ ଭେଟି ସ୍ୱାନ୍ତନା ଦେଲେ ସାଂସଦ ପ୍ରତିନିଧି

ମାଲକାନଗିରି,୦୭/୧୨ (ନି.ପ୍ର): ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ୮ନମ୍ବର ୱାର୍ଡ ଆଶୀର୍ବାଦ କଲୋନୀ କେନାଲ ସାହିର କୁନି ନାଲି ନାମକ ଜଣେ ଗରିବ ମହିଳା କୁଲି ମଜୁରି କରି ଜୀବନ ଯାପନ କରି ରହୁଥିଲେ ! ଆଜି ତାର ଦେହାନ୍ତ ହୋଇଯାଇଥିବା ଖବର ପାଇ ମାଲକାନଗିରି ପୌର ପରିଷଦ ର ପୂର୍ବତନ ଉପାଧକ୍ଷ ତଥା ସାଂସଦ ପ୍ରତିନିଧି ମନୋଜ କୁମାର ବାରିକ ପହଂଚି ସ୍ୱର୍ଗତ କୁନି ନାଲି ର ଏକ ମାତ୍ର ୧୦ବର୍ଷର ପୁଅ ଙ୍କୁ ସାକ୍ଷାତ କରି ସ୍ୱା ନ୍ତନା ଦେବା ସହ ଓଡିଶା ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଦୁଃଖଦ ସମୟରେ ମୃତ ମହିଳା ଙ୍କ ପୁଅ କୁ ସାହାର୍ଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି ଦୁଲାଲ ଥଣ୍ଡର , ଗୌରୀ ମାଡକାମୀ, ନାଥ୍ ,ଲା , କେ, ରାହୁଲ,ସୁରେନ୍ଦ୍ର ବେମାଲ ଓ ଟି.ମତ୍ୟାଲୁ ପ୍ରମୁଖ ।

# ଅନାଲୋଚିତ ସୌନ୍ଦର୍ଯ୍ୟ

**ଭାରତ ଓ ଚୀନ୍ ସୀମାରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଥିବା 'ଫିଙ୍ଗର ଏରିଆ'କୁ ନେଇ ବିବାଦ ଲାଗି ରହିଛି । ତେବେ ସୀମା ବିବାଦ ଭିତରେ ପାଙ୍ଗୋଙ୍ଗ ଅଞ୍ଚଳର ସୌନ୍ଦର୍ଯ୍ୟରେ କିଛି ଫରକ ପଡ଼ିନାହିଁ । ଯଦିଓ ଏହି ସ୍ଥାନକୁ ପର୍ଯ୍ୟଟକଙ୍କୁ ସେପରି ଯାତାୟତ ହୋଇନଥାଏ ଏହା କିନ୍ତୁ ପ୍ରକୃତିପ୍ରେମୀଙ୍କ ପାଇଁ ଖୁବ୍ ଆକର୍ଷଣୀୟ ସ୍ଥାନ । ପାଙ୍ଗୋଙ୍ଗ ସମେତ ଦେଶର ପାଞ୍ଚଟି ଏପରି ଅନାଲୋଚିତ, କିନ୍ତୁ ରମଣୀୟ ସ୍ଥାନ ସମ୍ପର୍କରେ-**

### ପାଙ୍ଗୋଙ୍ଗ ହ୍ରଦ, ଜାମ୍ମୁ-କାଶ୍ମୀର:

ଲେହର ଏବଂ ଲଦାଖ ସହ ଏହି ହ୍ରଦର ସୌନ୍ଦର୍ଯ୍ୟ '୩ ଇଡିଅଟ୍ସ' ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଥିଲା । ଏଥିରେ କରୀନା କପୁର ବିବାହ ବେଦୀରୁ ଉଠି ସ୍କୁଟରରେ ଯେଉଁ ସ୍ଥାନକୁ ଆସିଥିଲେ ତାହା ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳ । ହିମାଳୟ ପାର୍ବତ୍ୟାଞ୍ଚଳରେ ଖୁବ୍ ଉଚ୍ଚ ସ୍ଥାନରେ ଏହି ହ୍ରଦ ରହିଛି । ଏହା 'ପାଙ୍ଗୋଙ୍ଗ ତ୍ସୋ' ନାମରେ ବି ପରିଚିତ । ଏହି ହ୍ରଦ ଭାରତର ଲଦାଖଠାରୁ ଚୀନ୍ ନିୟନ୍ତ୍ରଣାଧୀନ ତିବ୍ବତ ପର୍ଯ୍ୟନ୍ତ ପ୍ରାୟ ୧୩୪ କିଲୋମିଟର ଲମ୍ବିଛି । ଏହାକୁ ନେଇ ଚାଲିଥିବା ଅନୁଧାନ ସଫଳ ହେଲେ ଏହି ହ୍ରଦ ଦକ୍ଷିଣ ଏସିଆର ପ୍ରଥମ ଟ୍ରାନ୍ସ-ବାଉଣ୍ଡାରୀ ୱେଟଲ୍ୟାଣ୍ଡ ଭାବେ ପରିଚିତ ହେବ । ପାଙ୍ଗୋଙ୍ଗ ଲୁଣି ପାଣିର ହ୍ରଦ ହୋଇଥିଲେ ବି ଥଣ୍ଡା ପଡ଼ିଲେ ଜମାଟ ବାନ୍ଧିଯାଏ । ଏହା ଏଲ୍ଏସି ଅଞ୍ଚଳରେ ଅଞ୍ଚଳରେ ଥିବାରୁ ଏଠାକୁ ଯିବାଲାଗି ସ୍ୱତନ୍ତ୍ର ଅନୁମତି ପତ୍ର ଜରୁରୀ ।





### ତାରକର୍ଲି ବେଳାଭୂମି, ମହାରାଷ୍ଟ୍ର:

ମୁମ୍ବାଇ ସହରରୁ ମାତ୍ର କେତେଘଣ୍ଟା ଗାଡ଼ିରେ ଯିବା ପରେ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ତାରକର୍ଲି ବେଳାଭୂମିରେ ପହଞ୍ଚି ହେବ । ସ୍ନାର୍କେଲିଂ ଏବଂ ସ୍କୁବା ଡାଇଭିଂ ପରି ରୋମାଞ୍ଚକର କ୍ରୀଡ଼ା ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଖୁବ୍ ଭଲ ସ୍ଥାନ । ଶିବାଜି ମହାରାଜଙ୍କ ଦ୍ୱାରା ନିର୍ମିତ ସିନ୍ଧୁଦୁର୍ଗ ଏଠାକାର ଅନ୍ୟତମ ଆକର୍ଷଣ । ସମୁଦ୍ର ସହ ନଦୀ, ପାଲଟଣା ଡଙ୍ଗା, ଡଲ୍ଫିନ୍ ଆଦି ପର୍ଯ୍ୟଟକଙ୍କୁ ଏହି ସ୍ଥାନ ପ୍ରତି ଆକୃଷ୍ଟ କରିଥାଏ ।





### ମାଜୁଲି, ଆସାମ:

ବ୍ରହ୍ମପୁତ୍ର ନଦୀ ମଧ୍ୟରେ ଥିବା ମାଜୁଲି ବିଶ୍ୱର ସର୍ବବୃହତ ମଧୁର ଜଳ ଦ୍ୱୀପାଞ୍ଚଳ ଭାବେ ପରିଚିତ । ଏଠାରେ ଶତାଧିକ ବର୍ଷ ପୁରୁଣା ଆସାମ ସଭ୍ୟତାର ସାଂସ୍କୃତିକ ଗୁରୁତ୍ୱ, ପ୍ରାଚୀନ ଅସ୍ତ୍ରଶାସ୍ତ୍ର, ବାସନ, ଅଳଙ୍କାର ଏବଂ ଅନ୍ୟାନ୍ୟ ବସ୍ତୁ ସଂରକ୍ଷିତ କରି ରଖାଯାଇଛି । ଏହା ଗୁଆହାଟୀଠାରୁ ୩୪୭ କିଲୋମିଟର ଏବଂ ଜୋରହାଟଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଅବସ୍ଥିତ । ଏଠାରେ ପ୍ରାୟତଃ ଜନଜାତିମାନେ ବାସ କରନ୍ତି । ସେମାନଙ୍କ ଚଳଣି ଓ ପରମ୍ପରା ଏଠାକାର ପ୍ରମୁଖ ଆକର୍ଷଣ



ହୋଇଥିବା ବେଳେ ମାଜୁଲିକୁ ଆସାମର ସାଂସ୍କୃତିକ ରାଜଧାନୀ ବୋଲି ବି କୁହାଯାଏ ।

### ତୱାଙ୍ଗ, ଅରୁଣାଚଳ ପ୍ରଦେଶ:




ଏହା ଏଠାକାର ଏକ ଶାନ୍ତ ଶୈଳ ନିବାସ ବା ହିଲ୍ ଷ୍ଟେସନ । ତେବେ ବାରମ୍ବାର ବଦଳୁଥିବା ପାଣିପାଗ ଏବଂ ଭୂସ୍ଖଳନ ଯୋଗୁ ଏଠାକୁ ଆସିବା ଖୁବ୍ କଷ୍ଟଦାୟକ ହୋଇଥାଏ । ସମୁଦ୍ର ପତନଠାରୁ ୩୦୪୮ ମିଟର ଉଚ୍ଚରେ ଥିବା ତୱାଙ୍ଗ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସୁନ୍ଦର ବୌଦ୍ଧମଠ, ଅର୍କିଡ ଉଦ୍ୟାନ ତଥା ନିଆରା ସୁସ୍ୱାଦୁ ଖାଦ୍ୟ ପାଇଁ ପରିଚିତ । ଏହା ମଧ୍ୟ ଷଷ୍ଠ ଦଲାଇଲାମା ସାଙ୍ଗୟାଙ୍ଗ ଗ୍ୟାତ୍ସୋଙ୍କ ଜନ୍ମସ୍ଥାନ ।

# ଦୁଧୌରି

ବିହାର ଓ ଝାଡ଼ଖଣ୍ଡର ଏକ ଲୋକପ୍ରିୟ ପିଠା ଦୁଧୌରି । ପର୍ବପର୍ବାଣି ଅବସରରେ ଏହି ସୁସ୍ୱାଦୁ ପିଠା ପ୍ରାୟ ପ୍ରତ୍ୟେକ ପରିବାରରେ ପ୍ରସ୍ତୁତ ହୋଇଥାଏ । ତେବେ ଏହି ପିଠା ପ୍ରସ୍ତୁତ କରିବା ପଛରେ ବି ଏକ କାହାଣୀ ରହିଛି । କୁହାଯାଏ ନୂଆ ଧାନ ଅମଳ ପରେ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନୂଆ ଚାଉଳରେ ପିଠା ପ୍ରସ୍ତୁତ କରାଗଲେ ବର୍ଷ ସାରା ସୁଖସମୃଦ୍ଧି ପ୍ରାପ୍ତ ହୋଇଥାଏ । ବିଶେଷକରି ଝାଡ଼ଖଣ୍ଡରେ ନୂତନ ଧାନ ଅମଳ ହେଲା ପରେ ଘରେ ଘରେ ପ୍ରସ୍ତୁତ ହୋଇଥାଏ ଦୁଧୌରି । କାରଣ ନୂଆ ଧାନରୁ ତିଆରି ହୋଇଥିବା ଚାଉଳରେ ଏକ ଭିନ୍ନ ମିଠାପଣ ଥାଏ । ଝାଡ଼ଖଣ୍ଡର ଅଧିକାଂଶ ରେସିପି ଚାଉଳରେ ପ୍ରସ୍ତୁତ ହେଉଥିଲା ବେଳେ ଦୁଧୌରି ବା ବାଦ୍ ପଡ଼ିବ କିପରି । ଦୁଧୌରି ତିଆରି ହେବାର ମୁଖ୍ୟ ଉପାଦାନ ହେଉଛି ଅରୁଆ ଚାଉଳ, କ୍ଷୀର ଏବଂ ଚିନି । ଏହାକୁ ପ୍ରସ୍ତୁତ କରିବା ପାଇଁ ସେତେ ଅଧିକ ସମୟ ଲାଗେ ନାହିଁ । ଏହା ଏକ ସହଜରେ ତିଆରି ହୋଇପାରୁଥିବା ପିଠା । ସ୍ୱାଦ ମିଠା ହୋଇଥିବାରୁ ଅନ୍ୟ ରାଜ୍ୟର ଲୋକମାନେ ଦୁଧୌରିକୁ ଏକ ମିଠା ବୋଲି ଭାବନ୍ତି । କିନ୍ତୁ ଏହା ମିଷ୍ଟାନ୍ନ ଶ୍ରେଣୀରେ ଆସେ ନାହିଁ । ଶୀତଦିନ ନୂଆ ଧାନ ଅମଳ ପରେ ପରେ ସେଥିରୁ ପ୍ରସ୍ତୁତ ଚାଉଳରେ ତିଆରି ହୋଇଥିବା ଦୁଧୌରିର ସ୍ୱାଦ ଖୁବ ବଢ଼ିଆ । ସ୍ଥଳ ବିଶେଷରେ ଏହାକୁ ତିଆରି କରିବାର ପଦ୍ଧତି ସାମାନ୍ୟ ଭିନ୍ନତା ଦେଖିବାକୁ ମିଳିଥାଏ । ତେବେ ସ୍ୱାଦ ପ୍ରାୟ ସମାନ ଲାଗିଥାଏ । ଆସନ୍ତୁ ଜାଣିବା ଦୁଧୌରି କିପରି ତିଆରି କରାଯାଏ ।




**ପ୍ରସ୍ତୁତି :**

ଦୁଧୌରି ତିଆରି କରିବା ପାଇଁ ପ୍ରଥମେ କ୍ଷୀର ଦରକାର । ନାଁରୁ ହିଁ ଏକଥା ଜଣାପଡୁଛି । ଏହା ବ୍ୟତୀତ ଆଉ ଯେଉଁ ଜିନିଷଟି ଦରକାର ତାହା ହେଲା ଅରୁଆ ଚାଉଳ । ଚାଉଳ ନୂଆ ହୋଇଥିଲେ ଆହୁରି ବଢ଼ିଆ । ଯେଉଁମାନେ ପ୍ରଥମ ଥର ପାଇଁ ପ୍ରସ୍ତୁତ କରିବାକୁ ଯାଉଛନ୍ତି ସେମାନେ ଅଳ୍ପ ପରିମାଣର କ୍ଷୀର କ୍ଷ ଚାଉଳ, ଚିନି ନେଇ ଏହାକୁ ପ୍ରସ୍ତୁତ କରିବା ଦରକାର । ଭାଗମାପ ବିଗିଡ଼ିଗଲେ ହୁଏତ ସବୁ ଖରାପ ହୋଇଯିବ । ଦୁଧୌରି ପ୍ରସ୍ତୁତ ପାଇଁ କ୍ଷୀର ଅଧା ଲିଟର, ଅରୁଆ ଚାଉଳ ଅଧା କପ୍, ଚିନି ଅଧା କପ୍, ବେକିଂ ସୋଡ଼ା ଅଧା ଚାମଚ, ଗୁଜୁରାତି ଗୁଣ୍ଡ ଅଧା ଚାମଚ, ମଇଦା ୧ ବଡ଼ ଚାମଚ, ଛାଣିବା ପାଇଁ ରିଫାଇନ ତେଲ ବା ଘିଅ । ଏଥର ଆସନ୍ତୁ ଜାଣିବା ଏହାକୁ କିପରି ପ୍ରସ୍ତୁତ କରାଯାଏ । ସବୁଠୁ ପ୍ରଥମେ ଏକ ଡେକ୍ଚିରେ ବା ତଳ ମୋଟା ଥିବା ଯେକୌଣସି ପାତ୍ରରେ କ୍ଷୀର ସିଝାଇବେ । କ୍ଷୀର ଭଲ କରି ଫୁଟିଆସିଲେ ସେଥିରେ ଅରୁଆ ଚାଉଳକୁ ଧୋଇ ସେଥିରେ ମିଶାଇବେ । କ୍ଷୀରରେ ମିଶାଇବାର ଅଧ ଘଣ୍ଟା ଆଗରୁ ଚାଉଳକୁ ବତୁରାଇ ରଖିଥିଲେ ଆହୁରି ଭଲ । ଚାଉଳ ମିଶାଇଲା ପରେ ପରେ ତୁରନ୍ତ କ୍ଷୀରରେ ଗୁଜୁରାତି ଗୁଣ୍ଡ ବି ମିଶାଇ ଦେବେ । ଯେତେବେଳେ ଦେଖିବେ କ୍ଷୀରରେ ଚାଉଳ ଭଲ କରି ସିଝି ବହଳିଆ ହୋଇଆସିବ ସେତେବେଳେ ଗ୍ୟାସ୍ ବନ୍ଦ କରିଦେବେ । ଥଣ୍ଡା ହେବା ପାଇଁ କିଛି ସମୟ ଛାଡ଼ିଦେବେ । ଦେଖିବେ ଯେତେବେଳେ ଏହି ମିଶ୍ରଣ ଭଲ କରି ଥଣ୍ଡା ହୋଇଯିବ ଏହାକୁ ହାତରେ ଭଲ କରି ଚକଟିଦେବେ ନହେଲେ ମିକ୍ସିରେ ବାଟି ନେବେ । ଚକଟିଲା ବେଳେ କିମ୍ବା ମିକ୍ସିରେ ଦେଲା ବେଳେ ସେଥିରେ ମଇଦା ଏବଂ ବେକିଂ ପାଉଡ଼ର ମଧ୍ୟ ମିଶାଇ ଦେବେ । ଭଲ କରି ବାଟି ହୋଇଗଲା ପରେ ନିଜ ମନ ପସନ୍ଦର ପିଠା ଆକୃତିରେ ଏଗୁଡ଼ିକୁ ଗଢ଼ିବେ । ଗୋଲ୍ କରିପାରନ୍ତି ନହେଲେ ଟିକେ ଗରମ କରି ଗଢ଼ିଥିବା ପିଠାକୁ ସୁନେଲି ରଙ୍ଗ ହେବା ଯାଏ ଭାଜି ତେଲରୁ କାଢ଼ି ରଖିବେ । ତେଲରେ ପିଠାଗୁଡ଼ିକୁ ଭାଜୁଥିବା ବେଳେ ଆଉ ଏକ ପାତ୍ରରେ ଘିଅ କିମ୍ବା ରିଫାଇନ ତେଲକୁ ଗରମ କରି ଗଢ଼ିଥିବା ପିଠାକୁ ସୁନେଲି ରଙ୍ଗ ହେବା ଯାଏ ଭାଜି ତେଲରୁ କାଢ଼ି ରଖିବେ । ତେଲରେ ପିଠାଗୁଡ଼ିକୁ ଭାଜୁଥିଲା ବେଳେ ଆଉ ଏକ କରେଇରେ ବହଳିଆ ସିରା ପ୍ରସ୍ତୁତ କରିନେବେ । ତେବେ ଅତ୍ୟଧିକ ବହଳିଆ କି ଅତି ପତଳା ସିରା କରିବେ ନାହିଁ । ସିରା ପ୍ରସ୍ତୁତ ହୋଇଗଲେ ତେଲରୁ ଛାଣି ରଖିଥିବା ପିଠାଗୁଡ଼ିକୁ ସିରାରେ ମିଶାଇ ୨୦ରୁ ୨୫ ମିନିଟ ପର୍ଯ୍ୟନ୍ତ ଛାଡ଼ିଦେବେ । ପ୍ରସ୍ତୁତ ହୋଇଯିବ ସୁସ୍ୱାଦୁ ଦୁଧୌରି । ଏହାପରେ ସିରାରୁ କାଢ଼ି ପରବେଷଣ କରିବେ । ଯଦି ଏହାର ସ୍ୱାଦ ବଢ଼ାଇବାକୁ ଚାହୁଁଥିବେ ତେବେ ଏହା ଉପରେ ଥଣ୍ଡା ରାବିଡ଼ି ପକାଇ ପରିବେଷଣ କରିବେ ।

# ସ୍ୱାସ୍ଥ୍ୟ ମନ୍ତ୍ର

'ବଡି ମାସ୍ ଇନ୍ଡେକ୍ସ' ବା 'ବିଏମ୍ଆଇ' ୧୯-୨୯ ମଧ୍ୟରେ ରହିବା ହିଁ ଉତ୍ତମ ସ୍ୱାସ୍ଥ୍ୟ । ଏହା ସଙ୍ଗକୁ ଲୋଡ଼ା ଶକ୍ତିଶାଳୀ ମାଂସପେଶୀ, ସହିବା ଶକ୍ତି ବା ଷ୍ଟାମିନା, ଗଣ୍ଠିଗୁଡ଼ିକର ଉପ-ଉପାଦାନ ମଧ୍ୟ ଅଛି । ଶାରୀରିକ ସ୍ୱାସ୍ଥ୍ୟ ବା ଫିଜିକାଲ୍ ଫିଟ୍ନେସ୍ ଦୁଇ ପ୍ରକାରର-ସାଧାରଣ ଶାରୀରିକ ସ୍ୱାସ୍ଥ୍ୟ (ଜେନ୍ରାଲ୍ ଫିଜିକାଲ୍ ଫିଟ୍ନେସନ) ଓ ନିର୍ଦ୍ଦିଷ୍ଟ ଶାରୀରିକ ସ୍ୱାସ୍ଥ୍ୟ (ସ୍ପେସିଫିକ୍ ଫିଜିକାଲ୍ ଫିଟ୍ନେସ୍) । ପ୍ରଥମଟି ସମସ୍ତଙ୍କ ପାଇଁ ଏବଂ ଦ୍ୱିତୀୟଟି ନିର୍ଦ୍ଦିଷ୍ଟ ପେସାଦାର ଓ ଖେଳାଳିଙ୍କ ପାଇଁ ଆବଶ୍ୟକ । ଫିଟ୍ନେସ୍ ପାଇଁ ସ୍ୱତନ୍ତ୍ର ତାଲିମ ନେବା ପୂର୍ବରୁ ଶରୀରର ବର୍ତ୍ତମାନର ଅବସ୍ଥା ସଂପର୍କରେ ଜାଣିବା ଜରୁରୀ । ଏଥି ପାଇଁ ପ୍ରଥମେ ଚିକିତ୍ସକଙ୍କ ନିକଟକୁ ଯାଇ ରକ୍ତ ଚାପ, ହୃତ୍ପିଣ୍ଡର ଅବସ୍ଥା, ରକ୍ତ ଶର୍କରା ଆଦି ପରୀକ୍ଷା କରନ୍ତୁ । ଆଣ୍ଠୁ-ଗଣ୍ଠି ବା ମେରୁଦଣ୍ଡରେ ପୂର୍ବରୁ କେବେ ଆଘାତ ଲାଗିଥିଲା କି ନା ପରୀକ୍ଷା କରନ୍ତୁ । ତାହା ପରେ ଆଉ ଦଶଟି ପରୀକ୍ଷା ଆବଶ୍ୟକ: ବିଏମ୍ଆଇ, ୱେବ୍ ଟୁ ହିପ୍ ରେସିଓ, ବଡି କଂପୋଜିସନ୍ ଆନାଲିସିସ୍, ଅପର୍ ବଡି ପୁସିଂ ମସଲ୍ ଟେଷ୍ଟ, ଅପର୍ ବଡି ପୁଲିଂ ମସଲ୍ ଟେଷ୍ଟ, ଲେଗ୍ ମସଲ୍ ଟେଷ୍ଟ, କୋର୍ ଟେଷ୍ଟ, କାର୍ଡିଓ ଏଫିସିଏନ୍ସି ଟେଷ୍ଟ, ଫ୍ଲେଗ୍ଜିବିଲିଟି ଟେଷ୍ଟ ଏବଂ ବାଲାନ୍ସ ଟେଷ୍ଟ ।




# ମେଥି ଶାଗ

**ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ମେଥି ରହିଥିବା ଦେଖିବାକୁ ମିଳିଥାଏ । ମେଥିକୁ ଆମେ ମସଲା ରୂପରେ ବ୍ୟବହାର କରୁଥିଲେ ହେଁ, ଏହାକୁ ଆୟୁର୍ବେଦିକ ଜଡ଼ୀ-ବୁଟୀ ରୂପେ ଗ୍ରହଣର କରାଯାଇଥାଏ । ମେଥିକୁ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇଥାଏ । ଏହାର ଶାଗ ଭଜା ଖାଇବାକୁ ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ ସେତିକି ଉପକାରୀ ।**



**ତ୍ୱଚା :**

ମେଥି ତ୍ୱଚା ପାଇଁ ଖୁବ୍ ଉପଯୋଗୀ । ଏଥିରୁ ପ୍ରଚୁର ପରିମାଣର ଔଷଧୀୟ ଗୁଣ ଭରି ରହିଛି । ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରହିଥିବାରୁ ଏହା ତ୍ୱଚାକୁ ଫ୍ରି- ରେଡିକଲସର ପ୍ରଭାବରୁ ରକ୍ଷା କରିଥାଏ । ତ୍ୱଚାରେ ଏଜିଂ ପ୍ରଭାବକୁ ଦୂର କରିଥାଏ । ଆଣ୍ଟି-ଇମ୍ଫ୍ଲାମେଟୋରୀ ଗୁଣ କାରଣରୁ, ବଥ, ଏକଜିମା ଏବଂ ଜଳିଯାଇଥିବା ସ୍ଥାନକୁ ଠିକ୍ କରିବାରେ ମେଥି ଖୁବ୍ ଉପଯୋଗୀ ।

ମେଥିରେ ଡାଇଓସଜେନିନ୍ ନାମକ ଏକ ତତ୍ତ୍ୱ ରହିଛି । ଏହାର ଆଣ୍ଟି-ଇମ୍ଫ୍ଲେମେଟୋରୀ ଓ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ମୁଖବ୍ରଣ ଓ ତ୍ୱଚାର ଅନ୍ୟ ସମସ୍ୟାକୁ କମ୍ କରିବାରେ ସହାୟକ ହୋଇଥାଏ । ମେଥି ମଞ୍ଜି ଆପଣଙ୍କ ତ୍ୱଚାକୁ ମଇଶ୍ଚରାଇଜ କରିବା ସହ ପୋଷଣ ପ୍ରଦାନ କରି ତ୍ୱଚାର ଶୁଷ୍କତାକୁ ଦୂର କରିଥାଏ ।

**କେଶ ଝଡ଼ିବା :**

ଅଧିକ ମାତ୍ରାରେ ପ୍ରୋଟିନ ରହିଥିବା କାରଣରୁ କେଶ ବଢ଼ିବା ଲାଗି ଏହା ଖୁବ୍ ଉତ୍ତମ ହୋଇଥାଏ । ବାସ୍ତବରେ ପ୍ରୋଟିନ କେଶକୁ ଘନ କରିବା ସହିତ ସୁସ୍ଥ ଏବଂ ମଜଭୁତ କରିଥାଏ ।

**କେଶ ମଜଭୁତ :**

ମେଥି ମଞ୍ଜିରେ ପ୍ରୋଟିନ ଓ ନିକୋଟିନ ଏସିଡ ପ୍ରଚୁର ମାତ୍ରାରେ ରହିଥାଏ । ଯାହାକି କେଶକୁ ମଜଭୁତ କରିବାରେ ସହାୟକ ହୋଇଥାଏ । ଏହାକୁ ଝଡ଼ିବାକୁ ଦିଏ ନାହିଁ । ମେଥିକୁ ନିୟମିତ କେଶରେ ଲଗାଇବା ଫଳରେ ରୁପି ସମସ୍ୟା ଦୂର ହୋଇଯାଇଥାଏ । ମେଥିକୁ କେଶରେ ଲଗାଇବା ଫଳରେ ଏହା କେଶରେ ଚମକ ଭରି ଦେଇଥାଏ ।

**ମଧୁମେହ :**

ମେଥି ସୁଗାର ରୋଗୀଙ୍କ ପାଇଁ ଅତ୍ୟନ୍ତ ଗୁଣକାରୀ । ଏଥିରେ ହପ୍ଲୋଗ୍ଲିସମିକ ଗୁଣ ଭରି ରହିଥାଏ ଯାହାକି ସୁଗାର ସ୍ତରକୁ ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ଏଥିରେ ଥିବା ଫାଇବର କାର୍ବୋହାଇଡ୍ରେଟ ଏବଂ ସୁଗାର ଅବଶୋଷଣକୁ ଧୀମା କରିଥାଏ । ଅଧ୍ୟୟନରୁ ଜଣାପଡ଼ିଛି ଯେ, ମେଥି ମଞ୍ଜି ଓ ମେଥିଶାଗରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଖାଇବା ଦ୍ୱାରା ରକ୍ତ ଶର୍କରା ହ୍ରାସ ପାଇଥାଏ ।

**ପ୍ରସୂତି :**

ଶିଶୁଙ୍କ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ମେଥି ନିୟମିତ ସେବନ କରିବା ଫଳପ୍ରଦ । ଏଥିରେ ଫାଇଟୋଷ୍ଟ୍ରୋଜେନ ରହିଥାଏ, ଯାହା ସ୍ତନ୍ୟପାନ କରାଉଥିବା ମା'ଙ୍କ କ୍ଷେତ୍ରରେ କ୍ଷୀର ଉତ୍ପାଦନ ବୃଦ୍ଧି କରିଥାଏ ।

**କୋଲେଷ୍ଟେରଲ ନିୟନ୍ତ୍ରଣ :**

ମେଥିରେ ନାରିଙ୍ଗୋନିନ୍ ନାମକ ଏକ ଫ୍ଲେଭୋନାଇଡ ରହିଥାଏ ଯାହାକି ଉଚ୍ଚ କୋଲେଷ୍ଟେରଲ ସ୍ତରକୁ କମ୍ କରିବାରେ ସହାୟକ ହୋଇଥାଏ । ଏଥିରେ ଥିବା ଘୋଳନଶୀଳ ଫାଇବର ଖାଦ୍ୟକୁ ସହଜରେ ହଜମ କରିଦେଇଥାଏ ଓ କୋଲେଷ୍ଟେରଲକୁ ନିୟନ୍ତ୍ରଣରେ ରଖିଥାଏ ।

**ହୃଦୟକୁ ସୁସ୍ଥ ରଖେ :**

ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ । ଯାହା ହୃଦସ୍ୱାସ୍ଥ୍ୟରେ ସୁଧାର ଆଣିଥାଏ । ଏହା ରକ୍ତ ପ୍ରବାହକୁ ନିୟମିତ କରି ବ୍ଲଡ-କ୍ଲଟରୁ ରକ୍ଷା କରିଥାଏ । ରକ୍ତ-ଚାପ ମଧ କମ କରିବାରେ ସହାୟକ ହୋଇଥାଏ । ହୃଦରୋଗର ଦୁଇ ପ୍ରମୁଖ କାରଣର ରକ୍ତ ସର୍କରା ଓ ମୋଟାପାକୁ ନିୟନ୍ତ୍ରଣ କରି ହୃଦଘାତ ଭୟକୁ ଦୂର କରିବାରେ ସହାୟକ ହୋଇଥାଏ ।

**କୋଷ୍ଠକାଠିନ୍ୟ :**

ମେଥିରେ ଘୋଳନଶୀଳ ଫାଇବର ରହିଥାଏ ଯାହା କୋଷ୍ଠକାଠିନ୍ୟରୁ ମୁକ୍ତି ଦେବାରେ ସହାୟକ ହୋଇଥାଏ । ଏହା ବଦହଜମୀ କାରଣରୁ ପେଟରେ ହେଉଥିବା ଯନ୍ତ୍ରଣାରୁ ଆରାମ ଦେଇଥାଏ । ଏହା ବ୍ୟତୀତ ପେଟ ଓ ଆନ୍ତଃରେ ଅମ୍ଳଦୋଷ, ଜ୍ୱଳନ ଓ ପେଟଫୁଲିବା ଦୂର କରିଥାଏ । ଏହା ଏକ ପ୍ରାକୃତିକ ପାଚନ ଟନିକ୍ ଓ ଏଥିରେ ଥିବା ସ୍ନେହସାର ପେଟର ଆନ୍ତଃକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।



# ଇଟାଲୀର ଅଭିଶପ୍ତ ଦ୍ୱୀପ

ସମୟରେ ଲୁଇଗି ନେଗ୍ରି ନାମକ ଜଣେ ବ୍ୟକ୍ତି ମାଛ ଚାଷ ପାଇଁ କିଣିଥିଲେ । ମାଛ ଚାଷ କରି ସେଠାରେ ସ୍ଥାୟୀ ଭାବେ ବସବାସ କରିବା ଲକ୍ଷରେ ସେ ଏହି ଦ୍ୱୀପର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ବିଶାଳ ବଙ୍ଗଳା ତିଆରି କରିଥିଲେ । ଆଜି ବି ସେଇ ବଙ୍ଗଳା ଉକ୍ତ ଦ୍ୱୀପରେ ଅବସ୍ଥିତ । ହେଲେ କୌଣସି କାରଣବଶତଃ ହଠାତ୍ ଲୁଇଗି ଦେବାଳିଆ ହୋଇଯାଇଥିଲେ ଏବଂ ଦ୍ୱୀପକୁ ବିକ୍ରି କରି ଦେଇଥିଲେ । ତାଙ୍କ ପରେ ସ୍ୱିଡେନର ଜଣେ ବ୍ୟବସାୟୀ ହେନ୍ସ ବ୍ରାଉନ ଏହି ଦ୍ୱୀପର ମାଲିକ ହୋଇଥିଲେ । କିଣିବାର କିଛି ମାସ ପରେ ହେନ୍ସଙ୍କର ମୃତ ଦେହ ବଙ୍ଗଳାରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ପୁଣିଥରେ ଏହି ଦ୍ୱୀପର ମାଲିକାନା ଯାଇଥିଲା ଓଟୋ ଗ୍ରୁନବ୍ୟାକ ନାମକ ଜଣେ ବ୍ୟକ୍ତିଙ୍କ ଅଧୀନକୁ । ତାଙ୍କର ମଧ ରହସ୍ୟମୟ ଭାବେ ମୃତ୍ୟୁ ହୋଇଥିଲା । ତାଙ୍କ ପରେ ମୌରାସି ଭେସ୍ ସାଣ୍ଡୋଜ ଏହି ଦ୍ୱୀପର ମାଲିକାନା ହାସଲ କରିଥିଲେ । ଏହାକୁ କିଣିବା ପୂର୍ବରୁ ସେ ବହୁତ ବଡ଼ ଲେଖକ ଥିଲେ । କିନ୍ତୁ ବଙ୍ଗଳାରେ ରହିବା ପରେ ସେ ପାଗଳ ହୋଇଯାଇଥିଲେ । ଜନ୍ ପଲ୍ ଗେଟିଙ୍କ ସହିତ ମଧ୍ୟ ସମାନ ଘଟଣା ଘଟିଥିଲା । ତାଙ୍କର ପୂରା ପରିବାର ଆତ୍ମହତ୍ୟା କରିଥିଲେ । ଏହି ଦ୍ୱୀପ ବିଷୟରେ ଆହୁରି ଏମିତି ଅନେକ କାହାଣୀ ଶୁଣିବାକୁ ମିଳେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚାଷୀ ଦୁଃଖ ବୁଝିବ କିଏ ?...

ପ୍ରଚଣ୍ଡ ବାତ୍ୟା 'ଜୋୱାଦ' ଫୁଙ୍କି ଗଲା । ଫଳରେ ବଡ଼ ଧରଣର କ୍ଷୟକ୍ଷତି ଆଶଙ୍କା କରୁଥିବା ଓଡ଼ିଶାବାସୀ, ବିଶେଷକରି ଉପକୂଳ ଜିଲ୍ଲାଗୁଡ଼ିକର ବାସିନ୍ଦା ଆଶ୍ୱସ୍ତ ହୋଇଛନ୍ତି । ମାତ୍ର ବାତ୍ୟାର ପ୍ରଭାବ ନଥିବା ସତ୍ତ୍ୱେ ପ୍ରବଳ ଓ ଅନବରତ ବର୍ଷା ଯେଉଁଭଳି କ୍ଷତି କରିଗଲା, ତାହା ଚାଷୀକୁଳର ମେରୁଦଣ୍ଡକୁ ରୀତିମତ ଦୋହଲାଇ ଦେଇଛି । ତୁହାକୁ ତୁହା ପ୍ରବଳ ବର୍ଷା ଲକ୍ଷ ଲକ୍ଷ ହେକ୍ଟର ଜମିରେ ପାଚିଲା ଧାନ ଫସଲକୁ ବତୁରାଇଦେଇ ସୁନାର ଫସଲକୁ ଛାରଖାର କରିଦେଇଛି । ଉପକୂଳର ଆଠରୁ ଦଶଟି ଜିଲ୍ଲା ପାଚିଲା ଧାନ ଫସଲ ବର୍ଷାଜଳରେ ବୁଡ଼ିଯାଇଛି । ବାତ୍ୟା ଓ ବର୍ଷା ନେଇ ପୂର୍ବ ସୂଚନା ମିଳିବା ମାତ୍ରେ ପ୍ରଶାସନ ପକ୍ଷରୁ ବିଲରୁ ତୁରନ୍ତ ଫସଲ କାଟି ସୁରକ୍ଷିତ ସ୍ଥାନକୁ ନେଇଯିବା ସକାଶେ କୁହାଯାଇଥିଲା ସତ । ମାତ୍ର କୌଣସି ସ୍ଥାନରେ ଚାଷୀମାନେ ଫସଲ କାଟି ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରିବାରେ ସକ୍ଷମ ହୋଇଛନ୍ତି ବୋଲି କହି ହେବନାହିଁ । ବର୍ଷସାରା ବିଲରେ ଯତ୍ନ କରି ଯେଉଁ ଫସଲ ଚାଷୀ ଉପୁଜାଇଥିଲା, ସେତକ ଉଦ୍ଧାର କରିବା ତ' ଦୂରର କଥା, ବିଲରେ ବୁଡ଼ି ରହିଥିବା ପାଚିଲା ଫସଲ ଦେଖି ମର୍ମାହତ ଚାଷୀ ଆତ୍ମ ହତ୍ୟା କରିଥିବାର ଦୁଃଖଦ ଖବର ମିଳିଛି । ଯେଉଁ ଆଠ ଦଶଟି ଜିଲ୍ଲାରେ ବର୍ଷାଜନିତ ଫସଲ ହାନି ଘଟିଛି, ସେ ସମ୍ପର୍କିତ ପ୍ରାଥମିକ ସୂଚନାରୁ ଜଣାଯାଇଛି, ପାଖାପାଖି ୮୨ହଜାର ହେକ୍ଟର ଜମି ମଧ୍ୟରୁ ୬୦% ଜମିରେ ଫସଲ ପୂରା ନଷ୍ଟ ହୋଇଯାଇଛି । ଯେହେତୁ ଧାନ କଟାହୋଇ ବିଲରୁ ଉଦ୍ଧାର କରିବାକୁ ସମୟ ପାଇଲେ ନାହିଁ, ଚାଷୀମାନେ ବର୍ଷକର ଅମଳ ହେବାକୁ ଥିବା ଧାନ ହରାଇ ସାରିଛନ୍ତି । ବାତ୍ୟା ଜୋୱାଦ ସମସ୍ତଙ୍କ ମନରେ ଯେଉ ପ୍ରବଳ ଛକା ସୃଷ୍ଟି କରିଥିଲା, ସେଥିପାଇଁ ଯଥାସମ୍ଭବ ମୁକାବିଲା ପାଇଁ ପ୍ରଶାସନ ଉଦ୍ୟମ କରିଥିଲେ । ଜିରୋ କାଜୁଆଲିଟି ପାଇଁ ଏହା ପୂର୍ବରୁ ସରକାର ବିଭିନ୍ନ ବିପର୍ଯ୍ୟୟ ସମୟରେ ରଖୁଥିବା ପ୍ରସ୍ତୁତି ଭଳି ଏଥର ଜୋୱାଦ ପାଇଁ ସତର୍କତା ଆପଣା ଯାଇଥିଲା । ଏମିତିରେ ଅକ୍ଟୋବର-ନଭେମ୍ବରରେ ପ୍ରତିବର୍ଷ କିମ୍ବା ବର୍ଷ ଛଡ଼ା ବର୍ଷ ବିପର୍ଯ୍ୟୟ ହେଉଥିବାର ଓଡ଼ିଶାବାସୀ ଅଙ୍ଗେ ନିଭାଇ ଆସୁଛନ୍ତି । ଏଥର ଡିସେମ୍ବର ପ୍ରଥମ ସପ୍ତାହରେ ଆସିଗଲା ପ୍ରଚଣ୍ଡ ଚଡ଼କ । ସର୍ବକାଳୀନ ରେକର୍ଡ଼ ବୃଷ୍ଟିପାତ ହେତୁ ସୁନାର ଫସଲ ଛାରଖାର ହୋଇଯାଇଛି । ପ୍ରଶାସନ ପକ୍ଷରୁ ଯଥାଶୀଘ୍ର କ୍ଷୟକ୍ଷତିର ଆକଳନ କରି କିଭଳି ପୀଡିତ ଚାଷୀମାନଙ୍କର କ୍ଷତି ଭରଣା କରିବେ, ତାହା ଘୋର ଚିନ୍ତାର ବିଷୟ ହେଲାଣି । ଏହା ପୂର୍ବରୁ ବିଭିନ୍ନ ସମୟରେ ଫନି, ଫାଇଲିନ୍, ତିତିଲି ଭଳି ବିପର୍ଯ୍ୟୟଜନିତ କ୍ଷତିର ଭରଣା ଶତପ୍ରତିଶତ ହୋଇପାରିନଥିବାର ଅଭିଯୋଗ ଭିତରେ ରାଜ୍ୟବାସୀ ଆଶା କରୁଛନ୍ତି, ସରକାର ଏହା ମଧ୍ୟରେ କୃଷକଙ୍କ ପାଇଁ ଫସଲ ବୀମା ନେଇ ଯେତିକି ପଦକ୍ଷେପ ନେଇଥିବାର କହୁଛନ୍ତି, ତାହାକୁ ନିଷ୍ଠାର ସହ କାର୍ଯ୍ୟକାରୀ କଲେ କ୍ଷତିଗ୍ରସ୍ତମାନେ କିଛିଟା ଉପକୃତ ହୋଇପାରନ୍ତେ । କ୍ଷତିଭରଣା ଅଲଗା କଥା, ନଷ୍ଟ ହେଇସାରିଥିବା ଫସଲ ତ' ଚାଷୀ ଆଉ ପାଇବ ନାହିଁ । ଧାନ ଛଡ଼ା ଯେଉଁ ପନିପରିବା ବିଲରେ ପଡ଼ି ଯାଇଛି, ତାହାର ମୂଲ୍ୟ କଳନା କରାଯାଇନପାରେ । ଏମିତିରେ ଅଦିନରେ ଆସିଥିବା ବିପଦ ପାଇଁ ପରିବା ଦର ଆକାଶଛୁଆଁ ହୋଇସାରିଥିଲା। ଅତିବୃଷ୍ଟି ଲାଗି ପରିବା ବଜାରକୁ ଯେତିକି ଜିନିଷ ଆସୁଛି, ତାହା ହୋଇସାରିଛି ଅଗ୍ନିମୂଲ୍ୟ । କୃଷିପ୍ରଧାନ ବ୍ୟବସ୍ଥାରେ ଆମର ଅର୍ଥନୀତି ସବୁ ସମୟରେ ନିୟନ୍ତ୍ରଣ କରିଆସୁଥିବା କୃଷକ ଯଦି ବର୍ଷକୁ ବର୍ଷ ବିପର୍ଯ୍ୟୟର ଚୋଟ ଖାଉଥିବ, ରାଜ୍ୟ ତଥା ଜାତୀୟ ଅର୍ଥନୀତି ପ୍ରତିକୂଳ ଭାବରେ ପ୍ରଭାବିତ ହେବା ନିଶ୍ଚିତ। ଅତୀତ ଦିନରେ ରାଜ୍ୟ ସମ୍ମୁଖୀନ ହୋଇଥିବା ବିପର୍ଯ୍ୟୟଜନିତ କ୍ଷତିର ଭରଣା ପାଇଁ କେନ୍ଦ୍ର ସହାୟତାର ହାତ ବଢ଼ାଇଥିବାର ଏକାଧିକ ପ୍ରମାଣ ରହିଛି । କ୍ଷତିର ଶତପ୍ରତିଶତ ଭରଣା କେବେବି କୌଣସି ବ୍ୟବସ୍ଥାରେ ସମ୍ଭବ ନୁହେଁ । ତାହାରି ଭିତରେ ରାଜ୍ୟ ସରକାର ସହାୟତା ମାଗିବା ପୂର୍ବରୁ କେନ୍ଦ୍ରରୁ ବେଳେବେଳେ ଧନରାଶି ମିଳିଥିବାର ଦୃଷ୍ଟାନ୍ତ ରହିଛି । ସେଥିପାଇଁ ରାଜ୍ୟବାସୀଙ୍କ ଦୁର୍ଦ୍ଦଶା ସମୟରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରି ସରକାର ଓ ଜନପ୍ରତିନିଧିମାନେ ବିପନ୍ନଙ୍କ ପାଇଁ ଯଥେଷ୍ଟ କିଛି କରିବାର ସମୟ ଆସିଛି । ବିପଦ ବେଳରେ ହିଁ ରାଜ୍ୟବାସୀ ସହାୟତାକୁ ଚାହିଁ ରହିଥିବା କଥା ବିଚାରକୁ ନେଇ ଉପଯୁକ୍ତ ବ୍ୟବସ୍ଥା କରିବା ଆଶା କରାଯାଏ ।

## ଚିନ୍ତା ବଢ଼ାଇଲା ଓମିକ୍ରନ

ସୌମେନ୍ଦ୍ର ଜେନା

କୋରୋନା ଭୂତାଣୁର ଭିନ୍ନ ଏକ ଗୋଷ୍ଠୀ ଓମିକ୍ରନ୍ ନାମରେ ଦକ୍ଷିଣ ଆଫ୍ରିକା ଏବଂ ତାର ନିକଟବର୍ତ୍ତୀ ଦେଶଗୁଡିକରେ ଦେଖାଯିବା ପରେ ଏହି ପ୍ରକାର ଭୂତାଣୁକୁ କେନ୍ଦ୍ର କରି ସାରା ବିଶ୍ୱରେ ଏକ ପ୍ରକାର ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି । ୩ ଡିସେମ୍ବର ଦିନ କେବଳ ଦକ୍ଷିଣ ଆଫ୍ରିକାରେ ୧୬୦୫୫ ଜଣ ରୋଗୀ ଏଥିରେ ସଂକ୍ରମିତ ହୋଇଛନ୍ତି । ଭାରତରେ ଦେଖାଦେଇଥିବା ଦ୍ୱିତୀୟ ଲହର ବେଳର ଡେଲ୍‌ଟା ଜାତୀୟ ଭୂତାଣୁଠାରୁ ଓମିକ୍ରନ ଜାତୀୟ ଭୂତାଣୁ ଖୁବ୍ ଅଧିକ ଶକ୍ତିଶାଳୀ ବୋଲି କୁହାଯାଉଛି । ଅଳ୍ପ କେଇଦିନ ଭିତରେ ଏହି ଭୂତାଣୁ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଦେଶ, ଇଉରୋପ ଓ କାନାଡା ଯାଏ ୪୦ ଦେଶରେ ପହଞ୍ଚିଗଲାଣି । ସେଥିପାଇଁ ଭୟଭୀତ ପୃଥିବୀର ଅନେକ ରାଷ୍ଟ୍ର ଏବେ ସଂକ୍ରମଣ ଆଶଙ୍କା ରହିଥିବା ରାଷ୍ଟ୍ରଗୁଡିକରୁ ଆସୁଥିବା ବିମାନଗୁଡିକ ଉପରେ କଟକଣା ଲଗାଇବାକୁ ବାଧ ହୋଇଛନ୍ତି । ଓମିକ୍ରନ ଭୂତାଣୁକୁ ନିଜଦେଶରେ ରୋକିବା ପାଇଁ ଅଷ୍ଟ୍ରେଲିଆ ସରକାର ଆଫ୍ରିକା ମହାଦେଶର ବୋତସୱାନା, ଇଶ୍ୱାଟିନୀ, ଲୋସୋଥୋ, ମାଲାୱି, ମୋଜାମ୍ବିକ, ନାମିବିଆ, ସେଚେଲେସ, ଦକ୍ଷିଣ ଆଫ୍ରିକା, ଜିମ୍ବାୱେକୁ ଯିବା ଆସିବା ଉପରେ କଟକଣା ଜାରି କରି ଆଗାମୀ ୧୪ଦିନ ପାଇଁ ସମସ୍ତ ବେସରକାରୀ ବିମାନ ଚଳାଚଳକୁ ଏହିସବୁ ଦେଶପାଇଁ ବନ୍ଦ ରଖିଛନ୍ତି । ଗତ ଦୁଇ ସପ୍ତାହ ପୂର୍ବରୁ ଆସିଥିବା ଲୋକମାନଙ୍କୁ କ୍ୱାରେଣ୍ଟାଇନରେ ରଖିବା ପାଇଁ କୁହାଯାଇଛି । କୋରୋନାର ଗୋଟିଏ ଲହର ପୃଥିବୀରେ ଦୁର୍ବଳ ହେବାର ତିନିମାସ ପରେ ସାଧାରଣତଃ ଅନ୍ୟ ଏକ ଲହର କିମ୍ବା ଅନ୍ୟ ଏକ ପ୍ରକାରର ଭୂତାଣୁ ସଂକ୍ରମିତ କରିବା ଦେଖାଯାଇଥାଏ । ଯେଉଁଥିପାଇଁ ଅକ୍ଟୋବର-ନଭେମ୍ବର ମାସର ଶେଷଯାଏ ଅପେକ୍ଷା କରିବାକୁ କୁହାଯାଉଥିଲା । ଠିକ୍ ନଭେମ୍ବର ମାସର ଶେଷ ବେଳକୁ ଏହି ଭୂତାଣୁର ସଂକ୍ରମଣ ସଂପର୍କରେ ଜଣାପଡିବା ପରେ ପୂର୍ବରୁ କୋରୋନାର କରାଳ ରୂପ ଦେଖିସାରିଥିବା ବ୍ରାଜିଲ ଦକ୍ଷିଣ ଆଫ୍ରିକା, ବୋତସୱାନା, ସ୍ୱାତିନି, ଲେସୋଥୋ, ନାମିବିଆ ଏବଂ ଜିମ୍ବାୱେକୁ ବିମାନ ଚଳାଚଳ ବନ୍ଦ କରିଛନ୍ତି । ସେମିତି ଭାରତ ସରକାର ଦକ୍ଷିଣ ଆଫ୍ରିକା, ହଂକଂ ଏବଂ ବୋତସୱାନାରୁ ଆସୁଥିବା ବିମାନ ଯାତ୍ରୀମାନଙ୍କ ପରୀକ୍ଷା କରାଇବା ପାଇଁ ରାଜ୍ୟଗୁଡିକୁ କହିଛନ୍ତି । ନଭେମ୍ବର ୧୨ରୁ ଯେଉଁ ଅଣକାନାଡା ଲୋକେ ସଂକ୍ରମଣ ସମ୍ଭାବନା ଥିବା ଉପରୋକ୍ତ ରାଷ୍ଟ୍ରକୁ ଗସ୍ତ କରିଥିବେ ସେମାନେ କାନାଡାରେ ପ୍ରବେଶ କରିପାରିବେ ନାହିଁ ବୋଲି ସେଠାକାର ସରକାର ଘୋଷଣା କରିଛନ୍ତି । ଜାପାନ ସରକାର ମଧ୍ୟ ଚଳିତବର୍ଷ ଶେଷ ପର୍ଯ୍ୟନ୍ତ ସଂକ୍ରମଣ ସମ୍ଭାବନା ଥିବା ରାଷ୍ଟ୍ରରୁ ଯାତ୍ରୀମାନଙ୍କୁ ଗ୍ରହଣ ନକରିବା ଲାଗି କହିଛନ୍ତି । ଯେଉଁମାନେ ଦେଶରେ ପ୍ରବେଶ କରିସାରିଛନ୍ତି ସେମାନେ ୧୪ଦିନ ପାଇଁ କ୍ୱାରେଣ୍ଟାଇନ ବା ଏକାନ୍ତରେ ରହିବା ପାଇଁ ପରାମର୍ଶ ଦିଆଯାଇଛି । ଯେଉଁ ଜାପାନୀ ନାଗରିକ ଉପରୋକ୍ତ ଦେଶଗୁଡିକୁ ଯାତ୍ରା କରିଥିବେ ସେମାନଙ୍କୁ ସରକାରୀ କ୍ୱାରେଣ୍ଟାଇନରେ ରଖାଯିବା ସହ ୩, ୬ ଏବଂ ୧୦ମ ଦିନରେ ପରୀକ୍ଷା କରାଯିବ । ଗ୍ରୀସରେ ୬୦ବର୍ଷରୁ ଅଧିକ ବୟସର ଯେଉଁ ଲୋକମାନେ ଟୀକାଦେବାକୁ ନାରାଜ ଅଛନ୍ତି ସେମାନଙ୍କଠାରୁ ମାସିକ ଫାଇନ୍ ଅର୍ଥ ସଂଗ୍ରହ କରିବାକୁ ସେଠାକାର ସରକାର କହିଛନ୍ତି । ଲୋକଙ୍କ ପେନସନ୍ ଅର୍ଥରୁ ଚଉଠ ଅଂଶ କାଟି ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଇଉରୋପର ନେଦରଲାଣ୍ଡରେ ସନ୍ଧ୍ୟା ୫ଟାପରେ ଲକ୍‌ଡାଉନ୍ ଘୋଷଣାକୁ ବିରୋଧ କରି ଲୋକେ ବିକ୍ଷୋଭ କରିବା ସମୟରେ ହିଂସାକାଣ୍ଡ ଘଟାଇ ପୋଡାଜଳା କରିଛନ୍ତି । ଇଉରୋପର ଅନେକ ଦେଶରେ ଏବେ ଡେଲଟା ଭୂତାଣୁ ଭୟ ବୃଦ୍ଧି କରିଥିବା ବେଳେ ଓମିକ୍ରନର ଆଗମନ ଅନେକଙ୍କୁ ଆତଙ୍କିତ କରିଛି । ଫଳରେ ସେୟାର ବଜାରରେ ଅଂଶଧନ ବିକ୍ରି ବଢିବା ସହ ମୂଲ୍ୟରେ ହ୍ରାସ ଘଟିଛି ।

ଓମିକ୍ରନର ଭୟ ମଧ୍ୟରେ ଡିସେମ୍ବର ମାସ ୧ ତାରିଖରେ ଭାରତରେ ନୂଆ କୋରୋନା ସଂକ୍ରମିତ ୮୯୫୪ ଥିଲାବେଳେ ୨ ତାରିଖକୁ ତାହା ବୃଦ୍ଧିପାଇ ୯୭୬୫ରେ ପହଞ୍ଚିଛି । ୩୦ ନଭେମ୍ବର ଦିନ ଏହି ସଂଖ୍ୟା ୬୯୯୦ ଥିଲା । ଗତ ୫୫୧ ଦିନ ମଧ୍ୟରେ ଏହି ସଂଖ୍ୟା ସବୁଠୁ କମ୍ ରହିଥିଲା । ଦେଶରେ ମୋଟ କୋରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୭୬୩ ରହିଛି ଯାହା ମାର୍ଚ୍ଚ ୨୦୨୦ରୁ ବହୁତ କମ୍ । ରୋଗୀଙ୍କ ସୁସ୍ଥ ହାର ଦେଶରେ ୯୮.୩୫ ପ୍ରତିଶତ ରହିଛି । ୧ ଡିସେମ୍ବର ଦିନ ଦେଶରେ ୮୫୪୮ଜଣ ରୋଗୀ ସୁସ୍ଥ ହେବା ସହ ଦେଶରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩,୪୦,୩୭,୦୫୪ରେ ପହଞ୍ଚିଛି । ଭାରତରେ ଅଦ୍ୟାବଧି ମୋଟ ୬୪.୩୫କୋଟି ଲୋକଙ୍କ ପରୀକ୍ଷା ହୋଇସାରିଛି । ଓମିକ୍ରନ ପାଇଁ ବଙ୍ଗଳାଦେଶ ଆଫ୍ରିକାର ଦେଶଗୁଡିକୁ ଯାତ୍ରା ବନ୍ଦ ଘୋଷଣା କରିଛି । ବଙ୍ଗଳାଦେଶର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜାହିଦ ମାଲେକୀ ଦକ୍ଷିଣ ଆଫ୍ରିକାରୁ ଯାତ୍ରୀ ଆସିବା ବନ୍ଦ କରିଛନ୍ତି । ଇଜିପଟର ସରକାର ଆଫ୍ରିକାର ସଂକ୍ରମଣ ସମ୍ଭାବନା ଥିବା ରାଷ୍ଟ୍ରଗୁଡିକୁ ବିମାନ ଚଳାଚଳକୁ ବନ୍ଦ ରଖିଛନ୍ତି । ଫ୍ରାନ୍ସ ସରକାର କଟକଣା ସ୍ୱରୂପ ବିପଦ ଥିବା ଦେଶ ସହ ବିମାନ ଚଳାଚଳକୁ ବନ୍ଦ କରିଛନ୍ତି । ସାଉଦି ଆରବର ସରକାର ସାତୋଟି ଆଫ୍ରିକୀୟ ରାଷ୍ଟ୍ରକୁ ବିମାନ ଚଳାଚଳ ବନ୍ଦ ରଖିଛନ୍ତି । ଇଉରୋପୀୟ ସଂଘର ସବୁ ଦେଶକୁ ଆଫ୍ରିକାର ସାତୋଟି ଦେଶକୁ ଲୋକଙ୍କ ଚଳାଚଳକୁ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି । ଯୁକ୍ତରାଷ୍ଟ୍ର ଆମେରିକାର ସରକାର ମଧ୍ୟ ଓମିକ୍ରନ ଆଶଙ୍କାରେ ଆଫ୍ରିକାର ସାତୋଟି ରାଷ୍ଟ୍ରକୁ ଚଳାଚଳ ଉପରେ ନିଷେଧାଜ୍ଞା ଜାରି ରଖିଛନ୍ତି ।

ଡିସେମ୍ବର ୬ ସୁଦ୍ଧା ଭାରତର ୨୧ଜଣ ରୋଗୀ ଓମିକ୍ରନ ଭୂତାଣୁ ସଂକ୍ରମିତ ହୋଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ କରାଯାଇଛି । ନଭେମ୍ବର ମାସ ୨୪ ତାରିଖରେ ଦକ୍ଷିଣ ଆଫ୍ରିକାରେ ଓମିକ୍ରନ ଭୂତାଣୁ ଦେଖାଦେଇଥିବା ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଘୋଷଣା କରାଯାଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାରେ ଓମିକ୍ରନ ସଂକ୍ରମିତ ଜଣେ ରୋଗୀ ଦେଖିବାକୁ ମିଳିଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲଭ ଅଗ୍ରୱାଲା କହିଛନ୍ତି ଯେ କର୍ଣ୍ଣାଟକରେ ୬୬ ଏବଂ ୪୬ ବର୍ଷୀୟ ଦୁଇଜଣ ଓମିକ୍ରନ ସଂକ୍ରମିତ ମିଳିଛନ୍ତି । ସେମାନଙ୍କ ଶରୀରରେ ଅଳ୍ପ ଲକ୍ଷଣ ଦେଖିବାକୁ ମିଳିଛି । ୨୧ ଡିସେମ୍ବର ୨୦୨୧ରେ ବିଦେଶରୁ ଭାରତକୁ ଆସିଥିବା ମୋଟ ୩୪୭୬ଜଣ ଯାତ୍ରୀଙ୍କ ମଧ୍ୟରୁ ୬ଜଣ ରୋଗୀଙ୍କଠାରେ ସଂକ୍ରମଣର ଲକ୍ଷଣ ପରିଲକ୍ଷିତ ହୋଇଥିଲା । ଏହି ୬ଜଣଙ୍କଠାରେ ଓମିକ୍ରନ ଭୂତାଣୁ ଅଛି କି ନାହିଁ ଜାଣିବାକୁ ପରବର୍ତ୍ତୀ ଜେନୋମ ପରୀକ୍ଷା ଲାଗି ପଠାଯାଇଛି ।

୬ ଡିସେମ୍ବର ୨୦୨୧ସୁଦ୍ଧା ପୃଥିବୀର ୪୦ଟି ଦେଶରେ ଓମିକ୍ରନ ଭୂତାଣୁ ପ୍ରବେଶ କରିଥିବା ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସୂଚନା ମିଳିଛି । କାଲିଫର୍ଣ୍ଣିଆ ଗଭର୍ଣ୍ଣର ଗାଭିନ ନିଉସମ୍‌ଙ୍କ କହିବାନୁଯାୟୀ ଦକ୍ଷିଣ ଆଫ୍ରିକାରୁ ସାନ୍ ଫ୍ରାନ୍‌ସିସ୍‌କୋ ବେ ଅଞ୍ଚଳକୁ ଫେରିଥିବା ପ୍ରଥମ ଓମିକ୍ରନ ସଂକ୍ରମିତ ରୋଗୀ ଜଣକ ୪୯ବର୍ଷରୁ କମ୍ ବୟସର ଏବଂ ଦୁଇ ପାନଟୀକା ପୂର୍ବରୁ ନେଇସାରିଛନ୍ତି । ଯେହେତୁ ଦ୍ୱିତୀୟପାନ ଟୀକା ନେବା ୬ମାସ ହୋଇ ନାହିଁ ତେଣୁ ତାଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇନାହିଁ । ତେବେ ଆଗାମୀ ୩ରୁ ୬ମାସ ମଧ୍ୟରେ ଓମିକ୍ରନ ଭୂତାଣୁ ବିଶ୍ୱବାସୀଙ୍କୁ ବହୁତ କଷ୍ଟ ଦେବ ବୋଲି ଡାକ୍ତରମାନେ କହିଲେଣି । ବି ୧.୧.୫୨୯ ଶ୍ରେଣୀର ଓମିକ୍ରନ ଭୂତାଣୁ ୭୭ଜଣ ଲୋକଙ୍କଠାରେ ଦେଖାଦେଇଛି । ଭାରତ ସରକାର ବ୍ରିଟେନ, ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ବୋତସୱାନା, ଚୀନ, ମରିସସ୍, ନିଉଜିଲାଣ୍ଡ, ଜିମ୍ବାୱେ, ସିଙ୍ଗାପୁର, ହଂକଂ ୭୨ଘଣ୍ଟା ଇସ୍ରାଏଲ ଆଦି ଦେଶରୁ ଭାରତକୁ ଯାତ୍ରା ଉପରେ କଟକଣା ଲଗାଇଛନ୍ତି । ବିମାନରେ ଭାରତକୁ ଆସୁଥିବା ଯାତ୍ରୀ ଯାତ୍ରା କରିବା ପୂର୍ବ ୭୨ଘଣ୍ଟା ମଧ୍ୟରେ କୋରୋନା ନେଗେଟିଭ ରିପୋର୍ଟ ଦେଖାଇ ବିମାନ ଯାତ୍ରା କରିପାରିବେ ବୋଲି କହିଛନ୍ତି । ଓମିକ୍ରନ ଆଶଙ୍କା ଦୃଷ୍ଟିରୁ ଦେଶର ସବୁ ଡାକ୍ତରଖାନାରେ ଅକ୍ସିଜେନ ବ୍ୟବସ୍ଥା ଯେପରି ଠିକ୍ ରହେ ସେଥିପାଇଁ ରାଜ୍ୟ ସରକାର ଏବେଠାରୁ ପ୍ରସ୍ତୁତ ରହିବା ପାଇଁ କେନ୍ଦ୍ର ପକ୍ଷରୁ ସଚେତନ କରାଯାଇଛି । ଡିସେମ୍ବର ୧୫ରୁ ସବୁ ଆନ୍ତର୍ଜାତିକ ବିମାନ ଚଳାଚଳ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଓମିକ୍ରନର ମାଡ ବିମାନସେବାକୁ ପୁଣି ଶୀତଳ ଭଣ୍ଡାରକୁ ଠେଲି ଦେଇଛି । ବିଗତ ଦିନରେ ୫୨ଲକ୍ଷରୁ ଅଧିକ ଜୀବନ ଯାଇଥିବା ହେତୁ ପୃଥିବୀର ପ୍ରତ୍ୟେକ ଦେଶ ଯେ ଓମିକ୍ରନ ପାଇଁ ଭୟଭୀତ ହେବେ ଏଥିରେ କିଛି ସନ୍ଦେହ ନାହିଁ । କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ଏବେଠୁ ଦ୍ୱିତୀୟ ଲହରର ତ୍ରୁଟି ସୁଧାରିବାକୁ ଚେଷ୍ଟା କରିବା ଦରକାର । ଚିକିତ୍ସାରେ ରୋଗୀମାନେ ଯେପରି ଅସହାୟ ନହୁଅନ୍ତି ସେଥିପାଇଁ ପ୍ରସ୍ତୁତି କରିବା ନିହାତି ଆବଶ୍ୟକ । ସେ ଦୃଷ୍ଟିରୁ କେରଳ, ରାଜସ୍ଥାନ, ଛତିଶଗଡ ଓ କର୍ଣ୍ଣାଟକ ରାଜ୍ୟ ସରକାର ନିଜ ରାଜ୍ୟରେ ଆମିକ୍ରନ ପାଇଁ ବୁଷ୍ଟର ଡୋଜ୍ ଦେବାକୁ ଅନୁମତି ଲାଗି କେନ୍ଦ୍ର ସରକାରଙ୍କୁ ଲେଖିଛନ୍ତି । ଆଗାମୀ ୧୫ଦିନ ଭିତରେ ଏଥିପାଇଁ ଗାଇଡଲାଇନ୍ ଜାରି ହୋଇପାରେ । ୪୦ରୁ ଅଧିକ ବୟସର ଲୋକଙ୍କୁ ଏହି ବୁଷ୍ଟର ଡୋଜ୍ ଦେବାକୁ ପ୍ରସ୍ତାବ ରହିଛି । ପୃଥିବୀର ପ୍ରାୟ ୩୫ରୁ ଅଧିକ ଦେଶ ଏବେ ବୁଷ୍ଟର ଡୋଜ ନାଗରିକମାନଙ୍କୁ ଦେଉଛନ୍ତି । ଆମେରିକା, କାନାଡା, ଅଷ୍ଟ୍ରିଆ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ହଙ୍ଗେରୀ, ଇଟାଲୀ, ପୋଲାଣ୍ଡ, ସ୍ୱିଡେନ, ସ୍ପେନ, ଇସ୍ରାଏଲ, ବେଲଜିୟମ, ଡେନମାର୍କ, ନେଦରଲାଣ୍ଡ, ସ୍ୱିଜରଲାଣ୍ଡ, ଜାପାନ, ତୁର୍କୀ, ଚୀନ ଓ ଦକ୍ଷିଣ କୋରିଆରେ ଏହି ଡୋଜ୍ ଦେବା ଜାରି ରହିଛି । ଭାରତର ସିରମ ଇନଷ୍ଟିଚ୍ୟୁଟ ବୁଷ୍ଟର ଡୋଜ୍ ଛାଡିବାକୁ ସରକାରଙ୍କଠାରୁ ଅନୁମତି ଚାହିଁଛି । କାରଣ ଟୀକା ନେବାର ୯ମାସରୁ ୧ବର୍ଷ ଯାଏଁ ଶରୀରରେ ଆଣ୍ଟିବଡି ରହିଥାଏ ବାହ୍ୟ ଭୂତାଣୁକୁ ପ୍ରତିରୋଧ କରିବା ପାଇଁ । ବୁଷ୍ଟର ଡୋଜ୍ ନେବାପରେ ପୁନର୍ବାର ସେହି ଆଣ୍ଟିବଡି ସ୍ତର ସମାନ ରହିଥାଏ । ଏହାର ଲକ୍ଷ୍ୟ ଶରୀରରେ ପ୍ରତିରୋଧକ ଶକ୍ତିର ସ୍ତରକୁ କାଏମ ରଖିବା ।


♥ ଭାରତୀୟ ସମ୍ବାଦ ସେବା (ଭାସ), ଭୁବନେଶ୍ୱର -୭୫୧୦୦୩


## ତନ୍ତୀ ବୋକା ନୁହେଁ



ଲକ୍ଷ୍ମୀଧର ଗାହାଣ

ପୂର୍ବ ପ୍ରକାଶିତ ଉତ୍ତାରୁ...

ଏହା ପରେ ତାସଣ-ସୂତା, ବଅ-ପାନିଆ ପ୍ରଭୃତିକୁ ତନ୍ତ-ଯନ୍ତ୍ରରେ ଖଂଜି, ପୂର୍ବ ପ୍ରସ୍ତୁତ ସୂତା- କଣ୍ଡାକୁ ମାକୁରେ ପୂରାଇ (ପୂର୍ଣ୍ଣଚନ୍ଦ୍ର ଭାଷାକୋଷ: ପୃଷ୍ଠା- ୬୪୧୪), ଗୋଡ଼ ହାତର ସମାନୁପାତିକ ଅଦ୍ଭୁତ କୌଶଳରେ ଟାଣି ସୂତା (ଲମ୍ବସୂତା) ମଧ୍ୟରେ ପରିଆଣ ସୂତା (ଆଡ଼ ସୂତା)କୁ ଏକାନ୍ତର କ୍ରମରେ ଖଂଜି ଖଂଜି ଲୁଗା ବୁଣିବା ପ୍ରଭୃତି ବିଚକ୍ଷଣ କର୍ମରେ ତନ୍ତୀକୁଳର ସପରିବାର ଲାଗି ଥାଆନ୍ତି ବୋଲି, ନାନା ପୋଷାକ ପିନ୍ଧି ସଭ୍ୟଲୋକେ ପଦାକୁ ଆସନ୍ତି ।

ଏ ଜାତିଟା 'ତନ୍ତୀ ଓଲୁ' ହେଲା କେମିତି ?

କଣ ଅନ୍ୟ ଜାତିର ଲୋକଙ୍କ ପରି ସମୟ ବର୍ବାଦ୍ ନକରି, ସେମାନଙ୍କଠାରୁ ଅଲଗା ରହି, ସମାଜ ମଙ୍ଗଳ କର୍ମରେ ଲିପ୍ତ ରହୁଥିବାରୁ ଗୋଟେ ଗୋଠଛଡ଼ା ଜାତି ରୂପେ ଏମାନଙ୍କୁ ଗ୍ରହଣ କରାଗଲା ବୋଲି ଏହିପରି ଲାଞ୍ଛନା ? ପୁଣି, ଏପରି ଲାଂଛନାର ପ୍ରତିବାଦ କରିନଥିବା ଏହି କର୍ମ ପ୍ରବଣ ମଣିଷକୁ ଭଲ ପାଉଥିବା ଲୋକେ ବି ଶେଷକୁ 'ବିରକ୍ତି ହେତୁ' 'ମୂର୍ଖ- ବୋକା ଓଲୁ' ବୋଲି କହିଲେ ଯାହା ପରବର୍ତ୍ତୀ ସମୟରେ ଗୋଟେ ରଢ଼ିର ଆଖ୍ୟା ନେଲା । ତନ୍ତୀଜାତିଟା ଓଲୁ ହେଇଗଲା ?

ଆଜି ଯେ କଳ କାରଖାନାରେ ଅତି ସୂକ୍ଷ୍ମ ବସ୍ତ୍ର ବୟନ କରାଯାଉଛି, ତାହା ଅତୀତର ଏହି ତନ୍ତୀକୁଳ ବୃତ୍ତିର ପରିମାର୍ଜିତ ଯାନ୍ତ୍ରିକ ପରିମାଣ । ଭାରତରେ ଇଂରେଜ ଶାସନ ସମୟରେ, ଶୋଷଣ ମୁଖୀ ଏହି ଶାସକଙ୍କ ଆକ୍ରମଣର ଶିକାର ହୋଇଥିଲେ, ଭାରତର ଏହି ତନ୍ତୀକୁଳ । କାରଣ, ଏମାନଙ୍କ ପାଇଁ ସେମାନଙ୍କ କଳବୁଣା ଲୁଗା ବ୍ୟବସାୟରେ ବାଧା ଉପୁଜିଥିଲା- ସ୍ୱଦେଶୀ ଆନ୍ଦୋଳନ କାରଣରୁ । ଏମାନଙ୍କ ହାତ ପାପୁଲିକୁ ମଧ୍ୟ କଟା ଯାଉଥିବାର ଐତିହାସିକ ତଥ୍ୟ ରହିଛି । ତଥାପି ଏ ତନ୍ତୀ 'ସ୍ୱଧର୍ମେ ନିଧନଂ ଶ୍ରେୟଃ'କୁ ମାନି ଆସିଛି ।

ବିଡ଼ମ୍ବନାର କଥା- ତନ୍ତୀ ଜାତିର ଓଲାମିକୁ ନେଇ (!) ବାନା ଗଳ୍ପ ମଧ୍ୟ ରଚନା କରାଗଲା ! ଯେମିତି ତନ୍ତୀ ଓଲାର ତାଳଗଛ ଡେଇଁବା, କୁହୁଡ଼ିରେ ପହଁରିବା, ବୁଢ଼ୀ ସାଆନ୍ତାଣୀଙ୍କ ମୁଣ୍ଡରେ ଘାସ ଭାର ଲଦିବା, ସଂଜ ହେଇଯିବାରୁ ଆଗକୁ ନଯାଇ, ନିଜ ଗାଁ ମୁଣ୍ଡରେ ଥିବା କାହାର ଗୋବର ଗାଡ଼ିଆରେ ରାତି ବିତାଇବା, ଛୁଞ୍ଚ ମୁନରେ ତାଳଗଛ କାନ୍ଧେଇବା ଓ ଏପରି ଅନେକ ମନଗଢ଼ା କାହାଣୀ.. ଅତି ବୁଦ୍ଧିମାନ ତନ୍ତୀକୁଳଙ୍କୁ କାଳ କ୍ରମେ ଓଲୁ ସଜାଇବାକୁ ଲେଖା ଯାଇଛି ଓ ଲୋକ ମୁଖରେ କୁହାଯାଉଛି ।

ତେବେ, ପ୍ରକୃତରେ ଓଲୁ କିଏ ?

ଗଛର ବକଳ ପିନ୍ଧା ସ୍ଥିତିକୁ ବଦଳାଇ ଦେଲା ଯେଉଁ ତନ୍ତୀ-କୁଳ ତା'ପ୍ରତି ଏତେ ତାଚ୍ଛଲ୍ୟର କାରଣ, ଅବଶ୍ୟ ଗବେଷଣା ଅନ୍ତର୍ଗତ ହୋଇପାରେ ! ପୃଥିବୀର ପ୍ରତ୍ୟେକ ପ୍ରାନ୍ତରେ ତନ୍ତୀ ଅଛନ୍ତି.. ଏମାନେ ନଥିଲେ ମଣିଷ ଆଜି ନିବସ୍ତ୍ର ହୋଇ ବୁଲୁଥାନ୍ତା । ସମାଜର ଅନ୍ୟ ଗୋଷ୍ଠୀ ବା ଜାତିର ଲୋକେ ପ୍ରତିକ୍ରିୟାଶୀଳ ହୋଇ ତନ୍ତୀଜାତିର ବୁଦ୍ଧିମତ୍ତାକୁ ସହି ନପାରି, ସମ୍ଭବତଃ ଆପଣାର ଅହଂ ଭାବକୁ ତନ୍ତୀଜାତି ବିରୁଦ୍ଧରେ ପ୍ରୟୋଗ କରିଛନ୍ତି !!

ହେଇପାରେ- ମାନାପମାନର ଉର୍ଦ୍ଧ୍ୱରେ ଥାଇ, ନିଜ କର୍ମକୁ ଈଶ୍ୱରୀୟ ଆଦେଶ ରୂପେ ପାଳନ କରିଆସିଥିବା ଏହି ଜାତିଟି ଉପରେ, ତା' ପ୍ରତି କୁତ୍ସାରଟନାର କିଛି ବି ପ୍ରଭାବ ପଡ଼ି ନଥିବ ! ହେଇପାରେ କେହି ସଜାତୀୟ ବ୍ୟକ୍ତି ବିଜାତିକୁ ଗ୍ରହଣ କରିଥିବାରୁ, ସ୍ୱଜାତିରେ ତତ୍‌କାଳୀନ ପରିସ୍ଥିତି ଯୋଗୁ ବାଛନ୍ଦ ହେଇଥିବ ଓ ଏହି ବାଛନ୍ଦ ତାକୁ ଆଉ ଏକ କଳାପାହାଡ଼ ସଜାଇବ- ନିଜ ଜାତିର ସମୃଦ୍ଧି ଓ ବିଚକ୍ଷଣତା ବିରୁଦ୍ଧରେ ଆତତାୟୀର କୁକର୍ମ କରିବାକୁ ! ସେ ତନ୍ତୀ ଜାତିଟି ବିରୁଦ୍ଧରେ ଏପରି ଅ'କଥା ସୃଷ୍ଟି କରିଥିବ/ କରାଇଥିବ !

ଏବେ ସିନା ଜାତି ପ୍ରଥା ନାହିଁ, ପ୍ରତ୍ୟେକ ଜାତି ଅନ୍ୟ ଜାତିର କୌଳିକ ବ୍ୟବସସାୟକୁ ଆବଶ୍ୟକତାନୁସାରେ ଗ୍ରହଣ କରି, ପରସ୍ପରର ଅନୁପୂରକ ଓ ପରିପୂରକ ହେଉଛି, କିନ୍ତୁ ସ୍ୱଜାତିର କୌଳିକ ବ୍ୟବସାୟ କାରଣରୁ ହିଁ ସମାଜ ବ୍ୟବସାୟରେ ସନ୍ତୁଳନ ଥିଲା; ଏବେବି ଚାଷୀ ଯଦି କୃଷିକର୍ମ ଛାଡ଼ିଦିଏ, ଖାଦ୍ୟ ବିନା ମଣିଷ ବଞ୍ଚି ପାରିବ ନାହିଁ ବା ସେମିତି ବସ୍ତ୍ର ବିନା ମଧ୍ୟ ସେ ସଭ୍ୟ ଭାବରେ ବଞ୍ଚି ପାରିବ ନାହିଁ, ଖରା, ବର୍ଷା, ଶୀତର ପ୍ରକୋପରୁ ରକ୍ଷା ପାଇ ପାରଇ ନାହିଁ । ଶିଳ୍ପ ବିପ୍ଳବକୁ ବିକସିତ କରିବା ଦିଗରେ, ପ୍ରତ୍ୟେକ ଜାତିର କୌଳିକ ବ୍ୟବସାୟ କର୍ମ.. ଅବଶ୍ୟ ବନ୍ଦନୀୟ, ପ୍ରଶଂସନୀୟ !

ଏ ଦୃଷ୍ଟିରୁ, ତନ୍ତୀ ଜାତି ହିଁ ଆମ ପାଇଁ ସର୍ବାଧିକ ଆଦରଣୀୟ ଓ ସମ୍ମାନନୀୟ । ତାକୁ ନିର୍ବୋଧ ପର୍ଯ୍ୟାୟକୁ ନେବା ଆଦୌ ସମୀଚିନ ନୁହେଁ ।

କେହି ଭାବୁଥାଇ ପାରନ୍ତି- ଏ ଲୋକଟା ଏକ ଅପନିନ୍ଦିତ ଜାତି ପକ୍ଷରେ ଓକିଲାତି କଲା ପରି ଲାଗୁଚି ! କିନ୍ତୁ.. ମୁଁ ତନ୍ତୀ କୁଳର ନୁହେଁ । ମୁଁ ଜାତିରେ ମାଟି ବଂଶ ଅବଧାନ, ମୋ ବୃତ୍ତିର ସନ୍ତକ ଖଡ଼ି ଗୋଟାଳି, ଅର୍ଥାତ୍ ମୁଁ ଶିକ୍ଷକ କୁଳର । କିନ୍ତୁ ମୋର ଅନିସନ୍ଧିତ୍ସା ମୋତେ ବାରମ୍ବାର ବିଫଳ କରିଆସିଛି- ବିଚକ୍ଷଣ ତନ୍ତୀ ଜାତିଟି ଓଲୁ ହେଲା କିପରି... ତାହା ଜାଣିବାରେ ମୁଁ ବିଫଳ ହେଇଛି ।

ଯାହା ଯାହା ଉପରେ କୁହାଗଲା, ତାହା ଅନୁଶୀଳନ ମାତ୍ର । ଅନ୍ୟମାନଙ୍କ ଅନିସନ୍ଧିତ୍ସା ପ୍ରତି ଏହି ଲେଖାଟିକୁ ମୁଁ ପ୍ରଥମ ପ୍ରୟାସ ରୂପେ ବିନମ୍ରତାର ସହିତ ଅର୍ପଣ କରୁଛି । (ସମାପ୍ତ)


♥ ଗ୍ରାମ-ଟାଙ୍ଗୀ, ପୋ: କୋଟପାଟ, ଜିଲ୍ଲା-କଟକ-୭୫୬୦୨୨
ମୋ: ୭୯୭୮୨୦୪୭୩୧


## କବିତା କୋଣାର୍କ

### ବେଙ୍ଗ ପେଟରେ ସାପ



ରତ୍ନାକର ରାଉତ

ସଭିଏଁ ଜାଣନ୍ତି ସାପ ବେଙ୍ଗ ଖାଏ ।
ପରିସ୍ଥିତି ନ ଯଯୌ ନ ତସ୍ଥୌ ହେଲେ
କୁହାଯାଏ ସାପ ପାଟିରେ ବେଙ୍ଗରେ ଅବସ୍ଥା ।
ନା ଗିଳୁଥାଏ ଭିତରକୁ, ନା ଛାଡୁଥାଏ ବାହାରକୁ ।
ସଙ୍ଗୀନ ପରିସ୍ଥିତିରେ ସମ୍ମୁଖୀନ ହେଉଥିବା
ବ୍ୟକ୍ତି ସଂପର୍କରେ ଏହି ଅବସ୍ଥାକୁ ତୁଳନା କରାଯାଏ ।

ତେଣୁ ସଚରାଚର ସଭିଙ୍କର ବିଶ୍ୱାସ
କେବଳ ସାପ ବେଙ୍ଗକୁ ଖାଇପାରେ ।
ବେଙ୍ଗ ଯେ ସାପକୁ ଗିଳିପାରେ
ସାଧାରଣତଃ ଏକଥା ବିଶ୍ୱାସର ବାହାରେ ।

କିନ୍ତୁ ସବୁବେଳେ କ'ଣ ଗୋଟିଏ ଧାରଣା
ଅବିକଳ ଅପରିବର୍ତ୍ତିତ ରହିଥାଏ ।
ପରିସ୍ଥିତି ବର୍ଷ ବର୍ଷର ବିଶ୍ୱାସକୁ ବଦଳେଇ ଦିଏ ।
ପରିବେଶ ବଦଳିଗଲେ ବେଙ୍ଗ ପାଟିରେ ସାପ ବି ଶିକାର ହୁଏ ।
ଅସର୍ତକ ସାପକୁ ହାଉଲେ ହାଉଲେ ବେଙ୍ଗ ଗିଳୁଥାଏ ।

ବେଙ୍ଗର ଅତିବ ନିପୁଣତାରେ ନାଚାର ସାପ
ଆସ୍ତେ ଆସ୍ତେ ବେଙ୍ଗର ଉଦରସ୍ଥ ହୁଏ ।
ଅବିଚଳିତ ବେଙ୍ଗ ତାର ଲକ୍ଷ୍ୟ ସାଧନ କରେ କଉଶଳରେ ।

ସାପ ବୁଝିବା ପୂର୍ବରୁ ବେଙ୍ଗ ତାକୁ ଗିଳୁଛି,
ବେଙ୍ଗ ତାକୁ ଅସୀମ ଧୈର୍ଯ୍ୟର ସହ
ଧୀରେ ଧୀରେ ଗିଳି ଚାଲିଥାଏ ।
ହଠାତ୍ ଏକ ଝଟ୍‌କାରେ ବେଙ୍ଗର ପାଟି ଭିତରେ
ବଂଦୀ ହୋଇଯାଏ ସାପର ଦୁର୍ଦ୍ଦାନ୍ତ ଫଣା ।
ସାପ ବୁଝିବା ବେଳକୁ ଘଟଣା,
ବେଙ୍ଗ ପେଟରେ କଏଦ ହୋଇସାରିଥାଏ ସାପ ।

ଏହା ଏକ ବ୍ୟତିକ୍ରମ, ପ୍ରକୃତିର ବଡ଼ ବିସ୍ମୟ ।
ଚକିତ ଲାଗେ ଏ ଘଟଣା ଦେଖି ଦେଖି ।
ଏବେ ପରିସ୍ଥିତି ବଦଳିଯାଇଛି । ଦେଖା ଯାଉଛି
ବେଙ୍ଗସବୁ ସର୍ବତ୍ର
ସାପମାନଙ୍କୁ ଗିଳିବା ଆରମ୍ଭ କରିଛନ୍ତି ।
କେତେ ବଡ଼ବଡ଼ ହିଂସ୍ର, ବିଚକ୍ଷଣ, ବିଷାକ୍ତ ସାପ
ବୁଝିପାରୁ ନାହାନ୍ତି ଏତେ ନିରୀହ ବେଙ୍ଗମାନଙ୍କର
ଶିକାର ହେଲେ କେମିତି ? ଧନ୍ୟ କହିବ
ଏ ସମୟକୁ ଏବଂ ନୂଆ ଆବିର୍ଭାବ ହୋଇଥିବା
ବେଙ୍ଗର ପ୍ରଜାତିକୁ ।


♥ ପ୍ଲଟ୍‌ନମ୍ବର-୦୬୭ (ପି)
ଜୟଦୁର୍ଗାନଗର, ଲକ୍ଷ୍ମୀ ସାଗର,
ଭୁବନେଶ୍ୱର- ୭୫୧୦୦୬


### ବିବାହ ବନ୍ଧନ



ଧ୍ରୁବ ଚରଣ ବେହେରା

ବିବାହ ବନ୍ଧନ ସବୁଠୁ ମହାନ୍
ଦୁଇଟି ଆତ୍ମାର ମିଳନ ପର୍ବ
ସାଂସାରିକ ଶିକ୍ଷା ପଥରେ ଚାଲିଲେ
ଜୀବନେ ମିଳଇ ସୁଖର ଭୋଗ ।

ସାତ ଦୀପ ଆଠ କଳସକୁ ସାକ୍ଷୀ
ତେତି ଶହ କୋଟି ଦେବାତା ଡାକି
ବେନି ମନ ବେନି ହସ୍ତରେ ପଡଇ
ପବିତ୍ର ବନ୍ଧନ ସଦା ସେ ଗଣ୍ଠି ।

ବିବାହ ମଣ୍ଡପେ ବସିବା ସୌଭାଗ୍ୟ
ଜୀବନରେ ନିଷ୍ଟେ ଥରେ ମିଳଇ
ବ୍ରାହ୍ମଣର ବେଦ ଧ୍ୱନୀ ମନ୍ତ୍ର ବଳେ
ନାରୀ ଯେ ପୁରୁଷ ପତି ବରଇ ।

ବାହନ ରୂପକ ସଂସାରର ଗାଡିରେ
ପୁରୁଷ ନାରୀ ଯେ ଦୁଇଟି ଚକ
ଜଣକର ବିନା ଅଚଳ ବାହାନ
ସତେ ଭଙ୍ଗା ଗାଡି ନଥାଏ ଅଖ ।

ଗୃହ ବଧୂ ପାଇଁ ଘରଟି ବାସଇ
ଚନ୍ଦନର ବାସ ଫୁଲ ମହକ
ଜାଳେ ସଞ୍ଜବତୀ ସବୁରି ହିତରେ
ଆର୍ଯ୍ୟ ନାରୀ ସତେ ହୀରାର ଟେକ ।

ବିବାହ ନୁହଁଇ ଯୌତକର ବ୍ୟାଧି
ପବିତ୍ର ବନ୍ଧନ କାଳ କାଳକୁ
ପତି ଲାଗି ପତ୍ନୀ ସୁହାଗ ବାସିନୀ
ସଦ୍ୟ ମିଳନ ସେ ସାତ ଜନ୍ମକୁ ।

ପୁରୁଷ ହସ୍ତର ସିନ୍ଦୁରର ଦାନେ
ଚମକଇ ନାରୀ ସେନ୍ଥିର ଶୋଭା
ହାତେ ନାଲି ଚୂଡି ବଜ୍ର ହୋଇଥାଏ
ହିନ୍ଦୁ ସଂସ୍କୃତିର ବନ୍ଧନ ପ୍ରଥା ।

ବିବାହ ବନ୍ଧନ ବିଧିର ବିଧାନ
ଯୋଡି ଥାଏ ବିହି କଳନା କରି
ସାତ ଜନମର ସାଥି ହୋଇଥାନ୍ତି
ଜଣେ ଯେ ପୁରୁଷ ଅନ୍ୟଟି ନାରୀ ।


♥ ସାମରିକ ସେବା,
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
(ମୋ) ୮୩୨୮୯୩୦୫୫୪


### ଗାଆଁରେ ରହିବୁ କାହିଁକି



କ୍ଷମାକର ବେହେରା

ଭୁବନେଶ୍ୱରର ରେଳ ଷ୍ଟେସନରେ
ଦେଖିଲି କାଲି ମୁଁ ରାତିରେ
ବୁଢ଼ୀଟିଏ ଶୋଇ ଥରୁଥିଲା ଭରା
ଖଇଫୁଟା ଜର ତାତିରେ ।

ଝରି ଯାଉଥିଲା ଲୁହ ଦୁଇଧାର
କରୁଣ ଆଖିରୁ ତାହାର
ଦଳଦଳ ଲୋକ ଯାଉଥିଲେ ସିନା
ନିଘା ବି ନଥିଲା କାହାର ।

ପାଶେ ଯାଇ ତାକୁ ପଚାରିଲି ମାଆ
ଶୋଇଛୁ ଏଇଠି କାହିଁକି !
ଅସନା ଜାଗାରେ ପଡିଛୁ ଏମିତି
ଘର-ଦୁଆର ତୋ ନାହିଁକି !

କହିଲା ବାପରେ ଦୁଇ ପୁଅ ମୋର
ହାକିମ ପରା ଏ ସହରେ,
ପାଉନାହିଁ ଖୋଜି ତାଙ୍କରି ଠିକଣା
ଜାଣିଛୁ ଯଦି ତୁ କହରେ ।

ଦୀପାଳିରେ ଦୁହେଁ ଯାଇଥିଲେ ଗାଆଁ
ଘରଡିହ ଭାଗ ପାଇଁକି
ଯେଝା ଭାଗ ବିକି କହିଲେ ମାଆ ତୁ
ଗାଆଁରେ ରହିବୁ କାହିଁକି ?

ସାଥିରେ ତାଙ୍କରି ଆଣିଥିଲେ ଡାକି
ପୁଅରେ କଅଣ କହିବି
ତାଙ୍କରି ଭିତରେ ଭାଗ ଛିଣ୍ଡିଲାନି
କାହାଘରେ ଆସି ରହିବି ।

କଳି ସରିଲାନି ବାଟସାରା ତାଙ୍କ
ଛାଡି ଚାଲିଗଲେ ଏମିତି
ବଳ ହଟିଲାଣି ଦିହରୁ ମୋହରେ
ଖୋଜିବି କୋଉଠୁ କେମିତି ।

କରମ ଆଦରି ପଡିଛି ଏଇଠି
କାଳେ ପୁଏ କେବେ ଆସିବେ
ଘରକୁ ସରାଗେ ନେଇ ଯତନରେ
କଷଣ ମୋହର ନାଶିବେ ।

ଆସିବେନି ଜାଣେ,ଆଉ କିଆଁ ପୁଅ
ଦେଖିବି ତାଙ୍କରି ରାହାକୁ
ଦିଅଁ ପାଶେ ଅଳି, ଏମିତିକା ପୁଅ
ନ ଦିଅନ୍ତୁ କୋଉ ମାଆକୁ ।


♥ ହରିଚନ୍ଦନପୁର, କେନ୍ଦୁଝର
(ମୋ) ୯୮୫୩୫୬୯୭୮୫



# ପିଲାଙ୍କୁ 'ସରି' କହିବା ଜରୁରୀ



ପିଲାଏ ଯେତେବେଳେ କିଛି ଭୁଲ କରନ୍ତି, 'ସରି' କହିବାକୁ ଆମେ ସେମାନଙ୍କୁ ପ୍ରବର୍ତ୍ତାଉ । ମାତ୍ର ଆମେ ଭୁଲ କଲେ ପିଲାଙ୍କୁ ସରି କହିବା ଜରୁରୀ କି ? ଆଲେଖ୍ୟରେ ରହିଛି ଏଭଳି କିଛି ପ୍ରଶ୍ନର ଉତ୍ତର ।

ପିଲାଏ ଯେତେବେଳେ କିଛି ଭୁଲ କରନ୍ତି, ଆମେ କହୁ 'ସରି' କହିଦିଅ ବେଟା' । ଏଭଳି କରିବା ଦ୍ୱାରା ପିଲାଟି ଭୁଲ୍ କାମ କରିବ ନାହିଁ ବୋଲି ଆମେ ଭାବିଥାଉ । ଏହା ସହିତ ପିଲାଟି ଦୁଃଖ ପ୍ରକାଶ କରିବ ଏବଂ ଏଥିରୁ ଶିକ୍ଷାଲାଭ କରି ଆଗକୁ ସେଭଳି ଭୁଲ କରିବ ନାହିଁ ବୋଲି ଆମେ ପିଲାଟିକୁ ସରି କହିବା ପାଇଁ ପ୍ରବର୍ତ୍ତାଉ । ମାତ୍ର ଆମେ ବଡ଼ମାନେ ଯେତେବେଳେ କିଛି ଭୁଲ୍ କରିବସୁ, ସେ କ୍ଷେତ୍ରରେ କ'ଣ କରାଯିବା ଉଚିତ ? ଆମେ ପିଲାଙ୍କୁ ସରି କରିବା ଜରୁରୀ କି ? ଯଦି ହଁ, ତା' ହେଲେ ତା'ର ତାରିକା କ'ଣ ? ଅଭିଭାବକଙ୍କ ସରି କହିବା ପିଲାଙ୍କ ଉପରେ କିଭଳି ପ୍ରଭାବ ପକାଇବ ? ସେଭଳି କିଛି ପ୍ରଶ୍ନର ଉତ୍ତର ରହିଛି ଏ ଆଲେଖ୍ୟରେ ।

## ସରି କହିବାକୁ କୁଣ୍ଠା କାହିଁକି ?:

ଅନେକ ଅଭିଭାବକ ଭାବନ୍ତି, ଭୁଲ୍ ହୋଇଗଲେ ପିଲାଙ୍କୁ କ୍ଷମା ମାଗିବା ବା ସରି କହିବା ଦ୍ୱାରା ପିଲାଙ୍କ ସାମ୍ନାରେ ସେମାନଙ୍କ ଇଜ୍ଜତ ଚାଲିଯିବ । ପିଲାଏ ସେମାନଙ୍କୁ ଖାତିର କରିବେ ନାହିଁ ବା ମାନିବେ ନାହିଁ । ପିଲାଏ ସେମାନଙ୍କର ମଜାକ୍ ଉଡ଼ାଇପାରନ୍ତି ବା ଭବିଷ୍ୟତରେ ସେମାନଙ୍କ କଥାକୁ ଗୁରୁତ୍ୱ ନ ଦେଇପାରନ୍ତି । ମାତ୍ର ମନୋବିଜ୍ଞାନ ଅନୁସାରେ, ଏହାର ବିପରୀତ ହୋଇଥାଏ । ବାପା କିମ୍ବା ମା' ମାନେ ପିଲାଙ୍କ ସାମ୍ନାରେ ସେମାନଙ୍କର ଭୁଲ ସ୍ୱୀକାର କରି ସେମାନଙ୍କୁ କ୍ଷମା ମାଗିବା ବା ସରି କହିବା ଦ୍ୱାରା ସେମାନଙ୍କର ଇଜ୍ଜତ ବଢ଼ିଥାଏ । 'ବଡ଼ମାନେ କେବେ ବି ଭୁଲ କରନ୍ତି ନାହିଁ' -ଏଭଳି ଭାବନା ରଖୁଥିବା ଅଭିଭାବକଙ୍କ ଅପେକ୍ଷା ଭୁଲ କରି ତାହାକୁ ନିଃସଙ୍କୋଚରେ ସ୍ୱୀକାର କରୁଥିବା ବାପା, ମା'ଙ୍କୁ ପିଲାମାନେ ଅଧିକ ସମ୍ମାନ ଜଣାଇଥାନ୍ତି । ଭୁଲ୍ ହୋଇଗଲେ ତାହାକୁ ସ୍ୱୀକାର କରିବା ଦ୍ୱାରା ପିଲାଏ ବୁଝିଯା'ନ୍ତି ଯେ, ଭୁଲ କରିବା ଏବଂ ତାହାକୁ ସ୍ୱୀକାର କରିବା ଓ ସୁଧାରିବା ଦିଗରେ କାର୍ଯ୍ୟ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଏହା ପରେ ବି ଯଦି ଆପଣ ଭାବୁଛନ୍ତି ଯେ ପିଲାମାନେ ଆପଣଙ୍କୁ ଡରିବେ ନାହିଁ, ଖାତିର କରିବେ ନାହିଁ ବା ଆପଣଙ୍କ କଥାକୁ ସିରିୟସ୍‌ଲି ନେବେ ନାହିଁ, ତା' ହେଲେ ଆପଣ ଭୁଲ୍ ଧାରଣାରେ ଅଛନ୍ତି ।







### ସରି ନକହିବାର ଅର୍ଥ ପିଲାଏ କ'ଣ ବୁଝନ୍ତି ?:

ଆପଣ ନିଜ ଭୁଲକୁ ସ୍ୱୀକାର ନ କଲେ ବି ପିଲାଏ ବୁଝିଯାଆନ୍ତି ଯେ ଆପଣ ଭୁଲ କରିଛନ୍ତି । ଏଭଳି କ୍ଷେତ୍ରରେ ଆପଣ ନିଜ ଭୁଲ ପାଇଁ ସରି ନକହି ସେମାନଙ୍କୁ ଏଭଳି ବାର୍ତ୍ତା ଦିଅନ୍ତି-

- ସରି କହିବାର ଅର୍ଥ ଆପଣ କିଛି ଭୁଲ୍ କାମ କରିଛନ୍ତି ।
- କିଛି ପିଲା ଏହା ମଧ୍ୟ ବୁଝିଯାଆନ୍ତି ଯେ, ସରି କହିବାର ଅର୍ଥ ଆପଣ ଖରାପ ।



- ଛୋଟ ମୋଟ ଭୁଲକୁ ଏଡ଼େଇଯିବାରେ କିଛି କ୍ଷତି ନାହିଁ ।
- ସରି କହି ଆମେ ଅଯଥା ଛୋଟ କଥାକୁ ବଡ଼ କରିଦେଉ ।
- ଯେତେବେଳେ ଆପଣ କ୍ଷମା ମାଗୁଛନ୍ତି, ନିଜ ଷ୍ଟାଟସ୍ ସହିତ ସାଲିସ୍ କରୁଛନ୍ତି ।
- ଯେତେବେଳ ପର୍ଯ୍ୟନ୍ତ ଆପଣଙ୍କୁ କେହି କହିନାହାନ୍ତି, କ୍ଷମା ମାଗିବାର ପ୍ରଶ୍ନ ହିଁ ଉଠୁନାହିଁ ।

### ସରି କହି ଆପଣ ପିଲାଙ୍କୁ କ'ଣ ଶିକ୍ଷା ଦିଅନ୍ତି ?:

ଯଦି ଆପଣ ଭୁଲ କରିବା ପରେ ସରି କୁହନ୍ତି, ତା'ହେଲେ ପିଲାଙ୍କୁ କିଛି ନ ବୁଝାଇବା ସତ୍ତ୍ୱେ ସେମାନେ ବୁଝିଯାଆନ୍ତି ଯେ-

- ଛୋଟ ହୁଅନ୍ତୁ ବା ବଡ; ଭୁଲ ସମସ୍ତଙ୍କର ହୁଏ । ଭୁଲ୍ କରି ତାହାକୁ ଫାଙ୍କିଦେବା ପରିବର୍ତ୍ତେ ତାହାକୁ ସ୍ୱୀକାର କରିବା ଏବଂ ସୁଧାରିବା ଉଚିତ ।

ଜାଣତରେ ହେଉ ବା ଅଜାଣତରେ ବେଳେବେଳେ ଆମେ ଅନେକଙ୍କ ଭାବନାକୁ ଆଘାତ ଦେଉ । ଏଭଳି ପରିସ୍ଥିତିରେ ସେମାନଙ୍କୁ କ୍ଷମା ମାଗିବା ଜରୁରୀ । ଏହା ଦ୍ୱାରା ସମ୍ପର୍କ ଖରାପ ହୁଏ ନାହିଁ ।

- କ୍ଷମା ମାଗିବା ଦ୍ୱାରା ଆମେ ଛୋଟ ହୋଇଯାଇନଥାଉ । ବରଂ ଅନ୍ୟମାନଙ୍କ ଆଖିରେ ଆମ ଇଜ୍ଜତ ପୂର୍ବାପେକ୍ଷା ବଢ଼େ ।
- ଭୁଲ ସ୍ୱୀକାର କରିବାରେ ଲଜ୍ଜିତ ହେବା ଉଚିତ ନୁହେଁ । ଅସଲ କଥା ହେଉଛି, ଭୁଲ୍ ସ୍ୱୀକାର କରି ଆମେ ଆମ ବୋଝକୁ ହାଲ୍‌କା କରିଦେଉ ।
- ଯିଏ ଭୁଲ କରି ସ୍ୱୀକାର କରେ, କ୍ଷମା ମାଗେ ସେ ସମସ୍ତଙ୍କର ପ୍ରିୟ ହୁଏ । ଘରେ ବାହାରେ ତାକୁ ସମସ୍ତେ ଆଦର କରନ୍ତି ।

### କେତେବେଳେ ଓ କେମିତି କହିବେ ?:

ଆପଣ କେବଳ ଫର୍ମାଲିଟି ପୂରା କରିବା ପାଇଁ ବା ଔପଚାରିକତା ଦୃଷ୍ଟିରୁ ସରି କୁହନ୍ତୁ ନାହିଁ । ସରି କହିବାର ଅର୍ଥ ଆପଣ କରିଥିବା କୌଣସି ଭୁଲ୍ ବା କହିଥିବା କୌଣସି କଥା ପାଇଁ ଆପଣ ଦୁଃଖିତ । ଏହା ଆପଣଙ୍କ ସରି କହିବା ଶୈଳୀରୁ ପ୍ରକାଶିତ ହେବା ଉଚିତ ।

- ପିଲାଙ୍କୁ ଯେତେବେଳେ ସରି କହୁଛନ୍ତି, ତା' ପଛର କାରଣ ସେମାନଙ୍କୁ ବୁଝାନ୍ତୁ ।
- ନିଜର ଦୁର୍ବ୍ୟବହାର ବିଷୟରେ କହିବା ସହିତ ଏହା ମଧ୍ୟ ବୁଝାଇବାକୁ ଚେଷ୍ଟା କରନ୍ତୁ ଯେ ଆପଣଙ୍କ ବ୍ୟବହାରରେ କ'ଣ ଭୁଲ୍ ବା ଖରାପ ଥିଲା । ଏହା ଦ୍ୱାରା ପିଲାଏ ସେଭଳି ଭୁଲ୍ କରିବେ ନାହିଁ ।
- ଯଦି ଆପଣଙ୍କ ବ୍ୟବହାର ପିଲାଙ୍କୁ ବାଧିଛି, ତା'ହେଲେ ସେମାନଙ୍କ ଭାବନାକୁ ଆପଣ ବୁଝିପାରୁଛନ୍ତି ବୋଲି କୁହନ୍ତୁ । ଏଭଳି ମାମଲାରେ କେବଳ ସରି କହିଦେଲେ ଚଳିବ ନାହିଁ ।
- ପିଲାଙ୍କୁ କେବଳ ସରି କହିଦେଲେ ହେବନି । ବରଂ ଭବିଷ୍ୟତରେ ଏଭଳି ଭୁଲ ନ ହେବ ସେଥିପାଇଁ ଚେଷ୍ଟା କରିବେ ବୋଲି କୁହନ୍ତୁ । ଯଦି ପିଲାଟିର କୌଣସି କାର୍ଯ୍ୟକଳାପ ଯୋଗୁଁ ଆପଣ ରାଗିଥିଲେ ଓ ପରେ ସରି କହିଦେଲେ ତେବେ ପିଲାଟି ମଧ୍ୟ ସେଭଳି ଭୁଲର ପୁନରାବୃତ୍ତି ନ କରିବାକୁ ଚେଷ୍ଟା କରିବ ।

**ସରି କହିଦେଇ ତୁରନ୍ତ ହସ ମଜାକ କରନ୍ତୁ ନାହିଁ ବା ସେହି ଭୁଲ୍‌ର ପୁନରାବୃତ୍ତି କରନ୍ତୁ ନାହଁ । ଏହା ଦ୍ୱାରା ପିଲାମାନେ ଧରିନେବେ ଯେ ସରି ଏକ ଶସ୍ତା ଶବ୍ଦ ଓ ସେମାନଙ୍କ ପାଇଁ ଏହା କେବଳ ବିଷୟକୁ ଏଡ଼ାଇଯିବାର ମାଧ୍ୟମ ପାଲଟିଯିବ ।**



# ଲାଉ



ଗାଁ ଗହଳିରେ ଲାଉ ଚାଳ ବା ଭାଡିରେ ମାଡ଼ିଥାଏ ଓ ଏହା ଏକ ସାଧାରଣ ଖାଦ୍ୟ । ଏହା ପାଟିକୁ ସ୍ୱାଦିଷ୍ଟ ଲାଗୁନଥିଲେ ବି ଦେହ ପାଇଁ ହିତକର । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଥିବା କାରଣରୁ ଅନେକ ରୋଗ ପାଇଁ ମହୌଷଧୀ ତୁଲ୍ୟ କାମ କରିଥାଏ । ବ୍ଲଡ ସୁଗାରକୁ କମ୍ କରିବାରେ ଲାଉ ବିଶେଷ ଫଳପ୍ରଦ । କାରଣ ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ପ୍ରଚୁର ମାତ୍ରରେ ରହିଥାଏ ।

**ମଧୁମେହ :**
ପ୍ରତିଦିନ ସକାଳୁ ଖାଲି ପେଟରେ ଲାଉ ସୁପ୍ ପିଇବା ଫଳରେ ମଧୁମେହ ରୋଗୀଙ୍କୁ ଖୁବ୍ ଆରାମ ମିଳିଥାଏ ।

**ଅନିଦ୍ରା ସମସ୍ୟା :**
ନିଦ ନ ହେବା ଆଜିକାଲି ଜୀବନଶୈଳୀରେ ଏକ ପ୍ରମୁଖ ଓ ଗମ୍ଭୀର କାରଣ ହୋଇଛି । ଏହି ସମସ୍ୟାର ମୁକ୍ତି ପାଇବା ଲାଗି ଲାଉ ଜୁସରେ ରାଶି ତେଲ ମିଶାଇ ପିଇବା ଫଳରେ ଅନିଦ୍ରା ରୋଗ ଦୂର ହୋଇଥାଏ ।

**ଓଜନ କମ୍ କରେ :**
ଲାଉ ଜୁସ୍ ସକାଳୁ ଖାଲି ପେଟରେ ପିଇବା ଫଳରେ ଏହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏହା ଶରୀରର ମୋଟାପାକୁ କମାଇବାରେ ସହାୟକ ହୁଏ । ଓଜନ କମ କରିବାକୁ ଚାହୁଁଥିଲେ ବ୍ୟକ୍ତି ପ୍ରତିଦିନ ସକାଳୁ ଖାଲି ପେଟରେ ୧୦୦ ଗ୍ରାମ୍ ଲାଉ ଜୁସ୍ ପିଅନ୍ତୁ । ଏଥିରେ ଥିବା ଫାଇବର ବଢୁଥିବା କୋଲେଷ୍ଟେରଲକୁ ନିୟନ୍ତ୍ରଣରେ ରଖିଥାଏ ।

**ଉଚ୍ଚ ରକ୍ତ ଚାପ ନିୟନ୍ତ୍ରଣ :**
ଯଦି ଆପଣ ନିୟମିତ ରୂପରେ ଏକ ଗ୍ଲାସ ଲାଉ ଜୁସ୍ ସେବନ କରିବେ ତେବେ, ଉଚ୍ଚ ରକ୍ତଚାପ ସମସ୍ୟା କମ୍ ହୋଇଯିବ । ଉଚ୍ଚ ରକ୍ତଚାପ ବିଭିନ୍ନ ପ୍ରକାରର ହୃଦୟ ସମ୍ବନ୍ଧିତ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ । ପ୍ରତିଦିନ ୨୦୦ ଗ୍ରାମ୍ ଲାଉ ରସ ପିଇବା ଫଳରେର କୋଲେଷ୍ଟରଲ ମାତ୍ରା କମ୍ ହେବା ସହିତ ଉଚ୍ଚ ରକ୍ତଚାପ ସମସ୍ୟାରୁ ମୁକ୍ତି ମିଳିଥାଏ ।

**ୟୁରିନ ସଂକ୍ରମଣ :**
ଲାଉ ରସରେ ପାଣି ଅଧିକ ମାତ୍ରାରେ ରହିଥାଏ, ଏହା ଶରୀରକୁ ଥଣ୍ଡା ରଖିଥାଏ । ଖରାଦିନେ ଶରୀରରୁ ଅଧିକ ଝାଳ ବାହାରିଥାଏ, ତେଣୁ ଶରୀରର ଜଳ ଅଭାବକୁ ପୂରଣ କରିଥାଏ । ପରିସ୍ରା ପୋଡ଼ା ଓ ଯନ୍ତ୍ରଣା ପାଇଁ ଆପଣ ଲାଉ ଜୁସ୍ ପିଅନ୍ତୁ । ୟୁରିନରେ ଏସିଡ୍ ମାତ୍ରା ବଢ଼ିବା କାରଣରୁ ଲାଉ ଜୁସ୍‌ରୁ ମିଳୁଥିବା ଥଣ୍ଡା ଏସିଡ ହେବାକୁ ଦିଏ ନାହିଁ ।

**ଚାପମୁକ୍ତ :**
ଆଜିର ସମୟରେ ପିଲାଠୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଚାପଗ୍ରସ୍ତ ରହୁଛନ୍ତି । ମାନସିକ ସ୍ୱାସ୍ଥ୍ୟ ଲାଗି ମଧ ଲାଉ ବେଶ ଫଳପ୍ରଦ । ଲାଉରେ ଜଳୀୟ ଅଂଶ ପ୍ରଚୁର ରହିଥିବା ହେତୁ ଏହା ଶରୀରକୁ ଚାପ ମୁକ୍ତ କରିଥାଏ । ଏହା ମସ୍ତିଷ୍କକୁ ସୁଚାରୁ ରୂପରେ କାର୍ଯ୍ୟ କରିବାରେ ସହାୟତା କରିଥାଏ ।

**କେଶ ଲାଗି ଫଳପ୍ରଦ :** ଯଦି ଆପଣଙ୍କ କେଶ ଅସମୟରେ ପାଚିଯାଉଛି ଓ ଝଡ଼ିପଡୁଛି ତେବେ ଏହାକୁ ରୋକିବା ଲାଗି ଲାଉ ରସ କେଶରେ ଲଗାଇ କିଛି ସମୟ ପରେ କେଶକୁ ଧୋଇ ଦିଅନ୍ତୁ ଫଳରେ କେଶର ସମସ୍ତ ସମସ୍ୟା ଦୂର ହୋଇଯିବ ।





# ଚାଉଳ ଏଟିଏମ୍



ବ୍ୟାଙ୍କ୍ ଏଟିଏମ୍‌ରୁ ଆପଣ ଟଙ୍କା ବାହାର କରୁଥିବେ । କିନ୍ତୁ ଏବେ ଏଟିଏମ୍ ମସିନ୍‌ରୁ ଚାଉଳ ବି ବାହାରିବ । ଏମିତି ଏକ ଯୋଜନା କରୁଛନ୍ତି କର୍ଣ୍ଣାଟକ ସରକାର । ସାଧାରଣ ବଣ୍ଟନ ଯୋଜନାରେ ହିତାଧିକାରୀଙ୍କ ପାଇଁ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ଏଭଳି ନିଆରା ପଦକ୍ଷେପ ନିଆଯିବ । ମସିନ୍‌ରେ କିଛି କଏନ୍ ଭର୍ତ୍ତି କରିବା ପରେ ସେଥିରୁ ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ବାହାରିବ । ଏହା ଫଳରେ ହିତାଧିକାରୀଙ୍କୁ ପିଡିଏସ୍ ଚାଉଳ ପାଇଁ ଆଉ ଡିଲରଙ୍କ ପାଖକୁ ଯିବାକୁ ପଡ଼ିବ ନାହିଁ, ରାସନ୍ ଦୋକାନ ଆଗରେ ଛିଡ଼ା ହେବାକୁ ପଡ଼ିବ ନାହିଁ । ଚାଉଳ ଏଟିଏମର ଯେକୌଣସି ସମୟରେ ସେମାନେ ଚାଉଳ ପାଇପାରିବେ । ଏ ବିଷୟରେ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କେ ଗୋପାଳୟା କହିଛନ୍ତି, 'ଆମକୁ ଗରବ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ଚାଉଳ ଏଟିଏମ୍ ସ୍ଥାପନ ପାଇଁ ଏକ ପ୍ରସ୍ତାବ ମିଳିଛି । ଏହି ଏଟିଏମ୍‌ର କ୍ଷମତା ଯଥାକ୍ରମେ ୧୦୦ କିଲୋ, ୨୦୦ କିଲୋ ଏବଂ ୫୦୦ କିଲୋ ରହିବ । କଏନ୍ ଭର୍ତ୍ତି କଲେ ଚାଉଳ ବାହାରିବ । ତେବେ ଏହା କିଭଳି କାମ କରୁଛି ତାହା ଜାଣିବା ଲାଗି ଆମେ ପ୍ରାଥମିକ ଭାବେ ଏହାକୁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଲଗାଇବୁ । ଯଦି ଫଳାଫଳ ଭଲ ଆସିଲା ତା' ହେଲେ ଅଧିକ ସ୍ଥାନରେ ଲଗାଯିବ ।'ସେହିପରି ଖାଦ୍ୟ ଓ ଯୋଗାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି, 'ରାଜ୍ୟର ଅଧିକାଂଶ ପିଡିଏସ୍ ହିତାଧିକାରୀ ଦିନ ମଜୁରିଆ । ରାସନ୍ ଦୋକାନକୁ ଆସିବା ଲାଗି ସେମାନଙ୍କୁ ମାଲିକଠାରୁ ଅନୁମତି ଆଣିବାକୁ ପଡ଼େ । ପୁଣି ସେଗୁଡ଼ିକ କେବଳ ଦିନରେ ଖୋଲାରହିବ । ଏହିସବୁ ଅସୁବିଧାକୁ ଦେଖି ସରକାର ଚାଉଳ ଏଟିଏମ୍ ଆରମ୍ କରିବା ଲାଗି ଯୋଜନା କରୁଛନ୍ତି ।'
ସୂଚନାଥାଉକି, ବର୍ତ୍ତମାନ ଇଣ୍ଡୋନେସିଆ ଏବଂ ଭିଏତନାମରେ ଏହି ସୁବିଧା ରହିଛି । କରୋନା ମହାମାରୀ ସଙ୍କଟର ସାମ୍ନା କରୁଥିବା ଲୋକଙ୍କ ସହାୟତା ପାଇଁ ରାଜଧାନୀ ଜାକର୍ତ୍ତାରେର ମେ ମାସରୁ ଏହି ଯୋଜନା ଆରମ୍ଭ କରାଯାଇଛି ।

# ଆତ୍ମହତ୍ୟା ପାଇଁ ପରିଚିତ ରହସ୍ୟମୟ ଜଙ୍ଗଲ



ଘଂଚ ଜଙ୍ଗଲ। ଏଠାରେ ଗଛର ସଂଖ୍ୟା ଏତେ ଅଧିକ ଯେ ଏହି ଜଙ୍ଗଲକୁ କୁହାଯାଏ ଗଛର ସମୁଦ୍ର । କିନ୍ତୁ ସେହି ଘଞ୍ଚ ସବୁଜର ନିଃସଙ୍ଗତାକୁ ଅବସାଦଗ୍ରସ୍ତ ମଣିଷ ବାଛି ନିଅନ୍ତି ଶେଷ ଶଯ୍ୟା ଭାବରେ । ଏମିତିକି ଲୋକେ ସାଥୀ ହୋଇ ଆତ୍ମହତ୍ୟା କରିବାକୁ ଯାଇଥାଆନ୍ତି ଏହି ଜଙ୍ଗଲ ଭିତରକୁ । ସେଥିପାଇଁ 'ଆତ୍ମହତ୍ୟା ଅରଣ୍ୟ' ନାମରେ ପରିଚିତ ଏହି ଜଙ୍ଗଲ । ଚିରସବୁଜ ଏହି ଜଙ୍ଗଲଟି ଜାପାନରେ ଅବସ୍ଥିତ । ଆଗ୍ନେୟପର୍ବତ ମାଉଣ୍ଟ ଫୁଜିର ପାଦ ଦେଶରେ ଆଓକିଗାହାରା ନାମରେ ପରିଚିତ ଏହି ଜଙ୍ଗଲ । ପ୍ରତିବର୍ଷ ଜାପାନର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଏହି ଜଙ୍ଗଲଟି ବୁଲି ଦେଖିବାକୁ ଆସିଥାଆନ୍ତି । ଅସଲ ଉଦ୍ଦେଶ୍ୟ ଥାଏ ଆତ୍ମହତ୍ୟା । ଏହି ଜଙ୍ଗଲ ଏତେ ଗଭୀର ଯେ ଦୀର୍ଘଦିନ ଧରି ମୃତଦେହର ଖୋଜଖବର ନେଲେ ସୁଦ୍ଧା ତାହା ମିଳିନଥାଏ । ଅଧିକାଂଶ ସମୟରେ ନିଥର ଶରୀରଗୁଡ଼ିକ ଚିଲ, ଶାଗୁଣାଙ୍କ ଆହାର ବନିଯାଏ । ଆତ୍ମହତ୍ୟା କରିବାକୁ ଅନେକ ଲୋକ ଆସିଥାଆନ୍ତି । ତେବେ ସମସ୍ତେ ଆତ୍ମହତ୍ୟା କରିପାରି ନଥାନ୍ତି ।

# ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦିଆଯାଉ : ଅଶୋକ ପଣ୍ଡା

ଭୁବନେଶ୍ୱର ,୦୭/୧୨ (ନି.ପ୍ର): ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପାଇଁ କେନ୍ଦ୍ର ନିକଟରେ ଦାବି କୁ ଜୋରଦାର କରାଯିବ ବୋଲି ସର୍ବ ସମ୍ମତି କ୍ରମେ ସହମତି ପ୍ରକାଶ ପାଇଥିଲା । ଏଥି ସହିତ ଗଡ଼ ଖୋରଧା ଠାରେ ଐତିହାସିକ ଦୁର୍ଗର ମରାମତି ସହିଦ ସ୍ମାରକୀ ସ୍ତମ୍ଭର ସ୍ଥାପନ ପାଇଁ ନିଷ୍ପତି ହୋଇଥିଲା । ସେହିଭଳି ସମରକଳା ପ୍ରତିଷ୍ଠାନ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ କରାଯିବ ସହ ଏନେଇ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି । ହେଲେ କେନ୍ଦ୍ର ସରକାର ଦୁଇବର୍ଷ ଧରି ଏହାକୁ ପକାଇ ରଖିଛନ୍ତି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ପାଇକ ମାନଙ୍କୁ କଳାକାର ଭତାରେ ସାମିଲ, ରାଜ୍ୟ ସଂଗ୍ରହାଳୟରେ ପାଇକ ଗ୍ୟାଲେରୀ ଭଳି ପ୍ରତିଷ୍ଠା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟସରକାର । ୧୮୦୪ ମସିହାରେ ଜୟୀରାଜଗୁରୁ ପ୍ରଥମ ଥର ଲାଗି ଇଂରେଜ ସରକାର ବିରୋଧରେ ସ୍ୱର ଉତୋଳନ କରିଥିବାରୁ ତାଙ୍କ ଗାଁ ରେ ପ୍ରତିମୂର୍ତି ସ୍ଥାପନ କରିବା ପାଇଁ ନିଷ୍ପତି ହୋଇଛି । ୨୦୧୭ ଜୁଲାଇ ୧୯ରେ ପାଇକ ବିଦ୍ରୋହକୁ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରରେ ରାଜନାଥ ସିଂ ଙ୍କୁ ଚିଠି ଲେଖିଥିଲେ । ଏହାସତ୍ୱେ କେନ୍ଦ୍ର ସରକାର ପଛଘୁଂଚା ଦେଇଛନ୍ତି । ଏହି ପ୍ରସଙ୍ଗରେ ଏକ ଏକ୍ସପର୍ଟ କମିଟି ଗଠନ କରାଯାଉ ଏବଂ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦିଆଯାଉ ବୋଲି ଦାବି କରିଛନ୍ତି ମନ୍ତ୍ରୀ ଅଶୋକ ପଣ୍ଡା । ସେ ଆହୁରି କହିଛନ୍ତି ୧୮୧୭ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପାଇଁ ପୂର୍ବତନ ମନ୍ତ୍ରୀ ପ୍ରକାଶ ଜାଭେଦକର ପ୍ରତିଶୃତି ଦେଇଥିଲେ । ଏହାକୁ ପାଠ୍ୟକ୍ରମ ରେ ସନ୍ନିବେଶିତ କରିବାକୁ ମଧ୍ୟ ନିଷ୍ପତି ହୋଇଥିଲା । କିନ୍ତୁ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତରରେ ସେଭଳି କିଛି ପ୍ରସ୍ତାବ ନଥିବା କେନ୍ଦ୍ର ସଂସ୍କୃତି ମନ୍ତ୍ରୀ କହିଛନ୍ତି । ଏହା ଓଡ଼ିଶାର ଅସ୍ମିତା ଏତିହ୍ୟ ପରମ୍ପରା, ଅସ୍ମିତାଓ ଗୌରବ ପ୍ରତି ଚରମ କୁଠାରଘାତ । ୧୯୯୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ଦାବି କରିଥିଲେ । ପରବର୍ତୀ ସମୟରେ ଏହି ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋହରାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ସର୍ବଦଳୀୟ ପ୍ରତିନିଧି ସମ୍ମଳନୀ ହୋଇଥିଲା । ଯେଉଁଥିରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ ଯୋଗ ଦେଇଥିଲେ ।

# ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ହେଉ

ଭୁବନେଶ୍ୱର,୦୭/୧୨ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାରେ ଚାଷୀ ଫସଲର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିକରି ଓଡ଼ିଶା କୃଷକ ସଭା ତରଫରୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । କେନ୍ଦ୍ର ଏବଂ ରାଜ୍ୟ ଉଭୟ ସରକାର କୃଷକମାନଙ୍କର ଏହି ଦୁର୍ଦ୍ଦିନରେ ପ୍ରକୃତ କ୍ଷତିପୂରଣ ରାଶି ପ୍ରକୃତ ଚାଷୀମାନଙ୍କୁ ପ୍ରଦାନ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବା ନିମନ୍ତେ ଓଡ଼ିଶା କୃଷକ ସଭା ତରଫରୁ ପ୍ରାଦେଶିକ କୃଷକ କମିଟି ଦୃଢ଼ଭାବେ ଦାବି ଜଣାଇଛନ୍ତି । ଫସଲଜନିତ କ୍ଷତିରେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକର ଚାଷୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବା ଅତ୍ୟନ୍ତ ଉଦ୍‌ବେଗଜନକ ଏବଂ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଛି । କୃଷକମାନଙ୍କ ପାଇଁ ସୁନିଶ୍ଚିତ ଏବଂ ଭରଷାଯୋଗ୍ୟ ପଦକ୍ଷେପ ଗ୍ରହଣ କରି ଆସନ୍ନ କୃଷକ ଆତ୍ମହତ୍ୟାକୁ ରୋକିବା ପାଇଁ କୃଷକସଭା ଦୃଢ଼ ଭାବେ ଦାବି କରିଛି । (୧) ଲଘୁଚାପଜନିତ ଲଗାଣ ବର୍ଷାରେ ଧାନ, ପନିବା ଏବଂ ଅନ୍ୟାନ୍ୟ ଅର୍ଥକାରୀ ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନ କରାଯାଉ(୨) ଧାନ ଫସଲ ପାଇଁ ଏକରପ୍ରତି ୨୦ ହଜାର ଟଙ୍କା ଏବଂ ପନିପରିବା ତଥା ଅନ୍ୟାନ୍ୟ ଅର୍ଥକାରୀ ଫସଲ ପାଇଁ ଏକରପ୍ରତି ୨୫ ହଜାର ଟଙ୍କା କ୍ଷତିପୂରଣ ଦିଆଯାଉ(୩) ସମସ୍ତ କୃଷିରଣ ଛାଡ଼ କରାଯାଉ । ରବି ଫସଲ ପାଇଁ ବିନା ସୁଧରେ ଋଣଦେବା ସହିତ ବିହନ, ସାର, କୀଟନାଶକ ଔଷଧ ମାଗଣାରେ ପ୍ରଦାନ କରାଯାଉ(୪) ଚାଷୀ ଅମଳ କରୁଥିବା ସମସ୍ତ ଧାନକୁ ଗୁଣାତ୍ମକ ମାନ ନିର୍ବିଶେଷରେ ସରକାରୀ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ.ଏସ୍.ପି) ପ୍ରଦାନ କରି ସରକାର କିଣନ୍ତୁ (୫) ଓଡ଼ିଶାରେ ସମସ୍ତ କ୍ଷତିପୂରଣ ସହାୟତା ରାଶି, ଋଣ ଏବଂ ଚାଷୀ ପାଉଥିବା ଅନ୍ୟାନ୍ୟ ସରକାରୀ ସୁବିଧାଗୁଡ଼ିକୁ ପ୍ରକୃତ ଚାଷୀ/ଭାଗ ଚାଷୀମାନଙ୍କୁ ପ୍ରଦାନ କରାଯାଉ (୬) କୃଷକମାନେ ଫସଲ ଜନିତ କ୍ଷୟକ୍ଷତିର ଉପଯୁକ୍ତ କ୍ଷତିପୂରଣ ପାଇବା ନିମନ୍ତେ ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠି (ଏନ୍‌ଡ଼ିଆରଏଫ୍)ର ନିର୍ଦ୍ଦେଶା ବଳୀକୁ ଉନ୍ନତ କରାଯାଉ । ସେହି ଅନୁଯାୟୀ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି (ଏସ୍‌ଡ଼ିଆରଏଫ୍) ର ନିର୍ଦ୍ଦେଶା ବଳୀକୁ ମଧ ଉନ୍ନତକରଣ କରାଯାଉ (୭) କୃଷକମାନଙ୍କ ପାଇଁ ସୁନିଶ୍ଚିତ ଏବଂ ଭରସାଯୋଗ୍ୟ ନୀତିଗ୍ରହଣ କରି ଆସନ୍ନ କୃଷକ ଆତ୍ମହତ୍ୟାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ଆଦି ସାତଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଓଡ଼ିଶା କୃଷକ ସଭା ତରଫରୁ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଦିଆଯାଇଛି । ସରକାର ଜରୁରୀ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ଓଡ଼ିଶା କୃଷକସଭାର ରାଜ୍ୟ ସଭାପତି ଜନେଶ୍ୱର ସମାନ୍ତରାୟ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

# ପାଇକ ବିଦ୍ରୋହ ପାଇଁ ବିଜେଡି କୁମ୍ଭୀର କାନ୍ଦଣା କାନ୍ଦୁଛି : ବିଜେପି

ଭୁବନେଶ୍ୱର,୦୭/୧୨ (ନି.ପ୍ର): ପାଇକ ବିଦ୍ରୋହକୁ ସମ୍ମାନ ଦେବା ପାଇଁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ବିଜେଡ଼ି ସରକାର ଏବେ ପାଇକ ବିଦ୍ରୋହ ପାଇଁ ହଠାତ୍ ଚେଇଁ ଉଠିଛନ୍ତି । କୁମ୍ଭୀର କାନ୍ଦଣା କାନ୍ଦି ଓଡିଆଙ୍କୁ ଦିନରେ ଲଣ୍ଠନ ଦେଖାଉଛି ବୋଲି କହିଛନ୍ତି ବକ୍ସି ପରିବାରର ଦାୟାଦ ତଥା ବ୍ରହ୍ମଗିରି ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର । ଶ୍ରୀ ମହାପାତ୍ର କହିଛନ୍ତି ଯେ ଦୀର୍ଘ ୨୨ ବର୍ଷର ବିଜେଡ଼ି ସରକାରରେ ପାଇକ ବିଦ୍ରୋହ କଥା କେବେ ହେଲେ ଉଠିନାହିଁ । ପାଇକ ବିଦ୍ରୋହର ମହାନାୟକ ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ପରିବାରର ସଦସ୍ୟ ଭାବରେ ଏହି ବିଷୟକୁ ଆମେ ମର୍ମେ ମର୍ମେ ଅନୁଭବ କରିଛୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ପାଇକ ବିଦ୍ରୋହକୁ ଜାତୀୟ ସ୍ତରରେ ଯେଉଁଭଳି ଭାବରେ ସମ୍ମାନ ଦିଆଯାଇଛି ସେଥିପାଇଁ ଆମେ ଗର୍ବିତ । ଜାତୀୟ ଇତିହାସର ମୁଖ୍ୟ ଧାରାରେ ବିଭିନ୍ନ କାରଣରୁ ଉପେକ୍ଷିତ ଓ ଅନାଲୋଚିତ ହୋଇ ରହି ଆସିଥିବା ପାଇକ ବିଦ୍ରୋହକୁ ଏକ ସମ୍ମାନର ସ୍ଥାନ ଦେବା ପାଇଁ ପ୍ରଥମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଧାନମନ୍ତ୍ରୀ ମୋଦି ଏବଂ ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶାର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରି ୨୦୧୭ ମସିହା ଜାନୁଆରୀ ୧୮ ତାରିଖରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତି ପାଳନକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ଜେଟଲୀଜୀଙ୍କୁ କହିଥିଲେ । ୨୦୧୭-୧୮ ମସିହାରେ ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲୀ କେନ୍ଦ୍ର ବଜେଟରେ ଅର୍ଥ ବରାଦ କରି ବରଂ ଓଡିଆ ଜାତିର ବୀରତ୍ୱକୁ ରାଷ୍ଟ୍ରୀୟ-ଅନ୍ତରାଷ୍ଟ୍ରୀୟ ସ୍ୱୀକୃତି ପ୍ରଦାନ କରିଥିଲେ । ୨୦୧୭ ମସିହାର ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପାଇକ ବିଦ୍ରୋହର ରାଷ୍ଟ୍ରୀୟ ଉତ୍ସବକୁ ଉଦ୍‌ଘାଟନ କରି ପାଇକ ବିଦ୍ରୋହକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଉଦଘୋଷଣାର ଉଜ୍ଜ୍ୱଳ ଘଟଣା ବୋଲି ଅଭିହିତ କରିଥିଲେ । ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ମୋଦି ପାଇକ ବିଦ୍ରୋହର ସଂଗ୍ରାମୀ ପୀଠ ବରୁଣେଇରେ ପାଇକ ବିଦ୍ରୋହର କର୍ଣ୍ଣଧାର ମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପାଇକ ବିଦ୍ରୋହକୁ 'ଏନ୍‌ସିଇଆରଟି'ର ପାଠ୍ୟ ପୁସ୍ତକରେ ସମ୍ମିଳିତ କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ପାଇକ ବିଦ୍ରୋହ ସ୍ମାରକ ମୁଦ୍ରା, ସ୍ମାରକ ଡାକ ଟିକେଟ୍ ଉନ୍ମୋଚନ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରେ ୫ କୋଟି ଟଙ୍କା ବ୍ୟୟରେ ବକ୍ସି ଜଗବନ୍ଧୁ ଚେୟାରକୁ ଆରମ୍ଭ କରି ପାଇକ ବିଦ୍ରୋହକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରିଥିଲେ । ପାଇକ ବିଦ୍ରୋହର ସ୍ମୃତିକୁ ଅମର କରି ରଖିବା ପାଇଁ ଖୋର୍ଦ୍ଧାର ଅନତିଦୂରରେ ଥିବା ବରୁଣେଇ ଠାରେ ଏକ ଭବ୍ୟ ସ୍ମାରକ ନିର୍ମାଣ ପାଇଁ ମୋଦି ସରକାର ୨୦୧୭ ମସିହାରେ ଘୋଷଣା କରିଥିଲେ । ୨୦୧୯ ଡ଼ିସେମ୍ବର ୮ ତାରିଖରେ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଐତିହାସିକ ବରୁଣେଇ ପାହାଡ ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକର ଶିଳାନ୍ୟାସ କରିଛନ୍ତି । ନିକଟରେ ଅକ୍ଟୋବର ୧୩ ତାରିଖରେ "ଡ଼ାକ ଟିକଟ ସଂଗ୍ରହ ଦିବସ" ଅବସରରେ ଇତିହାସ ପୃଷ୍ଠାରେ ଅନାଲୋଚିତ ଓଡ଼ିଶାର ୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ପ୍ରସ୍ତୁତ ସ୍ୱତନ୍ତ୍ର ଡ଼ାକ ଲଫାପାକୁ ଉନ୍ମୋଚନ କରାଯାଇଥିଲା । ଏଥିରେ ପାଇକ ବିଦ୍ରୋହ ସହ ଜଡ଼ିତ ଥିବା ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଥିଲେ । ସେହିପରି ଓଡିଶାର ଏହି ବୀରତ୍ୱପୂର୍ଣ୍ଣ ସତ୍ୟ ଘଟଣାକୁ ସାରା ଦେଶ ଏବଂ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ପାଇଁ 'ଷ୍ଟାର୍ ପ୍ଲସ୍' ଭଳି ଜାତୀୟ ସ୍ତରର ପ୍ରମୁଖ ଇଂଟରଟେନମେଂଟ୍ ଚ୍ୟାନେଲ୍ ଧାରାବାହିକ 'ବିଦ୍ରୋହୀ' ନାମରେ ପ୍ରସାରଣ କରୁଛି । ତେବେ ଓଡ଼ିଶା ସରକାର ବଳିଷ୍ଠ ଯୁକ୍ତି ଓ ନଥିପତ୍ର ଯୋଗାଡ଼ କରିପାରି କିଛି ନବୁଝି ଖାଲି କେନ୍ଦ୍ର ଉପରେ ଦୋଷ ଲଦିବା ବିଡମ୍ବନାର ବିଷୟ । ବିଜେଡ଼ି ବିଧାୟକମାନେ ଏହା ବିରୁଦ୍ଧରେ ମିଛ ନାରାବାଜି ନ କରି କେନ୍ଦ୍ର ସରକାରଙ୍କୁ ପାଇକ ବିଦ୍ରୋହ ସହ ସଂଶ୍ଳିଷ୍ଟ ନଥିପତ୍ର ପ୍ରଦାନ କରିବାରେ ସାହାଯ୍ୟ କରିବା ସହ ଏନସିଇଆରଟି ପାଠ୍ୟପୁସ୍ତକରେ ସାମିଲ ପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଦିଅନ୍ତୁ ବୋଲି ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି ।

## ଜୱାଦ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ସରକାର : ସିଆଇଟିୟୁ

ଭୁବନେଶ୍ୱର ,୦୭/୧୨ (ନି.ପ୍ର): ଜୱାଦ ଜନିତ ଅଦିନିଆ ବର୍ଷା ଯୋଗୁ ଚାଷୀ ମାନଙ୍କର ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଜଣେ ଚାଷୀ ଏହି ପରିସ୍ଥିତିକୁ ସାମନା କରି ନପାରି ଆତ୍ମହତ୍ୟା କରିଛନ୍ତି । ରାଜ୍ୟରେ ଅଢେଇଲକ୍ଷ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲକ୍ଷାଧିକ ପରିବାରଙ୍କ ଜୀବିକା ଉଜୁଡି ଯାଇଛି । ରାଜ୍ୟ ସରକାର ଚିରାଚରିତ ଭାବେ କେବଳ ଘୋଷଣା ନକରି ଅବିଳମ୍ବେ କ୍ଷତିଗ୍ରସ୍ତ ଅଂଚଳରେ ସର୍ଭେ କରି, ଫସଲ ନଷ୍ଟ ହୋଇଥିବା ଚାଷୀ ମାନଙ୍କୁ ଅବିଳମ୍ବେ କ୍ଷତିପୂରଣ ଦେବାକୁ ସିଆଇଟିୟୁ, ଓଡିଶା ରାଜ୍ୟ କମିଟି ଦାବି କରିଛି । ସେହିପରି କ୍ଷତିଗ୍ରସ୍ତ ଜିଲ୍ଲାର ଜିଲ୍ଲାପାଳ ମାନେ କ୍ଷତିଗ୍ରସ୍ତ ଚାଷୀ ମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ । କ୍ଷତିଗ୍ରସ୍ତ ଲକ୍ଷ ଲକ୍ଷ ଚାଷୀ ମାନଙ୍କୁ ବିକଳ୍ପ ଆୟ ପାଇଁ ରାଜ୍ୟ ସରକାର ଅବିଳମ୍ବେ ପଦକ୍ଷପେ ନେବାକୁ ହେବ ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର,୦୭/୧୨ (ନି.ପ୍ର): ବାତ୍ୟା ଜୱାଦ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ଦ୍ୱାରା ଲକ୍ଷ ଲକ୍ଷ ହେକ୍ଟର ଜମିରେ ପାଣରେ ବୁଡ଼ିଯିବା ଯୋଗୁଁ ବର୍ତମାନ ପାଚିଲାଧାନ ଜମିରେ ପଚିଲାଣି । ବର୍ଷା ଉଜାଡ଼ି ଦେଇଛି ଚାଷୀର ବର୍ଷକର ଆହାର । ପନିପରିବା ଫସଲ ମଧ ବ୍ୟାପକ ଭାବରେ ନଷ୍ଟ ହୋଇଛି । ଖରିଫ୍ ଓ ରବି ଚାଷ ପାଇଁ ଚାଷୀ ଧାର କରଜ କରିଥିବା ବେଳେ ବର୍ତମାନ ଫସଲ କ୍ଷତି ଯୋଗୁଁ ଏହା ପରିଶୋଧ କରିବା କାଠିକର ପାଠ୍ । ଯାହାକି ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା । କ୍ଷେତ୍ରସ୍ତରରୁ ଯାହା ଜଣାଯାଏ ପ୍ରତି ଗୁଣ୍ଠ ପିଛା ଜମିରେ ଚାଷୀଙ୍କୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି । ଏହା ସହ କୃଷି ଉତ୍ପାଦନ ପାଇଁ ଆବଶ୍ୟକ ସରକାରୀ କୃଷି ଇନ୍‌ପୁଟ୍ ସହାୟତା ପାଇବାରେ ଅହେତୁକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଚାଷୀକୁଳର ଏଭଳି ଦୁଃଖଦ ପରିସ୍ଥିତି ସମ୍ପର୍କରେ ଆଜି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଟଙ୍କୁ ରାଜ୍ୟ କୃଷି ଭବନଠାରେ ସାକ୍ଷାତ ଆଲୋଚନା କରି ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯୁଦ୍ଧକାଳୀନ ଭିତିରେ କ୍ଷେତ୍ର କର୍ମଚାରୀଙ୍କଦ୍ୱାରା ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ, ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଗୁଣ୍ଠ ପିଛା ୩ ହଜାର କିମ୍ବା ଏକର ପିଛା ୫୦ ହଜାର ଟଙ୍କା ଆର୍ଥିକ ସହାୟତା, ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯାଉଥିବା ପ୍ରଚଳିତ କୃଷି ଇନପୁଟ୍ ସହାୟତା ୩ ଗୁଣା ବୃଦ୍ଧି, ସମସ୍ତ ଚାଷୀଙ୍କଠାରୁ କୃଷିରଣ ଛାଡ଼ କରିବା ସହିତ ବିନା ସୁଧରେ ରବି ଚାଷ ପାଇଁ କୃଷିରଣ ଯୋଗାଣ, ଜଳକର, ଚାଷ କାର୍ଯ୍ୟପାଇଁ ବ୍ୟବହୃତ ବିଜୁଳି ଶୁଳ୍କ ଛାଡ଼, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସର୍ତାବଳୀ ଅନୁଯାୟୀ ଚାଷୀଙ୍କୁ ଅଗ୍ରୀମ କ୍ଷତିପୂରଣ, ଚଳିତ ରବି ଚାଷ ପାଇଁ ମାଗଣାରେ ବିଭିନ୍ନ ପ୍ରକାର ବିହନ, ମଞ୍ଜି, ସାର, କୀଟନାଶକ ଔଷଧ ଓ ୯୦ ପ୍ରତିଶତ ରିହାତିରେ କୃଷି ଯନ୍ତ୍ରପାତି, ସ୍କୁଲ, କଲେଜ ପଢୁଥିବା ଚାଷୀମାନଙ୍କ ପିଲାମାନଙ୍କଠାରୁ ସଂମ୍ପୂର୍ଣ୍ଣ ଫି ଛାଡ଼ କରାଯିବାକୁ ଦୃଢ଼ ଦାବୀ କରି ଏକ ୭ ଦଫା ସମ୍ବଳୀତ ଦାବୀପତ୍ର ପ୍ରଦାନ କରିଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଏହି ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଧକ୍ଷ ଶ୍ରୀ ପଟ୍ଟନାୟକ କୃଷି କମିଶନର ତଥା ଶାସନ ସଚିବ ବଶିଷ୍ଟଙ୍କୁ ଅନୁରୋଧ କରିଛନ୍ତି ।

# ବିଧାନସଭା ଚଳାଇବାକୁ ସରକାରଙ୍କ ଆନ୍ତରିକତା ନାହିଁ : କଂଗ୍ରେସ

ଭୁବନେଶ୍ୱର,୦୭/୧୨ (ନି.ପ୍ର): ଚଳିତ ରାଜ୍ୟ ବିଧାନସଭା ବୈଠକ ପ୍ରାରମ୍ଭ ଦିନ ଠାରୁ ଆଜି ପର୍ଯ୍ୟନ୍ତ କୌଣସି ଦିନ ଗୃହ କାର୍ଯ୍ୟ ଚାଲିପାରି ନାହିଁ । ଗୃହ ଅଚଳ ହେବାର ମୁଖ୍ୟ କାରଣ ହେଲା ସରକାରୀ ଦଳ । ସରକାର ଜାଣିସୁଣି ପବିତ୍ର ଗୃହରେ ଆଲୋଚନା ପାଇଁ ଗୃହରେ କୌଣସି ସରକାରୀ ବିଜିନେସ ରଖିନାହାନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ କଂଗ୍ରେସ ଦଳ ପ୍ରଥମ ଦିନରୁ ସେଥିପାଇଁ ମମିତା ଅପହରଣ ଓ ହତ୍ୟା ଘଟଣାରେ ପ୍ରସ୍ତାବ ଓ ମୁଲତବି ପ୍ରସ୍ତାବ ଆକାରରେ ଆଲୋଚନା ପାଇଁ ଦିଆଯାଇଥିଲା । କିନ୍ତୁ ସରକାର ଆଲୋଚନାକୁ କରାଇ ଦେଉନାହାଁନ୍ତି । ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କଲାପରେ ବି ସେ କହିବାକୁ ଆମକୁ ସୁଯୋଗ ଦେଲେ ନାହିଁ । ଆମେ ମୁଲତବୀ ପ୍ରସ୍ତାବ ଦେଇଛୁ ହେଲେ ସରକାର ମମିତା ପ୍ରସଙ୍ଗକୁ ନେଇ ଏତେ ଭୟଭିତ ଯେ ଆମ କଥା ଶୁଣୁନାହାନ୍ତି ବା ଆଲୋଚନାକୁ ଆସୁନାହାନ୍ତି । ପୂର୍ବରୁ ଗୃହ ବାହାରେ ବିରୋଧି ଦଳର ସବୁ ପ୍ରଶ୍ନର ଉତର ବିଧାନ ସଭାରେ ବିଜେଡ଼ି ସରକାର ଦଳ ଦେବେ ବାହାସ୍ଫୋଟ ମାରୁଥିବା ବେଳେ ଗୃହ ଭିତରେ ପଛଘୁଂଚା କାହିଁକି ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ମିଶ୍ର । ସେ କହିଛନ୍ତି ଗହ ଚଳାଇବା ପାଇଁ ବିରୋଧି ଦଳର ନେତାମାନଙ୍କ ସହ ଆଲୋଚନା କରିବା ଗୃହର ନେତାଙ୍କ କର୍ତବ୍ୟ ହେଲେ ସେ ପରମ୍ପରା ଭଙ୍ଗ ହୋଇଛି । କିନ୍ତୁ ମମିତା ମେହେର ପ୍ରସଙ୍ଗରେ ସରକାର କାହିଁକି ଡରୁଛନ୍ତି ତାହାର ଉତର କଂଗ୍ରେସ ଚାହୁଁଛି । ମୁଖ୍ୟ ମନ୍ତ୍ରୀ ବିଧାନସଭା ନଆସି ଘରୁ ଭିଡ଼ିଓବାର୍ତା ଦେଇ ବିରୋଧ ଦଳ ଗୃହ ଚଳାଇ ଦେଉନାହାନ୍ତି ବୋଲି କହୁଛନ୍ତି । ମୁଖ୍ୟମନ୍ତ୍ରୀ ସ୍ମାର୍ଟକାର୍ଡ଼ ବାଂଟିବାକୁ ବିଭିନ୍ନ ଜିଲ୍ଲାକୁ ଯାଇପାରୁଛନ୍ତି ଏବଂ କଳିଙ୍ଗ ଷ୍ଟାଡିୟମ ଯାଇ ଜୁନିଅର ହକି ଟୁର୍ଣ୍ଣାମେଂଟରେ ପୁରସ୍କାର କରୁଛନ୍ତି ହେଲେ ବିଧାନ ସଭା ଆସୁନାହାନ୍ତି କାହିଁକି ? ଯଦି କରୋନାକୁ ଭୟ କରୁଥାନ୍ତି ତାହାହେଲେ ମୁଖ୍ୟମନ୍ତ୍ରୀଙ୍କ ଜୀବନ ଯେତିକି ମୂଲ୍ୟବାନ ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ସମପରିମାଣରେ ସମ୍ମାନ ଦେବା ଉଚିତ । ଏଥିରୁ ଜଣାପଡୁଛି ମୁଖ୍ୟମନ୍ତ୍ରୀ ଦଳୀୟ ରାଜନୀତି କରୁଛନ୍ତି । ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୋଲିସ ଆଇଆଇସିଙ୍କୁ କୋକର୍ଟଙ୍କ ନିର୍ଦ୍ଦେଶ ପରେ ବି ପୋଲିସ ବେଖାତିର କରୁଛି ସେଥିନେଇ ମୁଖ୍ୟମନ୍ତ୍ରୀ ଚୁପ । ମମିତା ହତ୍ୟା କାଣ୍ଡର ସମସ୍ତ ପ୍ରମାଣ ନଷ୍ଟ କରିବାପରେ ଉଭୟ ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ରମନ୍ତ୍ରୀ ସାମନାକୁ ଆସି ଏବେ ବାହାସ୍ଫୋଟ ମାରୁଛନ୍ତି । ନିରପେକ୍ଷ ତଦନ୍ତ ନହେଲେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଖଲାସ ହୋଇଯିବ । ସେଥିପାଇଁ କଂଗ୍ରେସ ଦଳ ପ୍ରଥମରୁ ଦାବି କରିଛି ମୁଖ୍ୟମନ୍ତ୍ରୀ ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ବହିଷ୍କାର କରନ୍ତୁ ଓ ମମତାକୁ ନ୍ୟାୟ ଦେବାରେ ସହଯୋଗ କରିବାପାଇଁ ହାଇକୋର୍ଟର ତତ୍ୱାବଧାନରେ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏସଆଇଟି ତଦନ୍ତ କରାନ୍ତୁ । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ବିଧାୟକ ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା, ମହମ୍ମଦ ମୋକିମ, ଅଧିରାଜ ମୋହନ ପାଣିଗ୍ରାହୀ, ଡ. ସିଏସ ରାଜନ ଏକା ପ୍ରମୁଖ ଉପସ୍ଥିତି ଥିଲେ ।

# ଶାଳୀନତାର ସବୁ ସୀମା ଲଂଘୁଛି ବିଜେପି : ବିଜେଡି

ଭୁବନେଶ୍ୱର,୦୭/୧୨ (ନି.ପ୍ର): ବିଗତ କିଛି ବର୍ଷ ହେଲା ରାଜ୍ୟ ବିଜେପି ଶାଳୀନତାର ସବୁ ସୀମା ଲଘି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅତ୍ୟନ୍ତ ନିନ୍ଦନୀୟ ଓ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଛି । ଆଜି ବିଜେପି ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଯେଉଁଭଳି ଅଶାଳୀନ ଭାଷାରେ ଚିଠି ଲେଖିଛନ୍ତି ତାହା ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଘୋର ବିରୋଧୀ ଏବଂ ଏହାକୁ ଆମେ ତୀବ୍ର ନିନ୍ଦା କରୁଛୁ ବୋଲି କହିଛନ୍ତି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ । ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ଓଡ଼ିଶାର ରାଜନୀତିରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ଗୃହ ଭିତରେ ଓ ବାହାରେ ଅନେକ ବାର ମତାନ୍ତର ଓ ବିତର୍କ ହୋଇଛି । ବିରୋଧୀ ଦଳ ଶାସକ ଦଳକୁ ସମାଲୋଚନା କରିବା ସହ ବିରୋଧ ପ୍ରଦର୍ଶନ କରିଛନ୍ତି । କିନ୍ତୁ କେବେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ରାଜନୈତିକ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରି ନାହାନ୍ତି । ମାତ୍ର ଗତ କିଛି ବର୍ଷ ହେଲା ରାଜ୍ୟରେ ବିରୋଧୀ ଆସନରେ ବସିଥିବା ବିଜେପି ଏହି ମର୍ଯ୍ୟାଦା ଓ ମୂଲ୍ୟବୋଧକୁ ଭୁଲି ମୁଖ୍ୟମନ୍ତ୍ରୀ ଓ ଶାସକ ଦଳକୁ ବିରୋଧ କରିବା ଲାଗି ଅତି ନିମ୍ନ ସ୍ତରକୁ ଓହ୍ଲାଇ ଯାଇଛି ।

ବିଜେପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଯାଇଥିବାବେଳେ ବିଜେପି ପକ୍ଷରୁ ତାଙ୍କ ଉପରେ ବୋତଲ ମାଡ଼ ହୋଇଥିବାବେଳେ ସଭାମଂଚକୁ ଚପଲ ଫିଙ୍ଗା ଯାଇଥିଲା । ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ଓ ଯଜ୍ଞ କର୍ମ ସାରି ଫେରୁଥିବାବେଳେ ବିଜେପି କର୍ମୀମାନେ ତାଙ୍କ ଉପରକୁ ଅଣ୍ଡାମାଡ଼ କରିବାକୁ ପଛାଇ ନଥିଲେ । ଧର୍ମ ନାଁରେ ରାଜନୀତି କରୁଥିବା ବିଜେପିର ଏଭଳି କୁକାର୍ଯ୍ୟ ରାଜ୍ୟବାସୀଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରିଥିଲା । ମାତ୍ର ବାରମ୍ବାର ଏଭଳି ଅଶାଳୀନ ଆଚରଣ ପ୍ରଦର୍ଶନ କରି ନିନ୍ଦିତ ହେଉଥିବା ବିଜେପି ଏଥିରୁ କିଛି ଶିଖିଲା ଭଳି ମନେ ହେଉନାହିଁ । ଏବେ ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଅଶାଳୀନ ଭାଷାରେ ଚିଠି ଲେଖି ବିଜେପି ନେତାମାନେ ସେମାନଙ୍କ ନିମ୍ନ ରୁଚି, ବିକୃତ ସଂସ୍କାର ଓ ନକାରାତ୍ମକ ମାନସିକତାର ପରିଚୟ ଦେଇଛନ୍ତି ଏବଂ ଶାଳୀନତାର ସବୁ ସୀମା ଲଂଘି ଯାଇଛନ୍ତି । ଶ୍ରୀଜଗନ୍ନାଥଙ୍କ ମହାନ ସଂସ୍କୃତି ଓ ଉଚ୍ଚ ପରମ୍ପରାରେ ବିଶ୍ୱାସ କରୁଥିବା ସାଢ଼େ ଚାରି କୋଟି ସ୍ୱାଭିମାନୀ ଓଡ଼ିଆ ବିଜେପିର ଏଭଳି ଅଶୋଭନୀୟ ଆରରଣ ଓ ଉଚ୍ଚାରଣକୁ କେବେ ହେଲେ କ୍ଷମା ଦେବେନାହିଁ । ଓଡ଼ିଶାବାସୀଙ୍କ ଦ୍ୱାରା ବାରମ୍ବାର ପ୍ରତ୍ୟାଖ୍ୟାତ ହୋଇଥିବା ବିଜେପିକୁ ଏହା ନିଶ୍ଚିତ ମହଙ୍ଗା ପଡ଼ିବ । ପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି ।

# ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଂଟ ଘୋଡାଉଛନ୍ତି ମୁଖ୍ୟମନ୍ତ୍ରୀ: ସମୀର ମହାନ୍ତି

ଭୁବନେଶ୍ୱର,୦୭/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଳେଙ୍କାରୀରେ ସମ୍ପୃକ୍ତ ଥିବା ଆଇନ ଓ ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଂଟ ଘୋଡାଉଛନ୍ତି ମୁଖ୍ୟମନ୍ତ୍ରୀ । ଗରିବ ଲୋକଙ୍କ ପାଇଁ ଲଢେଇ କରୁଥିବା ପାର୍ଟିର ଦୁଇ ଜଣ କାର୍ଯ୍ୟକର୍ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ହତ୍ୟା ଘଟଣାରେ ସିଧା ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ପ୍ରମାଣିତ ହୋଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ମୁଖ୍ୟମନ୍ତ୍ରୀ ସବୁ ଜାଣିଶୁଣି ତାଙ୍କୁ ବିଧାନସଭାକୁ ଆସିବାକୁ ଦେଉଛନ୍ତି ଏବଂ ସଭା ମଂଚରେ ପାଖରେ ବସାଇ ଦକ୍ଷ ମନ୍ତ୍ରୀ ବୋଲି ସାର୍ଟିଫିକେଟ୍ ଦେଉଛନ୍ତି । ମହାଙ୍ଗା ଡବଲ ମର୍ଡର ଘଟଣାରେ ମାହାଙ୍ଗା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ନିହାର ରଞ୍ଜନ ମହାନ୍ତି ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରି ପରୋକ୍ଷ ଭାବରେ ସେ ସରକାର ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ପୃଷ୍ଠପୋଷକତାରେ କାମ କରୁଥିବା ପ୍ରମାଣ କରିଦେଇଛନ୍ତି । ଟେଲି ଯୋଗାଯୋଗ ନିୟମ ଅନୁସାରେ ୧ବର୍ଷ ଭିତରେ ଫୋନ୍ କଲ୍ ତଥ୍ୟ (ସିଡିଆର) ସଂରକ୍ଷଣ କରିନରଖିଲେ ତାହା ସବୁ ଡିଲିଟ୍ ହୋଇଯିବ । ତେଣୁ ଥାନା ଅଧିକାରୀ ଡିସେମ୍ବର ୨୦, ୨୦୨୦ରୁ କୋର୍ଟଙ୍କୁ ମାଗିଥିଲେ । ଏହି ସବୁ ତଥ୍ୟ ପ୍ରମାଣିତ କରୁଛି ମାହାଙ୍ଗା ଆଇଆଇସି ପ୍ରତାପ ଜେନାଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି । ସେ ଘଟଣାରେ ତତ୍ପରତା ନଦେଖାଇବା ଏବଂ ମାନ୍ୟବର ଅଦାଲତଙ୍କୁ ବାରମ୍ବାର ଅଧିକ ସମୟ ମାଗିବାର ଆଳ ଦେଖାଇ କେସ୍‌କୁ ରଫାଦଫା କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି । ମମିତା ମେହେର ମାମଲାରେ ଗୋଟେ କଥା କହୁଛ, ମାହାଙ୍ଗା ମର୍ଡର କେସ୍‌ରେ କୋର୍ଟ କହିବା ପରେ ବି ଗଳା ବାଟ ଦେଖୁଛ । କୋର୍ଟକୁ ତଥ୍ୟ ଦେଉନ ମାନେ - ମନ୍ଦିର ଭିତରେ କିଏ ନା ମୁଁ କଦଳୀ ଖାଇନାହିଁ ସଦୃଶ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଓ ରାଜ୍ୟ ମୁଖପାତ୍ର ଠାକୁର୍ ରଞ୍ଜିତ୍ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଆମ୍ବେଦକରଙ୍କ ୬୬ତମ ମହାପରିନିର୍ବାଣ ଦିବସ ପାଳନ

ଭୁବନେଶ୍ୱର,୦୭/୧୨ (ନି.ପ୍ର): ସମ୍ବିଧାନ ପ୍ରଣେତା, ବୋଧିସତ୍ୱ, ଭାରତରତ୍ନ ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ୬୬ତମ ମହାପରିନିର୍ବାଣ ଦିବସ ଭୁବନେଶ୍ୱର ଆମ୍ବେଦକର ଛକ (ଏ.ଜି.ଛକ)ଠାରେ ବହୁସଂଖ୍ୟକ ଜନତାଙ୍କ ମହାସମାରୋହରେ ପାଳିତ ହୋଇଯାଇଛି । ସକାଳ ୮ ଘଟିକାରେ ବୁଦ୍ଧ ମନ୍ଦିରଠାରୁ ନାଗରିକ ଏକତା ପରିଷଦ, ଭାରତୀୟ ବୌଦ୍ଧ ମହାସଭା, ସର୍ବଭାରତୀୟ ଅନୁସୂଚିତ ଜାତି ଜନଜାତି ସଂଗଠନ ସମୂହର ପରିଷଦ, ଏସ୍.ସି, ଏସ୍.ଟି କର୍ମଚାରୀ ସଂଗଠନ ତରଫରୁ ଆମ୍ବେଦକରଙ୍କ ଏକ ସୁସଜ୍ଜିତ ରଥ ସହ ଦୁଇଚକିଆ ଓ ଚାରିଚକିଆ ଯାନର ଏକ ର୍ୟାଲି ବାହାରି ଏ.ଜି. ଛକଠାରେ ପହଞ୍ଚିଥିଲା । ସେଠାରେ ବିଭିନ୍ନ ଦଳର ରାଜନେତା, ଗୁଣୀ, ଜ୍ଞାନୀ ନାଗରିକ, ସରକାରୀ କର୍ମଚାରୀ, ସମାଜସେବୀ ଓ ସାଧାରଣ ନାଗରିକମାନଙ୍କର ଏକ ସମାଗମ କରାଯାଇ ବାବାସାହେବଙ୍କ ପ୍ରତିମୂର୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଓ 'ଜୟ ଭୀମ୍', 'ଜୟ ଭାରତ' ଧ୍ୱନିରେ ପ୍ରତିମୂର୍ତିସ୍ଥଳଟି ପ୍ରକମ୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ ରାଉତରାୟ, ବିଷ୍ଣୁ ସେଠୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ପୂର୍ବତନ ବିଧାୟକ ବାୟାଧର ମଲ୍ଲିକ ପ୍ରମୁଖ ବହୁ ରାଜନେତା, ବରିଷ୍ଠ ନାଗରିକ ନରେନ୍ଦ୍ର ସେଠୀ, ସୁନାକର ବେହେରା, ଲକ୍ଷ୍ମଣ ମଲ୍ଲିକ, ମାନଗୋବିନ୍ଦ ସେଠୀ, ଲକ୍ଷ୍ମୀଧର ବେହେରା, ବାନାମ୍ବର ସେଠୀ, ଅଭିମନ୍ୟୁ ସେଠୀ, ସୁଲୋଚନା ଦାସ ଓ ଯୁବନେତା ଅକ୍ଷୟ ମଲ୍ଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଜୟୀ ରାଜଗୁରୁ ଥିଲେ ପାଇକ ବିଦ୍ରୋହର ଅଦ୍ୱିତୀୟ ବୀରତ୍ୱ ଓ ସାହସର ପ୍ରତୀକ

ଭୁବନେଶ୍ୱର ,୦୭/୧୨ (ନି.ପ୍ର): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ପାଇକ ବିଦ୍ରୋହର ମହାନ୍ ବୀରତ୍ୱ, ଦେଶପ୍ରେମ ଓ ସାହସର ପ୍ରତୀକ ତଥା ମୁଖ୍ୟ କର୍ଣ୍ଣଧାର ଜୟୀ ରାଜଗୁରୁଙ୍କ ୨୧୫ତମ ବଳିଦାନ ଦିବସ ସ୍ଥାନୀୟ ଏ.ଜି. ଛକସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ, ଅଧକ୍ଷ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲାପାଳ ଦେବରାଜ ସେନାପତି, ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍, ଭାଷାବିତ୍ ସୀତାବଲ୍ଲଭ ମହାପାତ୍ର ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ । ଶ୍ରୀ ଶତପଥୀ ମତବ୍ୟକ୍ତ କରିଥିଲେ ଯେ, ଜୟୀ ରାଜଗୁରୁ ଥିଲେ ପାଇକ ସଂଗ୍ରାମର ଅଦ୍ୱିତୀୟ ବୀରତ୍ୱ, ଦେଶପ୍ରେମୀ ତଥା ସମଗ୍ର ଓଡ଼ିଶା ଜାତିର ସାହସର ପ୍ରତୀକ । ଇଂରେଜ ଶାସନ ବିରୋଧରେ ଗରିଲା ଯୁଦ୍ଧ କରିବା ସହିତ ସମସ୍ତ ପାଇକମାନଙ୍କୁ ଏକତ୍ର କରି ସ୍ୱତନ୍ତ୍ର ରଣକୌଶଳ ମାଧମରେ ବିଜୟ ଅଭିଯାନ ଆରମ୍ଭ କରିଥିଲେ ।

# ଭଗବାନ ବିର୍ଶାମୁଣ୍ଡା: ବ୍ୟକ୍ତି ନୁହଁନ୍ତି ଏକ ବିଚାରଧାରା




ଭୁବନେଶ୍ୱର,୦୭/୧୨(ନି.ପ୍ର): ସହିଦ ବିର୍ଶାମୁଣ୍ଡାଙ୍କୁ ଜଣେ ବିପ୍ଳବୀ ଭାବରେ ବର୍ଣ୍ଣନା କରାଯିବା ଅପେକ୍ଷା ତାଙ୍କୁ ଏକ ବିଚାରଧାରା ପ୍ରତୀକ ଭାବରେ ଗ୍ରହଣ କରାଯାଉଥିବାରୁ ଭଗବାନ ଭାବରେ ସମ୍ମାନ ଦିଆଯାଉଛି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ପତ୍ର ସୂଚନା କାର୍ଯ୍ୟାଳୟ ଏବଂ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଧୀନତା ସଂଗ୍ରାମର ପ୍ରତୀକ 'ଭଗବାନ ବିର୍ଶା ମୁଣ୍ଡା' ଶୀର୍ଷକ ଏକ ୱେବିନାର ଆଲୋଚନାଚକ୍ରରେ ଯୋଗ ଦେଇ ଆଜି ରାଞ୍ଚିସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଦେବେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି ଯେ, ବିର୍ଶାମୁଣ୍ଡା ମାତ୍ର ୨୫ ବର୍ଷ ଜୀବନକାଳ ମଧ୍ୟରେ ସମାଜ ଓ ଦେଶ ପାଇଁ ରଖିଯାଇଥିବା ଆଦର୍ଶକୁ ଯେତେଜଣ ଆଲୋଚନା କରିବେ ସେତିକି ନୂଆ ନୂଆ ଦିଗ ଦୃଷ୍ଟିଗୋଚର ହେବ। ତାଙ୍କୁ ବିଦ୍ରୋହୀ ନ କହି ବିପ୍ଳବୀ କହିବା ଯଥାର୍ଥ ହେବ। କାରଣ ସେ କ୍ଷମତା ପାଇଁ ସଂଗ୍ରାମ ନ କରି ଅଧିକାର ପାଇଁ ସଂଗ୍ରାମ କରିଥିଲେ। ପ୍ରକୃତି, କୃଷି, ଜଙ୍ଗଲ ଏବଂ ଜଙ୍ଗଲ ଉପରେ ଅଧିକାରକୁ ଭିତ୍ତିକରି ଆଦିବାସୀମାନଙ୍କ ଅଧିକାରର ସୁରକ୍ଷା ପାଇଁ ସେ ସଂଗ୍ରାମ କରିଥିଲେ ମଧ୍ୟ ସେ ଏହି ସୀମା ଭିତରେ କିମ୍ବା ଭୌଗୋଳିକ ସୀମା ଭିତରେ ଆବଦ୍ଧ ନୁହନ୍ତି ବୋଲି ଡକ୍ଟର ବିଶ୍ୱାଳ ମତ ଦେଇଥିଲେ। ରାଞ୍ଚିସ୍ଥିତ ସଂସ୍କୃତିପ୍ରେମୀ ଶ୍ରୀ ଗୁଞ୍ଜଲ ଇକର ମୁଣ୍ଡା ବିର୍ଶାଙ୍କର ଜୀବନୀ ଆଲୋଚନା ସହିତ ତାଙ୍କ ଦୃଷ୍ଟିଭଙ୍ଗୀ ସମାଜ ପାଇଁ ସବୁଦିନେ ଉପଯୋଗୀ ବୋଲି କହିଥିଲେ। ତାଙ୍କ ଜୀବନୀକୁ ଇତିହାସ ଦୃଷ୍ଟିରୁ ମୂଲ୍ୟାୟନ ନ କରି ସମାଜର ଦୂରଦ୍ରଷ୍ଟା ଭାବରେ ମୂଲ୍ୟାୟନ କରିବା ଉଚିତ ବୋଲି ମତ ଦେଇଥିଲେ। ଇଂରେଜମାନେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇଥିଲେ ମଧ୍ୟ ତାଙ୍କ ଦୃଷ୍ଟିଭଙ୍ଗୀକୁ ନେଇ ଇଂରେଜ ଶାସନ ଏବଂ ସ୍ୱାଧୀନ ଭାରତରେ ବିଭିନ୍ନ ସମୟରେ ଅନେକ ଆଇନ ପ୍ରଣୟନ କରାଯାଇ ଜଙ୍ଗଲ ଅଧିବାସୀଙ୍କ ସ୍ୱାର୍ଥର ସୁରକ୍ଷା କରାଯାଇଛି ବୋଲି ଶ୍ରୀ ମୁଣ୍ଡା ଦର୍ଶାଇଥିଲେ। ସମାଜ ବିଜ୍ଞାନୀ ଡକ୍ଟର ରୀନା ରାଉତରାୟ ଆଲୋଚନାରେ ଅଂଶଗ୍ରହଣ କରି ଝାଡ଼ଖଣ୍ଡ ଏବଂ ବିହାରରେ ବିର୍ଶାଙ୍କ ସମ୍ପର୍କିତ ପୁସ୍ତକ ସଂଗ୍ରହ କରାଯାଇ ଓଡ଼ିଶାରେ ସେ ସବୁର ପ୍ରଚାର ଓ ପ୍ରସାର କରାଯିବା ଉଚିତ ବୋଲି ମତ ଦେଇଥିଲେ। ବିର୍ଶାଙ୍କ ଜୀବନୀ ଆଲୋଚନା କରି ତାଙ୍କ ଜୀବନ ସମାଜ ପ୍ରତି ଏକ ବାର୍ତ୍ତା ଭାବରେ ଗୃହୀତ ହୋଇଥିବା ଡକ୍ଟର ରାଉତରାୟ ମତ ଦେଇଥିଲେ। ଏହି ଆଲୋଚନାଚକ୍ର ସମ୍ପର୍କରେ ସୂଚନା ଦେଇ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ କହିଥିଲେ ଯେ, ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବା ସମୟରେ ମହାନ ସଂଗ୍ରାମୀମାନଙ୍କୁ ମନେ ପକାଇ ଦେଶ ଶ୍ରଦ୍ଧାଞ୍ଜଳି ଜଣାଉଛି। ଏହି ଅବସରରେ ଭଗବାନ ବିର୍ଶାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଜୀବନୀ ଆଲୋଚନା କରିଥିଲେ। ବିର୍ଶାଙ୍କ ବ୍ୟକ୍ତିତ୍ୱରେ ଚମତ୍କାରିତା ରହିଥିବା କହି ସମାଜ ପ୍ରତି ତାଙ୍କର ଅବଦାନ ଯୋଗୁଁ ଲୋକେ ତାଙ୍କୁ ଭଗବାନ ଭାବରେ ଅଭିହିତ କରିଥିବା କହିଥିଲେ। ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ବିର୍ଶାଙ୍କର ଜୀବନୀରୁ ସ୍ଥାନୀୟ ଲୋକଙ୍କର ଐତିହ୍ୟପୂର୍ଣ୍ଣ ଜୀବନର ସଂରକ୍ଷଣ, ସାଧାରଣ ଜୀବନରେ ସ୍ୱଚ୍ଛତା, ସରଳ ଜୀବନଯାପନ, ପ୍ରକୃତି ପ୍ରତି ପ୍ରେମ ଏବଂ ଶୋଷଣ ବିରୁଦ୍ଧରେ ବିପ୍ଳବ ଭଳି ପାଞ୍ଚଟି ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଦିଲ୍ଲୀସ୍ଥିତ ଓଡ଼ିଆ ପତ୍ରିକା 'ପଲ୍ଲୀବାଣୀ'ର ସମ୍ପାଦକ ଶ୍ରୀ ରାମଚନ୍ଦ୍ର ନାଥ କହିଥିଲେ ଯେ ସହିଦ ବିର୍ଶାମୁଣ୍ଡାଙ୍କୁ କୌଣସି ଭୌଗୋଳିକ ସୀମା, ସମୟ କିମ୍ବା ସମାଜ ଆବଦ୍ଧ କରିପାରିବ ନାହିଁ। ତାଙ୍କ ଆଦର୍ଶର ସର୍ବକାଳୀନ ମୂଲ୍ୟବୋଧ ରହିଥିବା ଦର୍ଶାଇ ଆଲୋଚନାଚକ୍ରର ସଂଯୋଜନା ମଧ୍ୟ କରିଥିଲେ। ଏହି ଆଲୋଚନାରେ କାର୍ଯ୍ୟକ୍ରମ ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା, ପ୍ରଦୀପ କୁମାର ଚୌଧୁରୀ ପ୍ରମୁଖ ବହୁ ଅଧିକାରୀ ଏବଂ ସାମାଜିକ କର୍ମୀ ଅଂଶଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଭିଜିଲାନ୍ସ ଜାଲରେ ଓଏସଏପି ....

ଏକାଧିକ ଠିକଣାରେ ଭିଜିଲାନ୍ସ ରେଡ୍ କରିଥିଲାବେଳେ, ଖୋର୍ଦ୍ଧା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଲ୍ ପାସ କରାଇ ଦେବାକୁ ଲାଂଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । କଟକ ସ୍ଥିତ ଓଏସ୍ଏପି ଷଷ୍ଠ ବାଟାଲିଆନ୍ର ସିପାହୀ ସହଦେବ ପରିଡାଙ୍କ ୫ଟି ଠିକଣାରେ ଯେତେବେଳେ ଭିଜିଲାନ୍ସ ରେଡ୍ କରିଥିଲା ତାଙ୍କ ସମ୍ପତି ଦେଖି ତାଜୁବ ହୋଇଯାଇଥିଲେ ଅଧିକାରୀ । ଚଢ଼ଉ ବେଳେ ଜବତ ହୋଇଥିଲା ନଗଦ ୨ ଲକ୍ଷ ୯୪ ହଜାର ୬ ହଜାର ଟଙ୍କା । ୪ଟି ଦୁଇ ଚକିଆ ଗାଡି ଓ ୧୭ଟି ବ୍ୟାଙ୍କ ପାସ୍ ବୁକ୍ । ଭୁବନେଶ୍ୱର ପାଣ୍ଡରା ଓ ପୁରୀ ମାଳତୀପାଟପୁରରେ ପ୍ଲଟ । ସେହିପରି ତାଙ୍କ ପତ୍ନୀ ଗୀତାଞ୍ଜଳି ପରିଡ଼ାଙ୍କ ନାଁରେ କଂଟିଲୋ ଓ ଗୋପାଳପୁରରେ ଦୁଇଟି ପ୍ଲଥ ଓ ପୁଅ କିଷନ ପରିଡ଼ାଙ୍କ ନାଁରେ କଟକ ଗଣ୍ଡରପୁରରେ ଏକ ପ୍ଲଟ । ହେଲେ ବାଟାଲିୟନରେ ସିପାହୀ ଭାବେ କାର୍ଯ୍ୟ କରୁଥିବା ସହଦେବ ଏତେ ଟଙ୍କା କେଉଁଠୁ ଆଣିଲେ ତାହା ଚର୍ଚ୍ଚାର ବିଷୟ ହୋଇଛି । ସେହିପରି ଗଜପତି ନୂଆଗଡ଼ ଫରେଷ୍ଟର ଗଣେଶ କୁମାର ପ୍ରଧାନଙ୍କ ୫ଟି ଠିକଣାରେ ଏକକାଳିନ ଚଢାଉ କରିଛି ଭିଜିଲାନ୍ସ । ପାରଳାଖେମୁଣ୍ଡି ଫ୍ରେଣ୍ଡସ୍ କଲୋନୀରେ ଥିବା ଘର, ଗରବନ୍ଧ ହରିଶ୍ଚନ୍ଦ୍ରପୁରରେ ଥିବା ପୈତୃକ ଘର, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲ୍ଲାରେ ଥିବା ଦୁଇ ମହଲା ଘରେ , ନୂଆଗଡ଼ରେ ଥିବା ଅଫିସ୍ ଓ ଫରେଷ୍ଟ ଚାମ୍ବରରେ ଚଢାଉ କରିଛନ୍ତି ଭିଜିଲାନ୍ସ ଟିମ୍ । ଏପଟେ ବିଲ ପାସ୍ କରାଇଦେବା ପାଇଁ ଠିକାଦାରଙ୍କଠାରୁ ୧୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି, ଖୋର୍ଦ୍ଧା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କାମଦେବ ବିଶ୍ୱାଳ । ଠିକାଦାର ଶୁଭ୍ରଜିତ୍ ସାମନ୍ତରାୟଙ୍କଠାରୁ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । କାମଦେବଙ୍କ ଖୋର୍ଦ୍ଧାରେ ଥିବା ସରକାରୀ କାର୍ଯ୍ୟାଳୟ ଓ ଭୁବନେଶ୍ୱର ଗଙ୍ଗନଗର ସ୍ଥିତ ବାସଭବନରେ ରେଡ୍ କରାଯାଇଛି ।

### ପରଲୋକରେ ଶତାୟୁ ....

ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ସେ ରାଷ୍ଟ୍ରପତିଙ୍କୁ ଆଶୀର୍ବାଦ କରିବା ଦୃଶ୍ୟ ସବୁଆଡ଼େ ଚର୍ଚ୍ଚାର ବିଷୟ ପାଲଟିଥିଲା। ୧୯୩୯ ମସିହାରେ ନିକଟସ୍ଥ ହାତିବାରୀ ମାଇନର ସ୍କୁଲରୁ ସପ୍ତମ ଶ୍ରେଣୀ ପାସ କରିଥିଲେ ନନ୍ଦ ସାର୍। ପିଲାଙ୍କୁ ଶିକ୍ଷିତ କରିବା ପାଇଁ ୧୯୪୬ରେ ସେ ନିଜେ ଏକ ଚାଟଶାଳି ଆରମ୍ଭ କରିଥିଲେ। ଆଉ ତାହା ଏବେ ବି ସକ୍ରିୟ ରହିଛି। ପ୍ରଥମେ ଏହା ତାଙ୍କ ଘର ପିଣ୍ଡାରେ ଚାଲୁଥିଲା। ପରେ ତାହା ଗାଁ ମଝିରେ ଥିବା ହନୁମାନ ମନ୍ଦିର ମଣ୍ଡପକୁ ଉଠି ଆସିଛି। ଚାଟଶାଳି ମାଧ୍ୟମରେ ନନ୍ଦସାର ୩ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଛନ୍ତି।

### ନାଗାଲାଣ୍ଡ ସରକାରକୁ ....

ତେବେ ସେନା ସେହି ଘରକୁ ଉଡାଇ ଦେଇପାରିବ ।  ଅନେକ ସମୟରେ ସେନା ଆଇନକୁ ଠିକ୍ ଭାବରେ କାର୍ଯ୍ୟକାରୀ କରୁନଥିବା ଜଣାପଡିଛି । ସେପଟେ ଘଟଣାକୁ ନେଇ କେନ୍ଦ୍ର ଏବଂ ନାଗାଲାଣ୍ଡ ସରକାର ପାଖରୁ ରିପୋର୍ଟ ମାଗିଛି ଜାତୀୟ ହ୍ୟୁମାନ୍ ରାଇଟସ କମିଶନ । କେଉଁ ଆଧାରରେ ଏହି ଗୁଳାକାଣ୍ଡକୁ 'ଭୁଲବଶତଃ' ବୋଲି କୁହାଯାଇଛି ତାର ଜବାବ ମାଗିଛି ଏନଏଚଆରସି । ଏନଏଚଆରସି ଏହି ଘଟଣାରେ ୬ ସପ୍ତାହ ମଧ୍ୟରେ ଉତର ଦେବାକୁ ଉଭୟ ସରକାରଙ୍କୁ କହିଛନ୍ତି । ରିପୋର୍ଟ ପ୍ରଦାନ କରିବା ବେଳେ ନାଗାଲାଣ୍ଡ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଏସଆଇଟି ତଦନ୍ତ ରିପୋର୍ଟ, ମୃତକଙ୍କ ପରିବାରକୁ କେତେ ଟଂକାର ଆର୍ଥିକ ସହାୟତା ଦିଆଯାଇଛି ଏବଂ ଆହତ ମାନଙ୍କ ପାଇଁ କି ବ୍ୟବସ୍ଥା କରାଯାଇଛି ସମସ୍ତ ରିପୋର୍ଟ ପ୍ରଦାନ କରିବାକୁ ଏନଏଚଆରସି କହିଛି । ଶନିବାର ନାଗାଲାଣ୍ଡ, ମୋନ୍ ଜିଲ୍ଲା ନିବାର ଓଟିଙ୍ଗ ଗାଁର କିଛି ଦିନ ମଜୁରିଆ କୋଇଲା ଖଣିରୁ କାମ ସାରି ଫେରିବା ବେଳେ ସେମାନଙ୍କୁ ଉଗ୍ରବାଦୀ ସନ୍ଦେହ କରି ସେନା ଗୁଳି ଚଳାଇଥିଲା । ଘଟଣାରେ ବର୍ତମାନ ସୁଦ୍ଧା ୧୫ଜଣ ପ୍ରାଣ ହରାଇଛନ୍ତି ।

### ଏକ ହଜାର ଏଗାର କୋଟି ଖର୍ଚ୍ଚରେ....

ପାଲଟା ଟାର୍ଗେଟ କରି କହିଛନ୍ତି ଏବେ ରାସ୍ତାରେ ନଡିଆ ବାଡେଇଲେ ରାସ୍ତା ଭାଙ୍ଗିଯାଉଛି ଏହା ହେଉଛି ବିଜେପିର ବିକାଶ । ସେହିପରି ଆରଏଲଡି ସହ ସପାର ମେଣ୍ଟକୁ ସେ ପରିବର୍ତ୍ତନର ମେଣ୍ଟ ବୋଲି କହିଛନ୍ତି । ନିର୍ବାଚନ ପାଖେଇ ଆସୁଛି । ଏହାରି ଭିତରେ ଉତ୍ତରପ୍ରଦେଶକୁ ପ୍ରଧାନମନ୍ତ୍ରୀ ତୁହାକୁ ତୁହା ଗସ୍ତ କରୁଛନ୍ତି । ସେହିପରି ସମାଜବାଦି ପାର୍ଟି ମଧ୍ୟ ନିଜର ବଳ କସିବା ସହ ବିଭିନ୍ନ ପ୍ରସଙ୍ଗକୁ ନିଜ ଅସ୍ତ୍ର ବନାଇ ଉଭୟ ଯୋଗୀ ଓ ମୋଦି ସରକାରଙ୍କୁ ଟାର୍ଗେଟ କରୁଛନ୍ତି । ୨୦୨୪ ନିର୍ବାଚନ ପୂର୍ବରୁ ୟୁପି ଫଳାଫଳ ଏକ ବଡ ସଙ୍କେତ ହେବାକୁ ଥିବାବେଳେ କିଏ ଏହି ଗଡ ଦଖଲ କରୁଛି ଦେଖିବାକୁ ବାକି ରହିଲା ।

## ଲଘୁଚାପ ଲଗାଣ ବର୍ଷାରେ ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ : ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ନୀଳଗିରି, ୦୭/୧୨ (ନି.ପ୍ର): ଲଘୁଚାପ ଲଗାଣ ବର୍ଷା ଯୋଗୁଁ ନୀଳଗିରି ଉପଖଣ୍ଡରେ ସମସ୍ତ ଚାଷ ଜମିରେ ଧାନ ଫସଲ ଏବେ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏବେ ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛି । ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ଚାଷ କାର୍ଯ୍ୟରେ ଚାଷୀ ଲଗାଇଥିବା ବେଳେ ଋଣ କିପରି ପରିଶୋଧ କରିବେ ସେଥିପାଇଁ ଚିନ୍ତାରେ ପଡ଼ିଛନ୍ତି । ଏହାର ସମାଧାନ ପାଇଁ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବୀରେ ନୀଳଗିରି ସି.ପି.ଆଇ.(ଏମ) ଦଳ ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ରାଜ୍ୟ ସରକାର ଯଥାଶୀଘ୍ର କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ବିଜୟ କୁମାରପାତ୍ର, ଯୋଗାନନ୍ଦ ଦାସ, ପ୍ରମୁଖ ଦାବୀ କରିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୨୪ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ବର୍ଷୀୟାନ୍ କଣ୍ଠ ତଥା ନୃତ୍ୟ ଶିଳ୍ପୀ ନିର୍ମଳା ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ



କଟକ, ୦୭/୧୨ (ନି.ପ୍ର): ଓଡ଼ିଶାର ସ୍ୱନାମଧନ୍ୟ ବର୍ଷୀୟାନ୍ କଣ୍ଠ ତଥା ନୃତ୍ୟ ଶିଳ୍ପୀ, କୃତୀ ଶିକ୍ଷୟିତ୍ରୀ ନିର୍ମଳା ସ୍ୱାଇଁଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗୀୟା ସ୍ୱାଇଁଙ୍କ ଗୁଣଗାନ ସହ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାନ କରିଥିଲେ। ପ୍ରାରମ୍ଭରେ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ଏଥିରେ ଇଂ କେକେ ଦାସବର୍ମା, ଡ. ସତ୍ୟ ରାୟ, ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ରବୀନ୍ଦ୍ର ନାଥ ମହାନ୍ତି, ଭାସ୍କର ଚନ୍ଦ୍ର ସ୍ୱାଇଁ, ପ୍ରମିଳା ଦାସବର୍ମା, କସ୍ତୁରୀ ରାୟ, ସବିତା ରାଉତରାୟ, କନକଲତା ବଳବନ୍ତରାୟ, ରଣଜିତ୍ କେଶରୀ ମହାପାତ୍ର, ପ୍ରଦୀପ୍ତ ରାୟ, ଦେବୀ ରଞ୍ଜନ ମହାପାତ୍ର, ଅରୁନ୍ଧତୀ ସ୍ୱାଇଁ, ପ୍ରନଳିନୀ କୁମାର ରାୟ ପ୍ରମୁଖ ଯୋଗଦେଇ ତାଙ୍କର ଅମ୍ଳାନ ସ୍ମୃତି ଚାରଣ ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଆମ୍ବେଦକର କଲ୍ୟାଣ ସମିତିର ବାର୍ଷିକ ଅଧିବେଶନ

ବାଲିଆପାଳ, ୦୭/୧୨ (ନି.ପ୍ର): ବାଲିଆପାଳ ଆମ୍ବେଦକର କଲ୍ୟାଣ ସମିତି ପକ୍ଷରୁ ସୋମବାର ପାରୁଳିଆ ଛକ ଦୁର୍ଗା କଲ୍ୟାଣ ମଣ୍ଡପରେ ବାର୍ଷିକ ଅଧିବେଶନ ଓ ଆମ୍ବେଦକର ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ପୂର୍ବତନ ବ୍ୟାଙ୍କ ମ୍ୟାନେଜର ବୈଲୋଚନ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସଂପାଦକ ଗୋପାଳ ମାହାଳିକ ଅତିଥି ପରିଚୟ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ସୁକାନ୍ତ କୁମାର ଗିରି, ମୁଖ୍ୟବକ୍ତା ଭାବେ ପୂର୍ବତନ ଅତିରିକ୍ତ ଜିଲାପାଳ ବାଦଲ ମାଝି, ସମ୍ମାନୀତ ଅତିଥି ଭାବରେ ବାଲିଆପାଳ ଉତ୍କଳ ସମ୍ମିଳନୀ ଶାଖାର ସଂପାଦକ ସନ୍ୟାସୀ ବେହେରା,କନକଲତା ଦେ, ରଞ୍ଜନ ଦାସ,ବାବାଜୀ ପାତ୍ର, ସାମ୍ବାଦିକ ହରେକୃଷ୍ଣ ଦାସ ପ୍ରମୁଖ ଯୋଗ ଦେଇ ଦଳିତ ମାନଙ୍କ ବିଭିନ୍ନ ସମସ୍ୟା ଓ ସମ୍ବିଧାନ ନର୍ମାତା ବାବା ସାହେବ ଆମ୍ବେଦକରଙ୍କ ଜୀବନ ଦର୍ଶନ ଉପରେ ଉଦବୋଧନ ପ୍ରଦାନ କରିଥିଲେ । କୃଷକ ନେତା ବିଜୟ କୁମାର ଗିରି ଧନ୍ୟବାଦ ପ୍ରଦାନ କରିଥିଲେ ।

## ନୂଆବଜାର-ଅଲାଲପୁର ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ କେବେ

ଜଳେଶ୍ୱର, ୭/୧୨(ନିପ୍ର): ଜଳେଶ୍ୱର ନୂଆବଜାରରୁ ଅଲାଲପୁର ରାସ୍ତାର ନବିକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ଏବେ ନିର୍ମାଣ ସରିଥିବା ଉକ୍ତ ରାସ୍ତାର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଗତ ୩ବର୍ଷ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବହୁ ଦାବି, ଆନ୍ଦୋଳନ ପରେ ଚଳିତବର୍ଷ କାର୍ଯ୍ୟର ଅଗ୍ରଗତି ହୋଇଥିଲା । କିନ୍ତୁ ଏହାର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏହି ରାସ୍ତାର ଭବିଶ୍ୟତ ନେଇ ସାଧାରଣ ଲୋକେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ଲିଖିତଭାବେ ଜଣାଇଛନ୍ତି । ପ୍ରକାଶଯୋଗ୍ୟ ଏହି ରାସ୍ତା କଡରେ ଜଳେଶ୍ୱର ହାଇସ୍କୁଲ, ଏଫସିଆଇର ଗୋଦାମ ଘର, ତହସିଲ କାର୍ଯ୍ୟାଳୟ, ପୌର କାର୍ଯ୍ୟାଳୟ, ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ, ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ତାରିଣୀ ମନ୍ଦିର, ଓପିଟିସିଏଲ୍ କାର୍ଯ୍ୟାଳୟ ରହିଛି । ଏହା ବ୍ୟତିତ ନନ୍ଦିକା, ନହଞ୍ଜରା, ଚଡାମଣିପୁର, ଭାଦା ଗାଁକୁ ଯିବାଲାଗି ଏହା ଏକମାତ୍ର ରାସ୍ତା ଅଟେ । ଏ ସମ୍ପର୍କରେ ଆଜି ସୁବାରାମ କିସ୍କୁ, ନୀଳମାଧବ ଦେ, ନିରଂଜନ ଭଂଜ, ଜୟନାରାୟଣ ଦାସ, ଶ୍ୟାମଶଂକର ପରିଡା, ଗୋପିନାଥ ମଣ୍ଡଳ, ବିଜୟଲକ୍ଷ୍ମୀ ଘଡାଇ, ଭଗବାନ ବେହେରା, ହରିହର ଭଂଜଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ରାଜ୍ୟ ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଜିଲାପାଳ, ଉପଜିଲାପାଳ, ପୂର୍ତ୍ତ ବିଭାଗର ଯନ୍ତ୍ରୀ, ତହସିଲଦାର, ବିଧାୟକ, ସାଂସଦ, ୫ଟି ସଚିବ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଆଦର୍ଶ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲିଆପାଳ-୭/୧୨(ଆପ୍ର) ବାଲିଆପାଳ ଥାନା ବଡାଶ ଗ୍ରାମର ଆଦର୍ଶ ଶିକ୍ଷକ ଚକ୍ରଧର ସାମଲଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳ ସଭାମଙ୍ଗଳବାର ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଆୟୋଜିତ ଏହି ସ୍ମୃତି ସଭାରେ ନାରାୟଣ ପ୍ରସାଦ ସାହୁ ଅଧକ୍ଷତା କରିଥିଲେ । ଏଥିରେ ବିଷ୍ଣୁପ୍ରିୟା ମହାପାତ୍ର,ସନ୍ୟାସୀ ବେହେରା,ପୂର୍ଣ୍ଣ ଚନ୍ଦ୍ର ରାଜ୍, ରମାନାଥ କର, ଅନିରୁଦ୍ଧ ମଣ୍ଡଳ, ସୁଧାସିନ୍ଧୁ ସାହୁ,ଭକ୍ତ ହରି ଦାସ,ରାଜକିଶୋର ପାତ୍ର, ଭୃଗୁରାମ ବିଶ୍ୱାଳ, ସୁବାସିନୀ ଜେନା, ବିପିନ ବିହାରୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସାମଲଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଅତିଥି ମାନେ ଏହି ଅବସରରେ ସ୍ୱର୍ଗତ ସାମଲଙ୍କ ଉପରେ ଲିଖିତ ସ୍ମରଣିକାକୁ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ପାତ୍ର, କୁଞ୍ଜକାନ୍ତ ପାତ୍ର,ବୀରମାଧବ ଦାସ, ବିଜୟ ପାତ୍ର,ଧୀରେନ୍ଦ୍ର ନାଥ ହାଜିରା, ଅଜିତ ପାତ୍ର, ଡା.ବଙ୍କିମ ଜେନା, ଶମ୍ଭୁନାଥ ଗିରି, ପୁତ୍ର ଅଜିତ ସାମଲ, ଅସିତ ସାମଲ, ଜ୍ୱାଇଁ ମାନସ ପାତ୍ର,କନିଷ୍ଠ ଭ୍ରାତା ଭୀମ ଚରଣ ସାମଲ,ପୁତୁରା ନିମାଇଁ ଚରଣ ସାମଲ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ବସନ୍ତ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଉଦଳା ସାଇ ଦରବାରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଉଦଳା, ୦୭/୧୨ (ନି.ପ୍ର): ଉଦଳା ସାଇଦରବାର ୱାର୍ଡ଼ ନଂ-୧ ତରଫରୁ ତୃତୀୟ ବାର୍ଷିକ ଉତ୍ସବ ଆଧାତ୍ମିକ ପରିବେଷ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସକାଳର ଅଭିଷେକ ପରେ ଶ୍ରୀ ସାଇଙ୍କର ୧୦୮୦ ନାମରେ ଏକ ଯଜ୍ଞ ପଣ୍ଡିତ ନିରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ତାହାପରେ ଶ୍ରୀ ସାଇଙ୍କର ପାଲିଙ୍କି ଉଦଳା ବଜାର ପରିକ୍ରମାରେ ବହୁ ଶ୍ରଦ୍ଧାଳୁ ସାଇ ଭକ୍ତ ଯୋଗ ଦେଇଥିଲେ ତୃତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ସାଇ ଦରବାରରେ ନୂତନ ସଦସ୍ୟ ରୂପେ ଉଦଳା ବଣିକ ସଂଘର ସଂପାଦକ ଧିରେନ ଖଣ୍ଡେଲୱାଲଙ୍କୁ ଗ୍ରହଣ କରାଯିବା ସହିତ ତାଙ୍କୁ ଦତ୍ତା ସାଇଙ୍କର ଫୋଟ ଓ ଅଙ୍ଗଲଗା ବସ୍ତ୍ର ପ୍ରଦାନ କରାଯାଇଥିଲା । ସେହିପରି କପ୍ତିପଦା ଉପଖଣ୍ଡରେ ବିଭିନ୍ନ ଡ଼ାକ୍ତରଖାନାରେ ରୋଗୀ ମାନଙ୍କୁ ରକ୍ତ ଯୋଗାଡ଼ କରିବା ସହିତ ବହୁବାର ରକ୍ତଦାନ କରିଥିବା ଯୁବକ ଲକ୍ଷ୍ମୀଧର ସାହୁଙ୍କୁ ଦତ୍ତାସାଇଙ୍କ ଫୋଟ ଓ ଅଙ୍ଗଲଗା ବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି ଦରବାରର ଯୁବ ସଦସ୍ୟ ବିଶ୍ୱନାଥ ନାୟକ(ଗୁଡ୍ଡୁ)କୁ ଯୁବ ସଂଯୋଜକ ଭାବେ ନିଯୁକ୍ତି ଦିଆଯିବା ସହିତ ଅଙ୍ଗଲଗା ବସ୍ତ୍ର ପ୍ରଦାନ କରାଯାଇଛି । ସାଇ ଦରବାର ସହିତ ସିତ ବସ୍ତ୍ର ପ୍ରଦାନ କରାଯିବା ସହିତ ବହୁଭକ୍ତଙ୍କୁ ଦରବାର ତରଫରୁ ମଧ୍ୟାହ୍ନରେ ପ୍ରସାଦ ବିତରଣ କରାଯାଇଥିଲା ।

## ଟ୍ରକ ଦୁର୍ଘଟଣାରେ ରିଙ୍କୁ ସାହୁ ମୃତ



ବାସୁଦେବପୁର, ୦୭/୧୨ (ନି.ପ୍ର): ବାସୁଦେବପୁର ସହରରେ ବାସୁଦେବପୁର ସତ୍ୟସାଇ ଆଇଟିଆଇର ଇଲେକ୍ଟ୍ରିକାଲ ଦ୍ୱିତୀୟ ବର୍ଷ ଛାତ୍ର ରିଙ୍କୁ ସାହୁ ଙ୍କର ଏକ ଟ୍ରକ ଦୁର୍ଘଟଣା ରେ ମୃତ୍ୟୁ ଘଟିଛି । ଦୁର୍ଘଟଣା ଘଟାଇଥିବା ଟ୍ରକ ନମ୍ବର ଓ ଡି ୦୪ ଏଚ ୪୦୨୦ । ସକାଳ ଦଶ ଘଟିକା ରେ ଏହି ଘଟଣା ଘଟିଛି । ମୃତ୍ୟୁ ବରଣ କରିଥିବା କଲେଜ ଛାତ୍ର ରିଙ୍କୁ ଙ୍କ ବୟସ ୨୨ ବର୍ଷ । ତାଙ୍କର ଘର ବିନାୟକପୁର ଗ୍ରାମରେ । ରିଙ୍କୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବାସୁଦେବପୁର ନଗର ସମ୍ପାଦକ ଥିଲେ । ତାଂକ ମୃତ୍ୟୁ ରେ ବାସୁଦେବପୁର ବ୍ଲକ ରେ ଶୋକର ଛାୟା ଖେଳିଯାଇଛି । ସତ୍ୟସାଇ ଆଇ ଟି ଆଇ ଛାତ୍ର ଛାତ୍ରୀ ରାସ୍ତା ଅବରୋଧ କରି ଧାରଣା ରେ ବସିଥିଲେ । ଏଥି ସହିତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ ଦାସ, ଭାରତୀୟ ଜନତା ପାର୍ଟି ର ଜିଲ୍ଲା ଜିଲ୍ଲା ଉପସଭାପତି ଉଦୟ ନାରାୟଣ ମଲିକ, ତାଜୁ ଖାଁ, ଏବିଭିପିର ରମେଶ ଚନ୍ଦ୍ର ବେହେରା, ସୁବ୍ରତ ଧଳ, ଭାରତୀୟ ଜନତା ଯୁବ ମୋର୍ଚ୍ଚା ର ମହେଶ୍ୱର ଧଳ ଓ ଅନ୍ୟାନ୍ୟ ଜନସାଧାରଣ ଏହି ଧାରଣାରେ ରିଙ୍କୁ କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଧାରଣା ରେ ବସିଥିଲେ । ଏହି ଖବର ପାଇ ଭଦ୍ରକ ରୁ ଏସଡିପିଓ ସାର୍ଥକ ରାୟ ଆସି ଘଟଣା ସ୍ଥଳରେ ବୁଝାସୁଝା କରିଥିଲେ । ତାପରେ ରାସ୍ତାରୋକ ହଟିଥିଲା । ବାସୁଦେବପୁର ଥାନା ଅଧିକାରୀ, ତହସିଲଦାର ଅନିତା ନାୟକ ବିଧାୟକ ପ୍ରତିନିଧି ଅସିତ ଦାଶ, ମାନସ ସାହୁ ପ୍ରମୁଖ ମୃତ ବ୍ୟକ୍ତିଙ୍କ ପରିବାର ବର୍ଗ ଙ୍କୁ ସମ ବେଦନା ଜଣାଇଛନ୍ତି । ମୃତ ପରିବାର ବର୍ଗ କୁ ପଚାଶ ଲକ୍ଷ ଟଙ୍କା ଆର୍ଥିକ କ୍ଷ ତି ପୂରଣ ଦେବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି ।

# ଖୋର୍ଦ୍ଧା ଜଳସେଜନ ସହକାରୀ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ

ଖୋର୍ଦ୍ଧା, ୦୭/୧୨ (ନି.ପ୍ର): ଦିନ ଖୋର୍ଦ୍ଧା ଜଳସେଜନ ବିଭା ଗ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଶ୍ରୀ କାମ ଦେବ ବିଶ୍ୱାଳ ଦୁର୍ନୀତି ନିବାରଣ ହାତରେ ଧରହୋଇଛନ୍ତି ।ଜେକି କି ଜଣେ ଠିକାଦାରଙ୍କ ଠାରୁ ୧୦.୦୦୦ ଟଙ୍କା ଲାଞ୍ଚ ନେଲା ବେଳେ ଭିଜିନ୍ସ ବିଭାଗ ଅଧିକାରମାନେ ତାଙ୍କୁ ମାଡିବସି ଥିଲେ,ଓ ତାଙ୍କୁ ରେଡ ହାଣ୍ଡରେ ଟଙ୍କା ଧରାହୋଇ ଲଜିତ ଅପମାନିତ ହୋଇଛନ୍ତି। ଏହି ଜଳସେଜନ ବିଭାଗ ରେ ମୂଳରୁ ଦୁର୍ନୀତି ଚାଲିଛି। ତଳ ଉପର ସବୁ ସମାନ, ବିନା ଟଙ୍କାରେ ଏଠୀ ବିଲ ପାସ ହୁଏ ନାହିଁ। ଏଠୀ ଠିକାଦାର କରି ବହୁ ବେକ୍ତି ଆଜି ଖୋରଧାର ପ୍ରତିଷ୍ଠିତ ବେକ୍ତି ହୋଇ ହୋଇ ଯାଇଛନ୍ତି। ଏହି ବିଭାଗର ଠିକା କର୍ମଚାରୀ। ମାନେ ଗୋଟି ଶ୍ରମିଙ୍କ। ଜଣେ ପିଅନ ଦେପୁଟେସନ ରେ ନୟାଗଡ଼ ଆସି ନିଜକୁ କିରାଣୀ କହି ଚେୟାର ବସି ଲାଞ୍ଚ ନେଇ ଖୋର୍ଦ୍ଧାରେ ମୂଲ୍ୟବାନଘର କରି ଅଛି ।ସେ ପୁଣି ସରକାରୀ ଘରେ ଅଛି ।ଆଉ ଜଣେ କିରାଣୀ ଦୁଇଟି ସରକାରୀ ଘର ମାଡି ବସିଛି, ସେଥିମଧ୍ୟରୁ ଗୋଟିଏ ବଡ଼ ଯନ୍ତ୍ରୀ ପାଇଁ ଉଦ୍ଦିଷ୍ଟ। ଗରିବ ଛୋଟ କର୍ମଚାରୀ ମାନେ ଏହି ବଡ ଯନ୍ତ୍ରୀଙ୍କ ଘରୋଇ ଚାକର। ଜଳସେଜନ ବିଭାଗ ପୁରାତନ ସରକାରୀ ବାସଗୃହ ଭାଙ୍ଗି ରୁଚି ଗଲେ ମଧ୍ୟ ତାହା ସାପ ବେଙ୍କ ରହିବାର ସ୍ଥଳ। ଗତ ଫନି ବାତ୍ୟା ସମୟେ ବିରାଟ କାୟ ଦୁଇଟି ଶାଗୁଆନ ଗଛ ଭଙ୍ଗୀ ପୂର୍ବପଟ ଠଓଚ ବାସିନ୍ଦା ଗାନ୍ଧୀନଗର ୱାର୍ଡ ୫ ରାସ୍ତା ବନ୍ଦ ହୋଇ ଯାଇଥିଲା। ଖୋର୍ଦ୍ଧା ଅଂଗ୍ନୀ ନିବାରଣ ବିଭାଗ ବିରାଟ ଶାଗୁଆନ ମୋଟା ୮ ଫୁଟ ଲମ୍ବ ପ୍ରାୟେ ୬୦ ଫୁଟ କାଟି ଖଣ୍ଡ ଖଣ୍ଡ କରି ମୂଳ ଗଣ୍ଡି ରାସ୍ତା ସଫା କଲେ। ଏହି ବହୁ ଲକ୍ଷ ଶାଗୁଆନ ଗଛ ଏକ ପରିତ୍ୟକ୍ତ ବିରାଟ କାୟା କୂଅ ରେ ଏହି କଲୋନୀ ଭିତରେକାହିଁକି କା ଆଦେଶ ପକାଇଦିଆଗଲା ? ଏଠି ଥିବା ସରକାରୀ ବାସଭ ନରେ ନିର୍ବାହୀ ଯନ୍ତ୍ରୀ ପୂର୍ବ ରହିଥାଇ ଏବେ ବି ଅଛନ୍ତି ବଦଳି ହୋଇ ଭୁବନେଶ୍ୱର ସବୁ ଜାଣି ଅଜଣା। ଏହି ବଡ଼ ଯନ୍ତ୍ରୀ ଥାଇ କିପରି ଯେଶିବି ଲଗାଇ ଖାଲରେ ପକାଇ ଦିଆ ଗଲା। କାହା ନିର୍ଦ୍ଦେଶ ରେ ଏହି ଚୋରା କାମ ବିନା ଜଙ୍ଗଲ ବିଭାଗ ଉରଙ୍ଗ ଅଫିସ ୪୦୦ ମିଟର ଦୂରରେ ଥାଇ ତାଂକୁ ଜଣାଇ ଦିଆଗଲା ନାହିଁ। ମାତ୍ର ଏଠି ଥିବା ପୂର୍ବ ରେଞ୍ଜର ଗଡ ନାୟେକଙ୍କୁ ସାମ୍ବାଦିକ ମାନେ ଜନାଇ ଥିଲେ,। ମାତ୍ର କାମ ସୁନ କାରଣ ଜଣେ ବିଧାୟକ ପ୍ରେସର ରେ,। ଏବେ ସେ କାଠ ଗ୍ୟାପ ହୋଇଛି। ଏବର ଖୋରଧା DFO, ମହିଳା IFS, ବହୁ ପାରଗମ୍ ସେ ,ନିଜେ ଓ ଜିଲ୍ଲାପାଳ ଖୋର୍ଦ୍ଧା ଙ୍କ ସହ ଏହାର ଅନୁସନ୍ଧାନ କରିବା ଉଚିତ। କଥା ପଦାକୁ ଆସି ବ, ଖୋରଧା ଦୁର୍ନୀତି ବିଭାଗ ଏହି ଥରା ହୋଇ ଯନ୍ତ୍ରୀ ବିଶାଳ ଙ୍କୁ। ପଚାରନ୍ତୁ ଏହି। କାଠ ମୂଲ୍ୟ ପ୍ରାୟ ଦଶ ଲକ୍ଷ ହେବ। ଜଳସେଚନ ବିଭାଗର ନିଜର ଏକ ଭିଜିଲାନ୍ସ ବିଭାଗ ଅଛି ।ସେ ମହାଶୟ ଆସି ସତ କି ମିଛ ତଦନ୍ତ କରନ୍ତୁ। ଅନ୍ୟ ଏକ ୬ ଫୁଟ ଗୋଲାଇ ୫୦ ଫୁଟ ଲମ୍ବ ଶାଗୁଆନ କାଠ କାଟି ଜଣେ ଛୋଟ କର୍ମଚାରୀ ତାର ପୁଅ ଓ ଯନ୍ତ୍ରୀ ମିଶୀ କାଟି ତାଙ୍କ ଗର କରି ହାତ ଚିରାଇ ବାଣ୍ଟି, ସରକାରୀ ଘରେ ଚିରି ତାକୁ ଭାଗ ବାଣ୍ଟି ନେଇଛନ୍ତି ସମସ୍ତେ ଜାଣି ନୀରବ କାହିକି ?। ଏହି କର୍ମଚାରୀ ଜଣଙ୍କ ପାନବରଜ କରିଥିବା ଘରେ ସବୁ ଶାଗୁଆନ କବାଟ ଝରକା ଲଗାଇଛି ଏହା ଅନୁସନ୍ଧାନ କରାଯାଉ,ଏହି ଶାଗୁଆନ ଚୋରକୁ ସରକାରୀ କର୍ମଚାରୀ ଜଳସେଚନ ବିଭାଗର ।ଏହି ବିଭାଗ ପୁରୁଣା ସରକାରୀ ଜାଗା ଜଣେ ଲୋକ ଜବରଦସ୍ତ ମାଡ଼ି ବସି ପାଚେରୀ କରିଛି କି ? ତାକୁ କେଉଁ ଯନ୍ତ୍ରୀ ଟଙ୍କା ନେଇ ମଡ଼ାନ ଦେଇଛନ୍ତି ? ଏହାର ଦୁର୍ନୀତି ବିଭାଗ ତାଙ୍କ ତଦନ୍ତ କୁ ନିଅନ୍ତୁ ଓ ବିଶ୍ୱାଳ ଯନ୍ତ୍ରୀଙ୍କୁ ଏହି ବିଷୟର ଅନ୍ତର୍ଭୁକ୍ତ କରାଯାଉ ସବୁ ରେ ସେ ଅଛନ୍ତି। ଏହାକୁ ଆମର ଜିଲ୍ଲା ପରିଷଦ ବଡ ନେତା ଫୋନ କରି ଧମାଇକ କହି ଦିଆ ଛନ୍ତି ଶୁଣାଯାୟେ। ମୋଟ ଉପରେ ଜଳସେଜନ ବିଭାଗ ଖୋରଧା ସବୁ ବଡ଼ କର୍ମଚାରୀ ବିନା ଲାଞ୍ଚରେ କାମ ହୁଏ ନାହିଁ ।ଅନ୍ୟ ମାନେ କେବେ ଧରା ହେବେ ଆୟ ବହିର୍ଭୂତ ସମ୍ପତି ଠୁଳକରି ରଖିଛନ୍ତି। ଏହି ବିଷୟ ଖୋର୍ଦ୍ଧା ଜିଲ୍ଲାପାଳ,ଉରଙ୍ଗ ଭିଜିଲାନ୍ସ ବିଭାଗ ତଦନ୍ତ କରିବା ପାଇଁ ଖୋରଧା ଜନସାଧାରଣ ଙ୍କ ଦାବି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାଇଁ ପସ୍ତୁତି

ରୂପସା,୦୭/୧୨ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ପ୍ରେସ କ୍ଲବ, ବସ୍ତା ଓ ବସ୍ତା ସ୍ଥିତ ବେହେରା ମାର୍ବଲ ଓ ଟାଇଲସ ବ୍ୟବସାୟିକ ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେଆସନ୍ତା ୧୧ ତାରିଖ ରେ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଏହି ଅବସରରେ ବାହାର୍ଦା ଡାକବଙ୍ଗଳା ଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ ଅଧକ୍ଷତା କରିଥିଲେ । ପ୍ରତିଷ୍ଠାନର ମୁଖ୍ୟ ମିଥୁନ କୁମାର ବେହେରା ଶିବିର ର ରୂପରେଖ ସମ୍ପର୍କ ରେ ସୂଚନା ଦେଇଥିଲେ । ସମ୍ପାଦକ ବ୍ରଜମୋହନ ମିଶ୍ର ଶିବିରର ସଫଳ ରୂପାୟନ ଦିଗରେ ଆଲୋକପାତ କରିଥିଲେ । କର୍ମକର୍ତ୍ତା ଶିରୀଶ ମହାନ୍ତି, ରଞ୍ଜନ ବେହେରା, ହରିଶଙ୍କର ପାଣି, ଅଜିତ ସାହୁ, ଦୀନବନ୍ଧୁ ପ୍ରଧାନ, ସର୍ବେଶ୍ୱର ବେହେରା,ଦିଲ୍ଲୀପ ସାହୁ,ମାନସ ବେହେରା, ଜଗତ ଗିରି, ମନୀଷ ରାଇମୋହିଆ, ବିଜୟ ଭୂୟାଁ, ଉମାକାନ୍ତ ମହାନ୍ତି, ରବିନାରାୟଣ ଶତପଥି, ସୀତାକାନ୍ତ ଦାସ, ମନୋରଞ୍ଜନ ପ୍ରଧାନ, ମଧୁସୂଦନ ପଣ୍ଡିତ ପ୍ରମୁଖ ଯୋଗ ଦେଇ ଅଧିକ ରକ୍ତ ସଂଗ୍ରହ ଦିଗରେ ରକ୍ତଦାତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଜୱାଦ ପ୍ରଭାବରେ ୨୧୫୦୦ ହେକ୍ଟର ଜମିର ଚାଷ ପ୍ରଭାବିତ

ଜଳେଶ୍ୱର, ୭/୧୨(ନି.ପ୍ର) : ବାତ୍ୟା ଜୱାଦ ର ଭୟ ଚାଷୀଙ୍କ ମନରୁ ଦୂରେଇ ଯାଇଛି । ଗତ ୩ ଦିନ ଧରି ଲାଗି ରହିଥିବା ବର୍ଷା ଆଜି ନ ଥିଲେ ବି କୋହଲା ପାଗ ଚାଷୀଙ୍କ ମନକୁ ଭାରାକ୍ରାନ୍ତ କରିଛି । ଏବେବି ହଜାର ହଜାର ହେକ୍ଟର ଜମି ର ଧାନଚାଷ କଟାଯାଇ ପାରିନଥିବା ବେଳେ ୨୧୫୫୬ ହେକ୍ଟର ଜମିର ଚାଷ କଟାଯାଇପାରିନଥିବାରୁ ଜଳେଶ୍ୱର କୃଷିଜିଲା ଅଧିକାରୀ ଚନ୍ଦ୍ର ସେଖର ପାଢ଼ି ସାମ୍ବାଦିକଙ୍କ ପ୍ରଶ୍ନ ଉତ୍ତରରେ କହିଛନ୍ତି । କୃଷି ବିଭାଗର ତଥ୍ୟରୁ ପ୍ରକାଶ ଚଳିତବର୍ଷ ଜଳେଶ୍ୱର ବ୍ଲକରେ ୨୦୦୫୫ ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ବାତ୍ୟ ଜୱାଦ ଆସିବା ପୂର୍ବରୁ ୧୬୭୩୪ ହେକ୍ଟର ଜମିର ଧାନ କଟା ଓ ବୁହା ସରିଥିଲା । ବର୍ଷା ହେଲା ବେଳକୁ ୩୨୨୧ ହେକ୍ଟର ଜମିର ଧାନ କଟା ଯାଇନଥିବା ବେଳେ ବର୍ଷାଯୋଗୁଁ ସେଗୁଡିକ ମାଟିରେ ଲୋଟୁଛି । କିନ୍ତୁ ୨୧୯୭ ହେକ୍ଟର ଜମିର ଧାନ ମାଟିରେ ଲୋଟୁଥିବା ଯୋଗୁଁ ତା ଉପରେ ପାଣିର ସୁଅ ଛୁଟୁଛି । ବାଲିଆପାଳ ବ୍ଲକର ୧୫୪୫୬ ହେକ୍ଟର ଜମି ଧାନଚାଷ ହାଇଥିବା ବେଳେ ବାତ୍ୟା ପୂର୍ବରୁ ୮୨୦୮ ହେକ୍ଟର ଜମିର ଧାନ କଟା ସରିଥିଲା । ବର୍ଷାଯୋଗୁଁ ୭୨୪୮ ହେକ୍ଟର ଜମି କଟା ଓ ବୁହା ଯାଇପାରିନଥିଲା । ଏହି ବ୍ଲକର ୨୩୪୦ ହେକ୍ଟର ଜମିର ଧାନଗଛ ପାଣିରେ ଭାଷୁଥିବା ଶ୍ରୀ ପାଢ଼ି କହିଛନ୍ତି । ସେହିପରି ଭୋଗରାଇ ବ୍ଲକର ୧୫୮୩୭ ହେକ୍ଟର ଜମିରେ ଖରିଖବ ଧାନଚାଷ ହୋଇଥିବା ବେଳେ ବର୍ଷା ବେଳକୁ ୪୭୫୦ ହେକ୍ଟର ଜମିର ଧାନ କଟା ବୁହା ସରିଥିଲା । କିନ୍ତୁ ୧୧୦୮୭ ହେକ୍ଟର ଜମିର ଧାନ କଟାଯାଇ ପାରିନଥିବା ବେଳେ ୧୫୦ ହେକ୍ଟର ଜମି ଉପରେ ପାଣିର ସୁଅ ଛୁଟୁଛି । ମୋଟ ୨୧୫୫୬ ହେକ୍ଟର ଜମି ଧାନ ଚାଷ ବାତ୍ୟ ବେଳେକୁ କଟା ହୋଇ ପାରିନଥିବା ବେଳ ୪୬୦୯ ହେକ୍ଟର ଜମିର ଚାଷ ଏବେବି ପାଣି ଭିତରେ ପଡି ରହିଛି । ପରିସ୍ଥିତିକୁ ଲକ୍ଷ୍ୟ କରି ଏହାର ତଦନ୍ତ ହେବା ସହିତ ଗରିବ ଚାଷୀ ମାନଙ୍କୁ କ୍ଷତିପୂରଣ ଦେବା ଓ ଆଗାମୀ ଦିନରେ ଚାଷ ଲାଗି ରିହାତି ଦରରେ ବିହନ, ସାର, କୀଟମରା ଔଷଧ ଯୋଗାଇ ଦେବାକୁ ଦାବି ହୋଇଛି ।

# ସୂଚନା ଅଧୀକାର କର୍ମୀ ମହେଶ୍ୱର ମହାନ୍ତି ସମ୍ବର୍ଦ୍ଧିତ



ବାରିପଦା, ୦୭/୧୨ (ନି.ପ୍ର): ଓଡିଶା ସୂଚନା ଅଧୀକାର ଅଭିଯାନର ଦ୍ୱାଦଶ ରାଜ୍ୟସ୍ତରୀୟ ସମ୍ମିଳନୀ କଟକ ଠାରେ ପାଳନ ହେବା ଆବସର ରେ ମୟୂରଭଞ୍ଜ ଜିଲା ମୋରୋଡା ବ୍ଲକର ସୂଚନା ଅଧୀକାର ଆବାହକ ମହେଶ୍ୱର ମହାନ୍ତି ସମ୍ବର୍ଦ୍ଧିତ ହୋଇ ଥିବାର ଜଣା ଯାଇଛି । ସୂଚନା ଅଧିକାର ଆଇନର ସଫଳ ପ୍ରୟୋଗ ପାଇଁ ତାଙ୍କୁ ଏହି ସମ୍ମୀଳନୀରେ ଅତିଥି ଭାବେ ଯୋଗ ଦେଇଥିବା ରାଜ୍ୟ ମୂଖ୍ୟସୂଚନା କମିଶନର ଶ୍ରୀଯୁକ୍ତ ଜଲ୍ଲଦ ତ୍ରୀପାଠୀ, ପୂର୍ବତନରାଜ୍ୟ ମୂଖ୍ୟସୂଚନା କମିଶନର ଶ୍ରୀଯୁକ୍ତ ସୁନିଲ ମିଶ୍ର, ପୂର୍ବତନ କେନ୍ଦ୍ର ସୂଚନା କମିଶନର ଶ୍ରୀଯୁକ୍ତ ଶ୍ରୀଧର ଆଚାରୁଲୁ ବରିଷ୍ଠ ସମ୍ବାଦିକ ଶ୍ରୀଯୁକ୍ତ ରବିଦାସ, ଶ୍ରୀଯୁକ୍ତ ସତ୍ୟପ୍ରକାଶ ନାୟକ, ବରିଷ୍ଠ ଆଇନଜିବି ଚିତ ବେହେରା, ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ପ୍ରମୁଖ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରିଛନ୍ତି । ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତିଙ୍କ କାର୍ଯ୍ୟଧାରା ପାଇଁ ମୟୂରଭଞ୍ଜ ଜିଲାର ଗୌରବ ବୃଦ୍ଧି ହୋଇଥବାରୁ ଓଡିଶା ସୁଚନା ଅଧୀକାର ଅଭିଯାନ ମୟୂରଭଞ୍ଜ ଜିଲ୍ଲା ଶାଖାର ଆବାହକ ସନ୍ତୋଷ ମହାନ୍ତି, ଚକ୍ରଧରସାହୁ ଓ ଅନ୍ୟ ସୁଚନା ଅଧୀକାର କର୍ମୀମାନେ ଖୁସି ପ୍ରକଟ ସହିତ ସମସ୍ତ ସୂଚନା ଅଧିକାର କର୍ମୀଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । ଏହି ସମ୍ମିଳନିରେ ମୟୁରଭଂଜ ଓସା ତରଫରୁ ଚକ୍ରଧର ସାହୁ, ମହେଶ୍ୱର ମହାନ୍ତି, ଦୟାନିଧି ମହାନ୍ତ, ସଞ୍ଜୟ ମହାନ୍ତ, ପ୍ରତାପ ମହାନ୍ତ, ଜ୍ୟୋତି ମହାନ୍ତ, ଆରତୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୬,୮୨୨ ନୂଆ ମାମଲା

ନୂଆଦିଲ୍ଲୀ, ୦୭/୧୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୬,୮୨୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୨୨୦ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯୫,୦୧୪ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୭୩୭୫୭ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ଜଳେଶ୍ୱର ବ୍ଲକ୍‌ରେ ଅନିଶ୍ଚିତତା ମଧ୍ୟରେ ଛତୁଆ ବଣ୍ଟନ

ଜଳେଶ୍ୱର, ୭/୧୨(ନିପ୍ର) : ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ମାଧ୍ୟମରେ ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କ ଲାଗି ପୃଷ୍ଟିକର ସୁଷମ ଛତୁଆ ପ୍ରତିମାସ ଯୋଗାଇଥାନ୍ତି । ଏହି ଛତୁଆକୁ ମହିଳା ମହାସଂଘମାନେ ପ୍ରସ୍ତୁତ କରିଥାନ୍ତି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ୩୫ଟି ପଂଚାୟତ ମଧ୍ୟରୁ ୧୦ଟି ପଂଚାୟତ ଓ ମ୍ୟୁନିସିପାଲଟିରେ ଥିବା ଅଂଗନୱାଡି କେନ୍ଦ୍ରକୁ ସୁବର୍ଣ୍ଣା ମହିଳା ମହାସଂଘ ଛତୁଆ ଯୋଗାଇ ଆସୁଥିଲେ । ମହାସଂଘର ସଂପାଦିକା ବନିତା ଗିରି ଆଇ.ସି.ଡି.ଏସ୍ ସୁପର ଭାଇଜର ଭାବେ କାର୍ଯ୍ୟ କରୁଥିବାରୁ ସେ ସଂଘରେ ରହିପାରିବେ ନାହିଁ ବୋଲି ମିଶନଶକ୍ତିର ନୂତନ ନୟମ ଅନୁଯାୟୀ ଏକ ଅଚଳାବସ୍ଥା ସୃଷ୍ଟି ହୋଇଛି । ମହାସଂଘ ଗତ ୨ ମାସ ଧରି ଟଙ୍କା ନ ପାଇବାରୁ ଚଳିତ ମାସ ଛତୁଆ ପ୍ରସ୍ତୁତ କରି ହିତାଧିକାରୀଙ୍କୁ ଯୋଗାଇବା ଅସମ୍ଭବ ହୋଇ ପଡିଛି ବୋଲି ସଂଘର ସଭାପତି ନିୟତୀ ରାଜ ସୂଚନା ଦେଇଛନ୍ତି । ମହାସଂଘ ଏ ସଂପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି ଏହାର ସମାଧାନ ହୋଇ ପାରିନାହିଁ । ଡିଏସ୍‌ଡବ୍ଲ୍ୟୁଓ ବାଲେଶ୍ୱର ଚିଠି ନଂ ୨୮୧୫ ମୂଳେ ଜଳେଶ୍ୱର ସିଡିପିଓ ନିହାରିକା ମହାନ୍ତିଙ୍କୁ ଏହାର ସମାଧାନ ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାର ସମାଧାନ ହୋଇନପାରିବାରୁ ଡିସେମ୍ବର ମାସର ଛତୁଆ ଏ ଯାବତ୍ ହିତାଧିକାରୀମାନେ ପାଇ ନାହାନ୍ତି । ଗତ ୨୯ ତାରିଖରେ ମହାସଂଘ ପକ୍ଷରୁ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବା ବେଳେ ବିଡିଓ ଦିପ୍ତିରଂଜନ ସେଠୀ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ସମାଧାନ ହେବାର ପ୍ରତିଶ୍ରୁତି ଏବେ ପାଣିର ଗାର ପାଲଟିଛି । ସୂଚନାଯୋଗ୍ୟ ମାସର ପ୍ରଥମ ସପ୍ତାହରେ ଛତୁଆ ବଣ୍ଟନର ନିୟମ ଥିଲେ ମଧ୍ୟ ଅଦ୍ୟାବଧି ପ୍ରସ୍ତୁତ ହୋଇନଥିବାରୁ ହିତାଧିକାରୀମାନେ ଛତୁଆ ପାଇବା ଏକପ୍ରକାର ଅତିଶ୍ଚିତତା ମଧ୍ୟରେ ରହିଛି । ତେବେ ଏପରି ଛକାପଞ୍ଝା ସଂପର୍କରେ ବହୁକଥା ଶୁଣିବାକୁ ମିଳୁଛି । ଖୁବ୍‌ଶୀଘ୍ର ଏହାର ସମାଧାନ କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି । ଏ ସମ୍ପର୍କରେ ସିଡିପିଓ ଶ୍ରୀମତୀ ମହାନ୍ତିଙ୍କୁ ପଚାରିବାରୁ ଚଳିତ ଡିସେମ୍ବର ମାସଲାଗି ଭୋଗରାଇ ବ୍ଲକର ଥିବା 'ମା' ଏବଂ 'କାଳିମାତା' ଛତୁଆ ପ୍ରସ୍ତୁତକାରୀ ସ୍ୱୟଂ ସହାୟିକା ଗୋଷ୍ଠି ଆସନ୍ତା ଶୁକ୍ରବାର ସୁଦ୍ଧା ଯୋଗାଇବେ ବୋଲି କହିଛନ୍ତି ।

# ଜଳେଶ୍ୱର ତହସିଲରେ ୨ ବାଲି ସୈରାତର ଖୋଲିଲା ଟେଣ୍ଡର : ଯାଞ୍ଚ ପ୍ରକ୍ରିୟା ଆରମ୍ଭ



ଜଳେଶ୍ୱର, ୭/୧୨(ନି.ପ୍ର): ବହୁ ଚର୍ଚ୍ଚିତ ଜଳେଶ୍ୱର ତହସଇଲ ଅନ୍ତଗୟତ ସୁବର୍ଣ୍ଣରେଖା ନଦୀବାଲିର ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ କ୍ରମାନ୍ନୟରେ ଖୋଲା ଯାଉଛି । ଆଜି ଗୋବର୍ଦ୍ଧନପୁର ଓ ଚୋରମରା ବାଲି ସୈରାତ ସଂପର୍କରେ ଟେଣ୍ଡର ଖୋଲାଯିବା ପରେ ବିଭିନ୍ନ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବା ସମ୍ପର୍କରେ ତହସିଲଦାର ସ୍ମୃତିରଂଜନ ମଲ୍ଲିକ ସୂଚନା ଦେଇଛନ୍ତି । ଜଳେଶ୍ୱର ତହସିଲ ଅଧିନରେ ମୋଟ ୨୨ଟି ବାଲି ସୌରାତ ଥିବା ବେଳେ ଗତ କିଛିମାସ ଧରି ବ୍ୟାପକ ଚୋରା ଚାଲାଣ ହୋଇ ଆସୁଥିଲା । ସୌରାତ ଗୁଡିକ ନିଲାମ ହେଉନଥିବାରୁ ସରକାରୀ ଓ ବେସରକାରୀ କାର୍ଯ୍ୟଲାଗି ବାହାର ଅଂଚଳରୁ ଅଧିକ ଖର୍ଚ୍ଚରେ ବାଲି ପରିବହନ ହେଉଥିଲା । ଆଜି ବାଲେଶ୍ୱରରୁ ତଉଜି ଅଧିକାରୀ, ତହସିଲଦାର, ସୁପର ଭାଇଜର ସମ୍ମିଳିତ ଭାବେ ଏହି କାର୍ଯ୍ୟ ତୁଲାଇଥିବା ବେଳେ ବାଲି ସୈରାତ ଗୁଡିକ କିପରି ନିଲାମ ଦିଆଯାଉଛି ତାହା ଦେଖିବାକୁ ବାକି ରହିଲା ।

# ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ୨୮ତମ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ



ବାରିପଦା, ୦୭/୧୨ (ନି.ପ୍ର): ବିଶିଷ୍ଟ ଭୂଦାନ ଓ ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ଶ୍ରାଦ୍ଧ ଦିବସ ପ୍ରତିବର୍ଷ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ପାଳନ କରାଯାଉଥିବା ସ୍ଥଳେ ଚଳିତ ବର୍ଷ ସ୍ୱର୍ଗତ ମହାନ୍ତିଙ୍କର ୨୮ତମ ସ୍ମୃତି ଦିବସ କରୋନା କଟକଣା ମଧରେ ଭଞ୍ଜପୁର ସ୍ଥିତ ସର୍ବୋଦୟ ଆଶ୍ରମରେ ବିନୋବା ସ୍ମାରକ ଟ୍ରଷ୍ଟ ଆନୁକୂଲ୍ୟରେ ସୋମବାର ଅପରାହ୍ନରେ ପାଳିତ ହୋଇଯାଇଛି । ବିଶିଷ୍ଟ ସମାଜସେବୀ ଗାନ୍ଧିବାଦୀ ନେତ୍ରୀ ବିରଜା ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ ଆଶିଷ ବସା, ସମ୍ମାନିତ ଅତିଥି ରୂପେ ଭଞ୍ଜପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ କେନ୍ଦ୍ରର ପ୍ରତିଷ୍ଠାତା ଜ୍ୟୋତିରଞ୍ଜନ ଦାସ ଏବଂ ଯୁବ ସାମ୍ବାଦିକ ଦୀପକ କୁମାର ନାୟକ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆର୍ଯ୍ୟଭଟ୍ଟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ସ୍ମୃତି ଆଲୋଚନା ବୈଠକରେ ପ୍ରଥମେ ଫୋଟଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ତାଙ୍କ ଜୀବନାଦର୍ଶ ବିଷୟରେ ଆଲୋଚନା କରାଯାଇଥିଲା ।

# ଏକଲ ଅଭିଯାନ ତରଫରୁ ଶୌର୍ଯ୍ୟ ଦିବସ ପାଳିତ



ଉଦଳା, ୦୭/୧୨ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ ତରଫରୁ ଉଦଳା ଠାରେ ଚଳିତ ଡ଼ିସେମ୍ବର ୬ ତାରିଖ ସୋମବାର ଦିନ 'ଶୌର୍ଯ୍ୟ ଦିବସ' ପାଳିତ ହୋଇ ଯାଇଛି । ଏହି ଅବସରରେ ବିଜୟ ମହାମନ୍ତ୍ର, ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ହନୁମାନ ଚାଳିଶା ପାଠର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ସମ୍ଭାଗ ଜାଗରଣ ମଞ୍ଚର ଅଭିଯାନ ପ୍ରମୁଖ ସୁକେଶ କୁମାର ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ କାର୍ଯ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା । ଏହାପରେ ସମସ୍ତେ ଏକ ସ୍ୱରରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଓ ବିଜୟ ମହାମନ୍ତ୍ର ପାଠ କରିଥିଲେ । ପରେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା । ଆଲୋଚକ ଭାବରେ ଅଞ୍ଚଳ ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି, ଅଞ୍ଚଳ ପ୍ରାଥମିକ ଶିକ୍ଷା ପ୍ରମୁଖ ସ୍ୱପ୍ନେଶ୍ୱର ନାୟକ, ଭାଗ ଗତିବିଧି ପ୍ରମୁଖ ବେଣୁଧର କଣ୍ଡାବାଉଁଶିଆ, ଉଦଳା ସଞ୍ଚ ପ୍ରମୁଖ ଅଜୟ କୁମାର ବେହେରା, ଗୋପବନ୍ଧୁନଗର ସଞ୍ଚ ପ୍ରମୁଖ ରିତାଞ୍ଜଳି ପ୍ରଧାନ ଅଂଶ ଗ୍ରହଣ କରି କରସେବକ ମାନଙ୍କ ପରାକ୍ରମ ଦ୍ୱାରା ଶ୍ରୀରାମ ଜନ୍ମଭୂମି ଉପରୁ ଦିର୍ଘ ୫୦୦ ବର୍ଷର କଳଙ୍କ ୧୯୯୨ ମସିହା ଡ଼ିସେମ୍ବର ୬ ତାରିଖ ଆଜିର ଦିନରେ ଧୋଇ ହୋଇ ଯାଇଥିଲା । ତେଣୁ ଆଜିର ଦିନକୁ ସମଗ୍ର ଭାରତ ବର୍ଷରେ 'ଶୌର୍ଯ୍ୟ ଦିବସ' ରୂପେ ପାଳନ କରାଯାଉଛି ବୋଲି ବ୍ୟକ୍ତ କରିଥିଲେ । ପରେ କବୟିତ୍ରୀ ପ୍ରମିଳା ପଣ୍ଡାଙ୍କ ସଂଯୋଜନାରେ 'ଶୌର୍ଯ୍ୟ ଦିବସ'କୁ କେନ୍ଦ୍ର କରି କବିତା ପାଠୋତ୍ସବ ଆରମ୍ଭ ହୋଇଥିଲା । ଏଥିରେ ଅଞ୍ଚଳ କାର୍ଯ୍ୟାଳୟ ପ୍ରଭାରୀ ମନୋରଂଜନ ମଲ୍ଲିକ, କୋଷାଧକ୍ଷ ଅନୀତା ବିଶ୍ୱାଳ, ଖଇରା ସଞ୍ଚ ପ୍ରମୁଖ ଗିତା ପ୍ରଭାସିନୀ ପାଢ଼ୀ, ଈଶ୍ୱରପୁର ସଞ୍ଚ ପ୍ରମୁଖ କନକଲତା ଘଡ଼େଇ, ଶରତ ସଞ୍ଚ ପ୍ରମୁଖ ଦେବକୀ ମହାନ୍ତ ଅଂଶ ଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ ।

# ଇନ୍‌ଟାକ୍‌ର ଜିଲ୍ଲାପାଳଙ୍କୁ ଦାବିପତ୍ର



ଭଦ୍ରକ, ୦୭/୧୨ (ନି.ପ୍ର): ଭଣ୍ଡାରିପୋଖରୀ ଥାନା ଅଧୀନସ୍ଥ ପ୍ରାଚୀନ କୀର୍ତ୍ତିରାଜି ବିମଣ୍ଡିତ ସୋଳମପୁର ଗ୍ରାମ ଏକ ଐତିହାସିକ ଗ୍ରାମ। ଏଠାରେ ବିପର୍ଯ୍ୟସ୍ତ ଭାବେ ପଡ଼ିରହିଥିବା ମୂର୍ତ୍ତିଗୁଡ଼ିକ ମଧ୍ୟରୁ ଅଧିକାଂଶ ଚୋରି ହୋଇଗଲାଣି। ଗତବର୍ଷ ଏଠାରୁ ଦୁଇଟି ବୌଦ୍ଧ ମୂର୍ତ୍ତି ଚୋରିହୋଇଗଲା। ଉକ୍ତ ଚୋରି ସମ୍ବନ୍ଧରେ ଇନ୍‌ଟାକ୍ ଜିଲ୍ଲା ଆରକ୍ଷୀ ଅଧୀକ୍ଷଙ୍କୁ ଜଣାଇଥିଲା। କିନ୍ତୁ ମୂର୍ତ୍ତି ଏଯାବତ ଉଦ୍ଧାର ହୋଇପାରିଲା ନାହିଁ। ଏବେ ସୋଳମପୁର ନିକଟସ୍ଥ ଗ୍ରାମ ମାନଙ୍କରୁ ଦୁର୍ଲଭ ବୁଦ୍ଧ ମସ୍ତକ, ଅବଲୋକିତେଶ୍ୱର, ଅନେକ ବୌଦ୍ଧ ସ୍ତୁପ ସମେତ ପ୍ରାଚୀନ ମାଟି ପାତ୍ରମାନ ନିକଟସ୍ଥ ବୈତରଣୀ ପଠାରୁ ମିଳିଛି ଏବଂ ସେଗୁଡ଼ିକ ରଘୁନାଥ ମନ୍ଦିର ବେଢ଼ାରେ ଥିବା ନବନିର୍ମିତ ଗୃହରେ ରଖାଯାଇଛି। ଏହାର ଉନ୍ନୟନ ପାଇଁ ଭଦ୍ରକ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବୀଗୁଡ଼ିକ ହେଲା ବିକ୍ଷିପ୍ତ ହୋଇ ପଡ଼ିରହିଥିବା ପ୍ରତ୍ନତାତ୍ତ୍ୱିକ ଅବଶେଷଗୁଡ଼ିକ ନବନିର୍ମିତ ଗୃହରେ ସାଇତି ରଖିବା ପାଇଁ ଭଣ୍ଡାରିପୋଖରୀ ଥାନା ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ବ୍ୟବସ୍ଥା, ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଏଠାରେ ସିସି କ୍ୟାମେରା ଲଗାଯିବା, ଜଗୁଆଳି ନିଯୁକ୍ତି, ସର୍ବୋପରି ଉକ୍ତ ଗ୍ରାମକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ଇତ୍ୟାଦି। ଇନ୍‌ଟାକ୍ ତରଫରୁ କନ୍‌ଭେନର ଶ୍ରୀ ଦିଗମ୍ବର ମହାନ୍ତିଙ୍କ ସମେତ ଇନ୍‌ଟାକ୍ ସଦସ୍ୟ କ୍ଷୀରୋଦ କୁମାର ସାମଲ, ଡ. ଭାଗବତ ତ୍ରିପାଠୀ, ଡ. ଗୋଲକ ବିହାରୀ ସାହୁ, ପଦ୍ମନାଭ ପାଢ଼ୀ, ପ୍ରଭାକର ମଲ୍ଲିକ, ଅଜିତ୍ କୁମାର ନାୟକ, ବାଦଲ କିଶୋର ମହାପାତ୍ର, କରୁଣାକର ଉପାଧ୍ୟାୟ, କାଶୀନାଥ ସାହୁ, ବିଶ୍ୱମ୍ବର ରାଉତ ଜିଲ୍ଲାପାଳଙ୍କ ଠାରେ ଦାବୀପତ୍ର ପ୍ରଦାନ କରିଥିଲେ।

# ପୌରାଞ୍ଚଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କିତ ସଚେତନତା

ବାଲେଶ୍ୱର,୦୭/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ଼ ବ୍ୟବହାର ଓ ଏହାର ଉପାଦେୟତା ସମ୍ପର୍କରେ ଏବେ ସବୁଠି ଚାଲିଛି ସଚେତନତା।ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରାଞ୍ଚଳ ୧୨ ନଂ ୱାର୍ଡ଼ରେ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ ଓ ଜନ ସଚେତନତା କାର୍ଯ୍ୟକ୍ରମ ୭ ତାରିଖ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ମହିଳା ଜନତା ଦଳ ଜିଲା ସମ୍ପାଦିକା ମୀନତି ସେଠୀଙ୍କ ନେତୃତ୍ୱରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୧୨ନଂ ୱାର୍ଡ଼ର ୧୮ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର କର୍ମକର୍ତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସମସ୍ତେ ଏକ ଶୋଭାଯାତ୍ରାରେ ୱାର୍ଡ଼ର ଘର ଘର ବୁଲି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପାଦେୟତା ଓ ସ୍ମାର୍ଟ କାର୍ଡ଼ର ବ୍ୟବହାର ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। 'ଚିକିତ୍ସା ଅଭାବରୁ ରାଜ୍ୟରେ କାହାର ମୃତ୍ୟୁ ନ ହେଉ'ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଆଭିମୁଖ୍ୟକୁ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଙ୍ଘର ସଭାପତି ଝୁନୁରାଣୀ ବାରିକ ଓ ସମ୍ପାଦିକା ସସ୍ମିତା ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ପାରାଦୀପ, ୦୭/୧୨ (ନି.ପ୍ର): ଶୀତ ଦିନ ଆସିବା ପରେ ସମସ୍ତେ ଶୀତବସ୍ତ୍ରକୁ ଆଦର କରିଥାନ୍ତି। ଗତ ସାମୁଦ୍ରିକ ବାତ୍ୟା ଜୱାଦ ଯିବା ପରେ ପାରାଦୀପ ସହରରେ ଶୀତ ବଢ଼ିବାରେ ଲାଗିଛି। ପାରାଦୀପର ବିଭିନ୍ନ ସ୍ଥାନ ବିଶେଷ ଭାବେ ବସ୍ତିମାନଙ୍କରେ ରହୁଥିବା ଲୋକମାନଙ୍କର ଆର୍ଥିକ ସ୍ଥିତ ଭଲ ନଥିବାରୁ ସେମାନେ କମ୍ବଳର ଅଭାବ ପରିଲକ୍ଷତିତ କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦରର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ପାରାଦୀପ ନେହେରୁବଙ୍ଗଳା ବସ୍ତିରେ ଶୀତବସ୍ତ୍ର କମ୍ବଳ ଓ ସାନିଟାରୀ ନାପ୍‌କିନ୍ ବଣ୍ଟନ କରାଯାଇଥିଲା । ମଙ୍ଗଳବାର ଦିନ ପାରାଦୀପ ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ପି.ଗିରିଜା ସୁନ୍ଦରୀ ନେହେରୁବଙ୍ଗଳା ବସ୍ତିରେ ପହଂଚି ବସ୍ତିର ଅସହାୟ ଲୋକମାନଙ୍କୁ ଉଚ୍ଚମାନର କମ୍ବଳ୍ବଣ୍ଟନ କରିବା ସହିତ ସାନିଟାରୀ ନାପ୍‌କିନ୍ ବଣ୍ଟନ କରିଥିଲେ । ବନ୍ଦରର କଲ୍ୟାଣ ଅଧିକାରୀ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ପାରାଦୀପ ଲେଡିଜ୍ କ୍ଲବ୍‌ର ସଦସ୍ୟା,ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# କମ୍ପାନୀ ଠାରୁ ଚାନ୍ଦା ଆଦାୟ ମାମଲା : ତିନି ସାମ୍ବାଦିକଙ୍କୁ ଜିଲ୍ଲା ପ୍ରଶାସନର କ୍ଲିନ୍‌ଚିଟ୍

ପାରାଦୀପ, ୦୭/୧୨ (ନି.ପ୍ର): ନିଉଜ୍-୭ର ପାରାଦୀପ ପ୍ରତିନିଧିର ଜ୍ଞାନଂଜୟ ମହାନ୍ତି, ସମ୍ବାଦର କୁଜଙ୍ଗ ପ୍ରତିନିଧି ଦୁଷ୍ମନ୍ତ ମାଝୀ ଓ ସମାଜର କୁଜଙ୍ଗ ପ୍ରତିନିଧି ବିଭୂତି ଭୂଷଣ ଦାସଙ୍କ ବିରୁଦ୍ଧରେ ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାରୁ ବେଆଇନ୍ ଚାନ୍ଦା ଆଦାୟ କରିବାର ଅଭିଯୋଗ ଆଣିଥିଲେ କୁମାରୀ ସଂଧ୍ୟା ସୁମନ ସାହୁ। ସଂଧ୍ୟା ସମୁନ ସାହୁ ସୁପ୍ରିମ୍ କୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟରେ ଏହି ଅଭିଯୋଗ କରିଥିଲେ । ଏହି ଅଭିଯୋଗର ତଦନ୍ତ କରିବାକୁ ରାଜ୍ୟ ସାଧାରଣ ପ୍ରଶାସନ(ଭିଜିଲାନ୍ସ)କୁ ୧୫୦୩୩/୦୮.୦୯.୨୦୨୧ରେ ପଠାଯାଇଥିଲା। ଏହି ଚିଠିକୁ ଅନୁଧ୍ୟାନ କରି ଏହି ତିନି ଜଣ ଗଣମାଧ୍ୟମ ପ୍ରତିନିଧି, ଶିଳ୍ପସଂସ୍ଥାର ଅଧିକାରୀ ଓ ଅଭିଯୋଗକାରିଣୀଙ୍କୁ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁରଙ୍କ କାର୍ଯ୍ୟାଳୟରେ ପହଂଚି ପକ୍ଷ ରଖିବାକୁ କୁହାଯାଇଥିଲା। ତିନି ଦିନ ଧରି ଏହା ହୋଇଥିଲା। ନିଉଜ୍-୭ର ପାରାଦୀପ ପ୍ରତିନିଧିର ଜ୍ଞାନଂଜୟ ମହାନ୍ତି, ସମ୍ବାଦର କୁଜଙ୍ଗ ପ୍ରତିନିଧି ଦୁଷ୍ମନ୍ତ ମାଝୀ ସେମାନଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗକୁ ଭିତ୍ତିହୀନ ବୋଲି କହିଥିବା ବେଳେ ସମାଜର କୁଜଙ୍ଗ ପ୍ରତିନିଧି ବିଭୂତି ଭୂଷଣ ଦାସ ସମାଜର ସେ ପ୍ରତିନିଧି ନୁହଁନ୍ତି ସେ ଏକ ସ୍କୁଲରେ ଶିକ୍ଷକତା କରୁଥିବା କହିଥିଲେ । ସେହିପରି ଶିଳ୍ପସଂସ୍ଥାର ପ୍ରତିନିଧିମାନେ ସେମାନଙ୍କୁ ଠାରୁ କେବେବି ଏହି ଗଣମାଧମ ପ୍ରତିନିଧିମାନେ ବେଆଇନ୍ ଭାବେ ଚାନ୍ଦା ମାଗିନଥିବା କହିଥିବା ନେଇ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁରଙ୍କ କାର୍ଯ୍ୟାଳୟ ପକ୍ଷରୁ ମେମୋ ନମ୍ବର-୮୩୦/ ୧୦.୧୧.୨୦୨୧ରୁ ଜଣାପଡିଛି। ସେହିପରି ଅଭିଯୋଗକାରିଣୀ ସଂଧ୍ୟାସୁମନ ନିଜର ପକ୍ଷ ରଖିବା ପାଇଁ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁରଙ୍କ କାର୍ଯ୍ୟାଳୟ ସୁଯୋଗ ଦିଆଯାଇଥିବା ବେଳେ ସେ ହାଜର ହୋଇନଥିଲେ । ଜିଲ୍ଲା ପ୍ରଶାସନର ଏହି ନିର୍ଦ୍ଦେଶନାମା ଜାରୀ ହେବା ପରେ ପାରାଦୀପର ସମ୍ବାଦିକମାନେ ପ୍ରଶାସନର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ।

## ଜୁଆ ଆଡ୍ଡାରେ ଚଢାଉ : ତିନି ଗିରଫ

ପୁରୀ, ୦୭/୧୨ (ନି.ପ୍ର): ମାର୍କଣ୍ଡେଶ୍ୱରସାହି ହରିଜନ ବସ୍ତିରେ ଜୁଆଖେଳୁଥିବାବେଳେ ବାସେଳୀସାହି ଥାନା ପୁଲିସ ଅତର୍କିତ ଚଢାଉ କରି ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମିଶ୍ର ନୋଳିଆ ସାହିର ମଟ୍ଟୁ ବେହେରା ଓରଫ ମଣ୍ଟୁ(୨୯),ସନ୍ତୁ ଓରଫ ସନ୍ତୋଷ ବେହେରା(୨୯) ଓ ମାର୍କଣ୍ଡେଶ୍ୱରସାହି ହରିଜନବସ୍ତିର ବିମଳ ନାୟକ(୨୬)। ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୪,୪୫୦ଟଙ୍କା, ତାସ୍ ଓ ଏକ ଜରିପାଲ ଜବତ କରାଯାଇଛି।

## QUOTATION CALL NOTTICE NO.-7/2021-22

Superintending Engineer, Baisinga Canal Division, Laxmiposi, Dist-Mayurbhanj, invites sealed quotation in plain paper from the registered Authorised Dealer / Firm for the following work. The Estimate for the work have been approved by the Chief Engineer and Basin Manger, Subarnarekha and Budhabalanga Basin, Laxmiposi.

Quotation will be received from 10.12.2021 at 11.00AM to 3.30PM of 21.12.2021 and will be opened at 4.00PM on dt. 21.12.2021 in presence of the quotationers or their authorized agents if any. The details of work, quantity & specification of items can be had from the office of the undersigned during office hour.

The quotation shall be accompanied with valid copies of GST registration certificate, PAN CARD & Bid security declaration.

The undersigned reserves the right to reject any or all the quoations without assigning any reason thereof.

| Sl. No. | Name of work | Estimated Amount | Space of work |
|---|---|---|---|
| 1 | 2 | 3 | 4 |
| 1. | R/M to Desktop Computers (consumables) for SIP, Laxmiposi (O/O the CE & BM, CCE SIP, FA & CAO & Baisinga Canal Division, Laxmiposi) for the year 2021-22. | Rs. 6,95,700/- | Supply of required materials as per list & specification available in this office |
| 2. | Procurement of Desktop Computers for Subarnarekha Irrigation Project, Laxmiposi | Rs. 9,15,650/- | Supply of required materials with installation as per list & specification available in the office. |

OIPR : 32281/11/0007/2122

Superintending Engineer,
Baisinga Canal Division, Laxmiposi

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo